
Thus, from an early age many children (such as I) are schooled in the OSA-Overachieving School of Acquisition. To acquire glory, fame, riches, and (of course) thus happiness, we must do well in life. To do well in life, we must do well in everything in life. The math test must be the highest score in the class, preferably a perfect score, so you can say you are the top in your class. You must run for Student Council President, so on applications you can show highly coveted "leadership roles." The Spelling Bee must be won, because that way you have won a contest- obviously a necessary requirement for happiness, according to this School of thought. Everything must be done not just well, but the best you can do it-, which of course is the best for anybody. It stems from the central belief of this credo- "To try is to achieve." Because you tried for it, obviously you must achieve it. Otherwise, you didn't try.

What is unfortunate about this school of thought is the number of Oriya parents who have membership, or in the case of some moms and dads (you know who you are), party offices. They often drive us Oriya children to the brink of insanity, trying to make us get straight As championships in everything from *bhajan* chanting to math to yachting, high positions in clubs and organizations. Perhaps it comes from some deep psychological need to prove yourself as a success, which they might have carried over after the extremely difficult emigration. Maybe it's because of the Oriya belief in close relationships between parents and kids, which often lead mamas and papas to vicariously live through their child's achievements. Maybe some parents have too much free time on their hands. Whatever the reason is, Oriya kids and adolescents are put under extreme pressure to prove our success in a world where there is already enough competition as it is.

There is nothing wrong with wanting to be a winner and achieve great goals. Who has not fantasized about becoming the MVP for their team and winning the State finals, or starring in the high school musical, or becoming a National Merit Scholar? I myself have always wanted to be valedictorian of my high school class. In every resume, application, and autobiography I have written, one of my life goals is to be valedictorian of my senior class. I would be number one, and they would announce my name at graduation, and I would walk up the aisle past all my friends and make a speech. The

speech would be wise and beautiful, the stuff of legends that people remember forever. Everyone would clap, and I would feel important and loved and wanted for a few seconds before disappearing again into the curse of mediocrity.

There is nothing wrong with such fantasizing about success and achievement. However, the crime comes when achievement becomes the only goal in your life. If you cannot truly enjoy yourself because you live from one contest to another, and your happiness is mirrored by the shine of whatever place medal you get, then you have truly failed the true contest: life. Parents should be careful of this untimely demise of their childrens' futures, and we younger ones should be vigilant for making over achievement the beat of our lives. Far better to be eternally silver, get straight Bs and enjoy life to the fullest, then get straight As and have your gold tarnished by your exhausted empty feeling in life.

When I reflect back on the over achievement epidemic, I realize the root cause of the disease. It is a great fear of being forgotten and unloved that if you don't achieve things and be successful, people will not admire and love you, and you will become another face in the crowd. It is important to remember that all the medals one wins, all the positions one has held, they will not matter too much later on in this life or the next. It does not really matter how much we are admired for what we have done for ourselves, but what we have done for others- and actually done for others, not to put community service on a resume. The candle of life one holds is not valued by the jeweled holder it may be in, but how often it has helped light other faltering flames.

There is no arguing that achievement is a big part of getting ahead in life. But in the race to get ahead, do not worry about what place you get. Silver is just as good as gold, and even last place is a victory in that you finished (hence my cross-country season). The medal is not the means of determining how good a person you are, but how many people's lives you have touched.

# ବର୍ଷକ ପରେ : ହେମନ୍ତ ବାବୁଙ୍କ ସ୍ମୃତି

– କଳ୍ପନାମୟୀ ଦାଶ

ଶ୍ରଦ୍ଧାରେ ସ୍ମରଣ କରାଯାଏ ବୋଲି ଏହି ଦିନଟିକୁ – ମୃତ୍ୟୁବାର୍ଷୀକୀକୁ 'ଶ୍ରାଦ୍ଧ' କୁହାଯାଏ । କିନ୍ତୁ ଏମିତି ତ ଗୋଟିଏ ଦିନ ବାଦ୍ ଯାଇନି – ଯେଉଁ ଦିନ ତୁମେ ସ୍ମରଣକୁ ଆସିନ । ଏବେବି କୁନି, ରାଜେଶ, ଦେବେଶଙ୍କ ସହ ଫୋନ୍‌ରେ କଥା ବାର୍ତ୍ତା ହେଲେ ଆମର ଲୁହ ଲହୁ ଏକାକାର ହୋଇଯାଏ । ରାତି ଯେତେ ଗଭୀର ହୁଏ – ନିଦ ସେତେ ପତଳା ହୋଇଯାଏ । ମାନସିକତା ଅବସନ୍ନତାର ଯନ୍ତ୍ରଣା ବଢିବା ସହ ତୁମର ସକଳ ସ୍ମୃତି ମନକୁ ମନ୍ଥନ କରି ଚାଲେ ।

ମତେ ଏବଂ ମୋର ୬ ବର୍ଷର ପୁଅ ରାଜା (ରାଜେଶ) କୁ ଆଗରେ ପଠେଇ ଦେଇ, ତୁମେ ଆମ ପଛରେ ଆସିଗଲ – ଏ ପ୍ରବାସରେ ନିଜର ଭାଗ୍ୟ ନିର୍ଦ୍ଧାରଣାପାଇଁ । ଠିକ୍ ଯେମିତି ସୀତାଙ୍କ ଅନୁଗମନ କରି ଚାଲିଥିଲେ ଲକ୍ଷ୍ମଣ । ଉଣେଇଶ ଚଉସ୍ତରୀ ମସିହାର ସାବିତ୍ରୀ ଅମାବାସ୍ୟା ମୋ ପାଇଁ "ସାବିତ୍ରୀ ବ୍ରତ" କୁ ଅଧିକ ଆଦରଣୀୟ , ଅଧିକ ସ୍ମରଣୀୟ କରି ରଖିଦେଲା । ବିଭାଘରର ସାତ ବର୍ଷ ପରେ ମୁଁ ଘରୁ ଗୋଡ କାଢିଥିଲି । କଲିକତା ମହାନଗରୀର ଜନ ସମୁଦାୟ ଭିତରେ ତୁମେ ମତେ ଆବିଷ୍କାର କରିଥିଲ– ମୋର ଅନଭିଜ୍ଞ ଦିଅର ତଥା ତୁମର କଟକ ମେଡିକାଲର ଏକଦା ସହପାଠୀ ପ୍ରଶାନ୍ତଙ୍କ ସାଙ୍ଗରେ ପାସ୍‌ପୋର୍ଟ୍ ଅଫିସ୍‌ରେ । ମୋର ପୂର୍ବ ପାସ୍‌ପୋର୍ଟ୍ ଟି ହଜିଯାଇଥାଏ । ଆବଶ୍ୟକୀୟ କାଗଜ ପତ୍ର ମୋ ପାଖରେ ନ ଥାଏ । ଅନଭିଜ୍ଞ ଉପଦେଷ୍ଟାମାନଙ୍କ ତତ୍ତ୍ୱା ବଧାନରେ ମତେ ବାରମ୍ବାର କନ୍‌ସ୍ୟୁଲେଟ୍ କୁ ଯିବାକୁ ହେଉଥାଏ ଇମିଗ୍ରେସନ୍ ଭିସା ପାଇଁ । ଅଯାଚିତ ଭାବରେ ତୁମେ ଆଗେଇ ଆସିଥିଲ ସାହାଯ୍ୟ କରିବା ପାଇଁ । କଲିକତାର ଗ୍ରାଣ୍ଡ ହୋଟେଲ୍ ରୁ ନେଇ ସ୍ୱଳ୍ପ ଖର୍ଚ୍ଚ ଓ ଓଡିଆ ଭାଷା ଭାଷୀଙ୍କ ମେଳରେ ରହିବି ବୋଲି ଉତ୍କଳ ଭବନରେ ନେଇ ଛାଡିଥିଲ ମତେ । ତୁମେ ସ୍ୱତନ୍ତ୍ର ଭାବରେ ଯାତ୍ରା କରି ମୋର ଦିଅର– ସେ ସମୟର ଅନଭିଜ୍ଞ ଓକିଲ 'ପ୍ରତାପ' ତଥା ଏବକାର ସ୍ୱନାମଧନ୍ୟ ନ୍ୟାୟାଧୀଶ ଚୌଧୁରୀ ପ୍ରତାପ କେଶରୀ ମିଶ୍ରଙ୍କୁ ଦେଖା କରି ଥିଲ । ମୋତେ ବାରମ୍ବାର କାହିଁକି ଭିସା ମିଳୁନି ପ୍ରାଞ୍ଜଳ ଭାବରେ ବୁଝେଇ ଦେଇ ଆସିଥିଲ । ମୋ' ଚାରିପାଖରେ ନା'ନା ହାସ୍ୟ ପରିହାସ ନିନ୍ଦା ଅପବାଦକୁ ଲାଘବ କରି ଦେଇଥିଲ ତୁମେ । ଉତ୍କଳ ଭବନରେ ମୁଁ କଲିକତା ଛାଡି ଆମେରିକା ଆସିବା ପର୍ଯ୍ୟନ୍ତ ଗୋଟିଏ ରୁମ୍ ରିଜର୍ଭ କରି ରଖୁଥିଲ । ତୁମେ ଡ୍ୟୁଟି କରୁଥିବା ୱାର୍ଡର ରୋଗୀ ମାନଙ୍କୁ ରାତିରେ ଜଗି ରହି ତାଙ୍କର ଝିଅଙ୍କୁ ମୋ ପାଖରେ ରହିବାପାଇଁ ହୋଟେଲ୍‌କୁ ପଠଉଥିଲ । ପୁଣିଥରେ ତୁମେ "ମା" ଙ୍କୁ ଓ ତୁମର ବଡ ଭାଇଙ୍କୁ ନେଇ ଆସିଥିଲ । ଜେଉଁ ହା–ହତାଶିଆ ଭାବନାଟା ତୁମେ ଦୂର କରି ଦେଇଥିଲ ପଦିଏ ପଦିଏ କଥାରେ । ମା' ଙ୍କ ସହ ଯେତିକି ସମୟ ଉତ୍କଳ ଭବନରେ କଟେଇଲି – ମତେ ଆଉ ବେସାହାରା ଲାଗୁ ନଥିଲା । ସେ ସମୟରେ ତୁମେ କଲିକତାରେ ସ୍ୱଳ୍ପ ଦରମାର ହାଉସ୍ ସର୍ଜନଟିଏ ମାତ୍ରଥିଲ । ତୁମେ ମୋ ପାଇଁ ଯାହା ସବୁ କରୁଥିଲ ମା' ଙ୍କ ଠାରୁ ନନାଙ୍କ ପାଖରୁ ପଇସା ଆଣିକରୁଥିଲ । ସେମାନଙ୍କ ଅକୁଣ୍ଠ ଅବଦାନ ଏଥିପାଇଁ ରହିଥିଲା , ମୁଁ ତାହା ଠିକ୍ ବୁଝିଥିଲି । କିପରି ଚାରାର ଗଜା – କିପରି ଗଛ ତୁମେ କହିବା ବାହୁଲ୍ୟ ।

ମୋର ସର୍ବାନ୍ତିକରଣ ଶୁଭ କାମନା କରି ମୋର କିଂକର୍ତ୍ତବ୍ୟ ବିମୂଢ଼ ମାଆ ବାପା କାମାକ୍ଷା ନଗରରେ କାମେଶ୍ୱର ମହାଦେବଙ୍କ ପାଖରେ ନିତି ପାଣି ବେଲପତ୍ର କରୁଥାନ୍ତି ସେତେବେଳେ । ସେଇ ପୂଜାର ପ୍ରସାଦ ସ୍ୱରୂପ ଆମକୁ ତୁମେ ମିଳିଥିଲ – ହେମନ୍ତ ତୁମେ ! ଜାଣେନି କେଉଁଠି ସେ ଭକ୍ତିରେ ଫାଟ ପଡିଗଲା ଏବଂ ତୁମେ ବାଟ କାଟିଦେଲ ! ରାଜାର ସ୍କୁଲ୍ ଖୋଲିବାର ଯଥେଷ୍ଟ ପୂର୍ବରୁ ଏବଂ "ବୁଢାଭାଇନା" ପଠେଇ ଥିବା ଟିକେଟ୍ ଦୁଇଟି ବାତିଲ୍ ହୋଇଯିବା ପୂର୍ବରୁ ମୁଁ ଏଠିକୁ ଚାଲି ଆସିଲି । ସାଂସାରିକ ସୁଖରୁ ବଞ୍ଚିତ ଥିବା ମା' ବାପା ଓ ପିଲାକୁ ତୁମେ ଏକତ୍ର କଲ । ମୁଁ ଏବଂ "ବୁଢାଭାଇନା " ଙ୍କ ଭିତରେ ତୁମର ଭୂମିକା ଠିକ୍ ଭଗୀରଥ ପରି – ଗଙ୍ଗାଙ୍କୁ ଆଣି ସମୁଦ୍ରରେ ମିଳାଇଥିଲେ ଯେଉଁ ଭଗୀରଥ ! ଆମ ମାନଙ୍କ ସଂପର୍କର ସୂତ୍ର ପାତ ହେଲା ।

ମୁଁ ଭୁଲି ନାହିଁ କି ଭୁଲୁଯିବିନି ସେ ରାତିଟିର କଥା । ଯେଉଁ ଦିନ ତୁମେ ନିର୍ଦ୍ଧାରିତ ସମୟରେ ୱେଷ୍ଟ୍ ଭର୍ଜନିଆରୁ ଆସି ପହଞ୍ଚି ନଥିଲ । ସାରା ରାତି ତୁମର " ବୁଢାଭାଇନା " ହାତକୁ ପଛଆଡେ ଛନ୍ଦି ଝରକା ପାଖରେ ଠିଆ ହୋଇ ରହିଲେ ବାହାରକୁ ଚାହିଁ– ପାଖରେ ଟେଲିଫୋନ୍ । ବାରମ୍ବାର କହୁଥାନ୍ତି ଯେ " ହେମନ୍ତ ଡାକିବ ବସ୍ ଡିପୋରୁ , ବୁଢାନ୍ନା–ମତେ ଗ୍ରେହାଉଣ୍ଡ୍ ରୁ ଘରକୁ ନେଇ ଯାଅ । "ସେତେ ବେଳକୁ ପିଅର୍ (ସାଉଥ୍ ଡାକୋଟା )କୁ ପ୍ଲେନ୍ ଓ ବସ୍ ଇତ୍ୟାଦି ଆସିବାର ନିର୍ଦ୍ଦିଷ୍ଟ ସମୟ ଅତିକ୍ରାନ୍ତ ହୋଇ ସାରିଥିଲା । ତୁମକୁ ପ୍ରଥମ ଥର ଭେଟିବା ପାଇଁ ବୁଢା ଭାଇନା ତୁମର ବ୍ୟାକୁଳ ହେଇଥିଲେ । ଆଉ ମୁଁ – ଠିକ୍ ରାମଚନ୍ଦ୍ର ଅଯୋଧ୍ୟାକୁ ଫେରି ଆସୁଥିବାର ଆୟୋଜନ କରି ଚାଲିଥିଲି ଖୁବ୍ କ୍ଲାନ୍ତ ହୋଇ ଯିବା ପର୍ଯ୍ୟନ୍ତ ।

ସେ ରାତିପାହିଲା । ସକାଳ ହେବା ବେଳକୁ ଆମେ ତୁମର ଅବସ୍ଥା ଠିକ୍ ଅନୁମାନ କରି ନେଇଥିଲୁ । ତୁମର ରଥ ସମତଳରେ ଚାଲୁ ନଥିଲା । ତୁମକୁ ଆମ ସ୍ନେହ ଶ୍ରଦ୍ଧାର ପରୀକ୍ଷା ଦବାର ସମୟ ପ୍ରକୃତରେ ପହଞ୍ଚିଗଲା ଉପକାରୀର ଉପକାର କରିବାର ଅବସର କେବଳ ଭାଗ୍ୟବାନ୍ ମାନଙ୍କୁ ମିଳିଥାଏ ବୋଲି ଶାସ୍ତ୍ରରେ ଅଛି । ଆମ ପାଇଁ ସେ ସମୟ ଆସିଥିଲା । ଯଥା ସମ୍ଭବ ୟାଡେ ସ୍ୟାଡେ ଫୋନ୍ କରି ଦୁଇ ଦିନରେ ତୁମସହ ଯୋଗାଯୋଗ ସ୍ଥାପନ କରି ପାରିଥିଲେ ବୁଢାଭାଇନା । **Interview**ରେ ଯିବା ପାଇଁ ତୁମ ପାଖରେ ସମ୍ବଳ ନଥିଲା । ପାଠ ପଢିବା ସମୟରେ ପୁରୀରୁ ନନା (ତୁମର ବାପା ) ଏବଂ ମା' ଙ୍କଠୁ ବାରମ୍ବାର ପଇସା ଆଣି ଖର୍ଚ୍ଚ କରିଥିଲ –ଏଠି ଡଲାର୍ ରେ ଭଙ୍ଗେଇ

। ଏହା ଏତେ ସହଜ ନଥିଲା ସେତେବେଳେ । କେତେ କିଏ ସାଙ୍ଗ ସାଥିଥିଲେ, ତାଙ୍କୁ କିଛି ଜଣାଇ ନଥିଲ । ତୁମର ଯୋଗ୍ୟତା ଅନୁରୂପ କାମ ନୁହଁ କିଛି ଗୋଟେ କାମ ଆଦରି ନେଇ ଥିଲ ତୁମେ - ଯାହାକି ତୁମ ବୁଢାଭାଇନା ସହି ପାରିଲେନି । ଆମର ସଂପର୍କ ଦୃଢ ହେଲା ।

ପ୍ରଥମ ଚାକିରି ପାଇ ଫୋନ୍‌ରେ କହିଥିଲ " ଏତେ ପଇସା କ'ଣ କରିବି, ତୁମକୁ ଫୋନ୍ କରିବି" । ମୁଁ ତୁମକୁ ନିୟମିତ ଚିଠି ଦେଉଥିଲି ଏବଂ ଏହା ତୁମର ଗୋଟିଏ ପ୍ରଧାନ ଆମୋଦର ବସ୍ତୁ ବୋଲି ସ୍ୱୀକାର କରିଥିଲ । ତୁମେ ଗୋଟିଏ ମାସ ପରେ ଫୋନ୍ କରି କହିଥିଲ ଯେ ନୂଆବୋଉ ଠିକ୍ କହିଥିଲେ"- ଫୋନ୍ ବାବଦକୁ ପାଉଣା ଦେଲାପରେ ଆଉ ପଇସା ବଳୁନି" । ଡଲାରଟା ସେତେବେଳେ ସାତ ଟଙ୍କା ତିରିଶି ପଇସା । ଗୁଣି ଦେଉଛ ବୋଲି କହି ମୁଁ ଥଟ୍ଟା କରୁଥିଲି । ପ୍ରିୟ ପରିଜନ - ସାଙ୍ଗ ସାଥୀଙ୍କ ମେଳରେ ଏହି କଥା କହି ଆମେ ଆମୋଦ ଉଠାଉଥିଲୁ । ମୋଟ୍ ଉପରେ ତୁମର ଅବର୍ତ୍ତମାନରେ ମଧ୍ୟ ତୁମେ ଆମ ପାଇଁ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ଗଲ । ଆଉ ଏବେ ? ସେଇ ଅଙ୍ଗ ବ୍ୟବଚ୍ଛେଦ ପରେ ଆମେ କେମିତି ବଞ୍ଚୁଛୁ ଦେଖୁଛ ତ ! ଚାକିରି କରିବା ପରେ ତୁମେ ଆସିଥିଲ । ଆମେ ସମସ୍ତେ **Bad land** ଓ **Mount Rushmore** ଆଦି ବୁଲି ଥିଲେ । କିନ୍ତୁ ତୁମକୁ ପ୍ରତୀକ୍ଷା କରିଥିବାର ସେଇ ସମୟଟି ଅଧିକ ସ୍ମରଣକୁ ଆସୁଛି ଏବେ । ପ୍ରତ୍ୟେକ ଝରକା ଏପଟରେ ପ୍ରତିକ୍ଷମାଣ ତୁମର ବୁଢା ଭାଇନାଙ୍କ ବ୍ୟସ୍ତ ବିବ୍ରତ ପଦଚାରଣା ଏବଂ ଝରକା ସେପଟରେ ଅଶ୍ୱତ୍ଥ ଗଛ ପରି ଦିଶୁଥିବା ସେମସ୍ତ ବଡ ଗଛ ଫାଙ୍କରେ ଦିଶୁଥିବା ଆକଶଟା ମୋର ଦୃଷ୍ଟି ଗୋଚର ହୋଇ ମତେ ବଡ ବିବଶ କରଦିଏ । ସେଦିନ ମନକୁ ଯେଉଁ ପାପ ଛୁଇଁ ଥିଲା - ତାଳପତ୍ର ମେଲାଇ ଆଜି ସେଇ ପାପ ତୁମକୁ ସତେ ଅବା ଶୀକାର କରିନେଲା ।

ସମୟ ତା ବାଟରେ ଗତି ଚାଲିଲା ଓ ଆମକୁ ଆମର ଭାଗ୍ୟ ଓ ଭବିଷ୍ୟତ ଜିମା ଛାଡିଦେଲା । ତୁମେ ତୁମର ବ୍ୟାପାରରେ ବ୍ୟସ୍ତ ରହିଲ । ଆମେ ବି ନାନା ଉତ୍‌ଥାନ ପତନକୁ ସାମନା କଲୁ । ଆମର ପୁଅର ବ୍ରତ ଘର ହେଲା । ତୁମର ବିବାହ ହେଲା କୁନି ସହ । ମୋର କାନରେ ତିନିଥର ଅସ୍ତ୍ରୋପଚାର କରାଯାଇ ଥିଲା । ତଜ୍ଜନିତ ପ୍ରତିକ୍ରିୟାରେ ମନ ଉଦାସ ରହୁଥାଏ । ସେତିକି ବେଳେ ସାନପୁଅ ଦେବେଶ୍ ଜନ୍ମ । ନାନା ପ୍ରକାର ଶାରୀରିକ ଅସୁବିଧା ଭିତର ଦେଇ ମୁ ଚାଲିଥାଏ । ଅସୁସ୍ଥ ବାପା (ନନା) ଓ ନବ ବିବାହିତା ସ୍ତ୍ରୀ (କୁନି) କୁ ଧରି ତୁମେ ଫେରିଲ ଭାରତରୁ । ପ୍ରାଣମୂର୍ଚ୍ଛା ସେବା ଓ ଚିକିତ୍ସା ରେ ନନା ତୁମର ସତେ ଯେମିତି ପୁନର୍ଜନ୍ମ ପାଇଗଲେ । ତାଙ୍କୁ ବଞ୍ଚେଇ ରଖିଲ ଏ ପର୍ଯ୍ୟନ୍ତ । ତୁମେ ନିଜେ ଜୀବନ୍ତ ସମାଧି ନେଲ । ତୁମକୁ ଝୁରି ଝୁରି ଶେଷ ସମୟକୁ ସେ ଅପେକ୍ଷା କରି ରହିଛନ୍ତି ସତରେ ।

ବୁଢାନ୍ନାଙ୍କ ବଦାନ୍ୟତାର ଇତିକଥା ତୁମେ ଚାରିଆଡେ ଘୋଷଣା କରି ଚାଲିଲ । ତୁମର ଜନ୍ମ କଲା ଭାଇ ପରି ସମ୍ମାନ ଦେଲ ପରିବାର ସାରା । କଲିକତାରୁ ତ ନନା ମା' ଙ୍କୁ ମୁଁ ବି ନନା ମା' ମାନି ନେଇଥିଲି । ଆଉ ତୁମେ ଯେ ଗୋଟିଏ ଅପରିଚିତାକୁ ଅସମୟରେ ସାହାଯ୍ୟ କରିଥିଲ ସେ ମହାନୀୟତାର କଥା ବ୍ୟାପି ସାରିଥିଲା ପରିବାରରୁ ପରିବାରକୁ । ତୁମେ ପୁରୀ ଘାଟର କେଉଁଠି ଠିଆ ହୋଇ କ'ଣ କହିଥିଲ ଭିସା ବାବଦରେ - ତାହା ମୋର ସାନ ଯାଆ ' ମାମୀ ' ମନେ ରଖିଛି । କହୁଛି । ଆଉ ଢେଙ୍କାନାଳରେ ମା' ବାପା ଝୁରି ହଉଛନ୍ତି । ମିନି ବି ମନେ ପକେଇ ତାଙ୍କ ସହ ଲୁହ ଗଡଉଛି ।

ଆମମାନଙ୍କର ସଂପର୍କକୁ ଯଥା ସମ୍ଭବ ଆପଣେଇ ନେଲା ଆମର କୁନି - ତୁମ ସ୍ତ୍ରୀ । ତୁମର ବ୍ୟକ୍ତିତ୍ୱକୁ ଖାପଖୁଆଇ ଛାଇ ପରି ତୁମକୁ ସିଏ ଲାଗି ରହିଥିଲା । ତୁମର ମାନସିକ ଚିକିତ୍ସାରେ ପାରଦର୍ଶିତା । କୁନିର ମନସ୍ତତ୍ତ୍ୱ ରେ ଉଚ୍ଚଶିକ୍ଷା । ତୁମ ବ୍ୟାପାରରେ ତୁମେ ଅତିଷ୍ଠ ହେଇପଡିଲେ ତୁମର ଏକମାତ୍ର ମନୋରଞ୍ଜନ ଥିଲା "କୁନି" । କୁନିକୁ ନନେଇ ତୁମେ ତ କୁଆଡେ ଯାଉ ନଥିଲ ହେମନ୍ତ । ଏବେ ତୁମର କ'ଣ ହେଲା - ତୁମେ ପୂରାପୂରି ଛାଡିଦେଇଗଲ - କେତେ ଖୋଜୁଛି ତୁମକୁ ସିଏ ! ପୁଅ ଦୁଇଟି ରାଜେଶ ଓ ଦେବେଶ । ଦିଜଣ ମିଶି ଫୋନ୍ କଲ ଡାକ୍ତର ଖାନାରୁ । କହିଲ "କିଏ ଆଉ ନାଁ ଖୋଜୁଛି ! ବୁଢାନ୍ନା, ନୂଆବୋଉ ତ ଭଲ ନାଁ ଦିଟା ଦେଇଛନ୍ତି, ଦେଇଦେବା ।" ଆମେ ଏ ଯାବତ ତାହା ଭାବି ଖୁସି ହେଉଥିଲୁ- ପିଲାଏ ବି ଗପସପରେ ତୁମ ନାଁ ଦବା କଥା ପକାନ୍ତି । ପରସ୍ପରକୁ ପାଇ ଆମେ ଭଗବାନଙ୍କ ପାଖରେ କେତେ କୃତଜ୍ଞ - ତାହା କ' ଣ ସିଏ ଜାଣି ପାରିଲେନି ? ନେଇଗଲେ ତୁମକୁ ତାଙ୍କର ଗୋଟିଏ ମହାପୂଣ୍ୟ ଦିବସରେ - ସ୍ନାନପୂର୍ଣ୍ଣମୀ ଦିନ ୧୨ଟା ବେଳେ । କେତେ ଯୋଗୀ, ଋଷି ସେଇପରି ସମୟଟା ଖୋଜନ୍ତି ଦେହ ତ୍ୟାଗ ପାଇଁ । ଜଗନ୍ନାଥ ମହାପ୍ରଭୁ କିପରି ସ୍ନାନ ପୂର୍ଣ୍ଣମୀରେ ବସି ୧୦୮ ଗରା ପାଣିରେ ଗାଧୋଇଥିବେ ଓ ସ୍ନାନ ମଣ୍ଡପରେ ହାତୀବେଶ ହୋଇ ଦର୍ଶନ ଦେଉଥିବେ - ମୁଁ ସେଇ କଥା ଛୁଆଟିଦିନରୁ ସ୍ମରଣ କରେ । ଆଉ ଏବେ ପ୍ରଭୁ ଦାରୁବ୍ରହ୍ମ - ଦାରୁଣ ବ୍ୟଥା ଭରିଦେଇ ମନରେ - ତୁମକୁ ନେଇଗଲେ ।

ଶେଷଥର ତୁମକୁ ଦେଖିଥିଲି ନ୍ୟାସ୍‌ଭିଲ୍‌ର ଓଡିଆ ସମ୍ମିଳନୀରେ । ଅଭିନୟରେ ଭାଗନେଇ ତୁମେ ପୋଲିସ୍ ହୋଇଥିଲ । ସେଇଟା ଶେଷ ସାକ୍ଷାତ ବୋଲି ଜାଣି ନ ଥିଲି । ପଚାରିଲ "ଡ୍ରାମା କେମିତି ଲାଗିଲା "?ମୁଁ କହିଲି "ବଢିଆ ହେଲା ଯେ ପଇସା ନ ନେଇ ପଳେଇଗଲ କେମିତି" ? ତୁମେ ହସିଲ, କୁନି ହସିଲା । ସବୁଦିନକୁ ତୁମର ସେ ହସ ଲିଭିଗଲା । ଏହାର ପରବର୍ତ୍ତୀ ଘଟଣା ତୁମର ଅସୁସ୍ଥତା । ତୁମର ମହାପ୍ରସ୍ଥାନ ପାଇଁ ପ୍ରସ୍ତୁତି ସମୟରେ ଆଉ ତୁମକୁ ସାକ୍ଷାତ କରିବାରେ ଆବଶ୍ୟକୀୟ ମନୋବଳ ମୋର ନ ଥିଲା । ତୁମର ପୋଲିସ ପାର୍ଟ୍ ଟି ମୋର ସ୍ମୃତି ର ସନ୍ତକ । ତୁମକୁ ମରଣାନ୍ତକ ଯନ୍ତ୍ରଣା ଭୋଗୁଥିବାର ଦୃଶ୍ୟ, ତୁମ ପାଇଁ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଉଥିବା ତୁମ ଚାରିପାଖର ଦୃଶ୍ୟ , ତୁମ କୁନିର ଛାତି ଫଟା କାନ୍ଦଣା, ରାଜେଶ ଓ ଦେବେଶଙ୍କର ଲୁହ ଛଳ ଛଳ ଆଖିକୁ ସାମନା କରିବା ମୋ' ଶକ୍ତିର ବାହାରେ ଥିଲା । ବୁଢା ଭାଇନାଙ୍କୁ ଖୋଜିଲ । ସିଏ ଗଲେ । ଦ୍ୱିତୀୟ ବାର ତାଙ୍କରି ହାତରେ ହାତ ରଖି - ତାଙ୍କ ଆଖିରେ ଦୃଷ୍ଟିରଖି ତୁମେ ଶେଷ ପଲକ ପକେଇଥିଲ । ସୁଷମା (ତୁମ ଭଉଣୀ) କହନ୍ତି ତା' ପରେ ଆଉ ତୁମର ପଲକ ପଡିନି । ଚାଲିଯିବ ବୋଲି ଜାଣିଥିଲ ବୋଧ ହୁଏ । ଅଭାବ ଅସୁବିଧାର ଘରୁ ଆସିଥିବା ମଣିଷମାନେ ସାଧାରଣତଃ ପରିବାରଟିକୁ ସାହାଯ୍ୟ କରିଥାନ୍ତି । ତୁମେ କିନ୍ତୁ ଥିଲ ଅସାଧାରଣ । ତୁମର ପ୍ରତିଷ୍ଠା ଓ ପ୍ରତିପତ୍ତି କୁଟୁମ୍ବର ପ୍ରତ୍ୟେକ ଲୋକଙ୍କୁ, ଗାଁର ସମସ୍ତଙ୍କୁ ଏକତ୍ର କରି ରଖିଥିଲା । ଅଚାନକ ତୁମର ଶ୍ରାଦ୍ଧ ସଭାକୁ ଯିବା ପାଇଁ ପଡିଲା ମତେ । ତୁମର ରୋଗୀମାନେ ଲୁହ ଗଡଉଛନ୍ତି- ତାଙ୍କର ଔଷଧ ଖର୍ଚ୍ଚକି ହସପିଟାଲ ଖର୍ଚ୍ଚବି ଦରକାର ବେଳେ ତୁମେ ଦେଇ ଦେଉଥିଲ । ତୁମର ସହକର୍ମୀ - ଭାରତୀୟ ଓ ଆମେରିକାନ - ମାନେ ତୁମର ସ୍ନେହ, ତୁମର ନିର୍ମଳ ଆନ୍ତରିକତା ଏବଂ ଗର୍ବ ଶୂନ୍ୟ

ବଦାନ୍ୟତା, ପ୍ରୀତିପୂର୍ଣ୍ଣ ବ୍ୟବହାରକୁ ମନେ ପକାଇ ଲୁହ ଗଡାଉଥିଲେ , ଦେଖିଆସିଲି । କାନ୍ଦିବି ତ ଆମରଣ । କିନ୍ତୁ ତୁମ ଗୌରବକୁ ଗର୍ବର ସହ ଉପଲବ୍ଧି କରି ଫେରିଲି, ହେମନ୍ତ !

ତୁମ ବ୍ୟକ୍ତିତ୍ୱର ଏକ ମହାନ ଦିଗ ଥିଲା - ତୁମର ନିଜ ପରିବାରଟି । ସ୍ତ୍ରୀ ଓ ପୁଅ ଦୁଇଟିଙ୍କୁ ପଛକୁ ପକାଇ ତୁମେ କିଛି କରୁନ ଥିଲ । ତାଙ୍କୁ ମଧ୍ୟ ସର୍ବାନ୍ତ କରଣରେ ସୁଖୀ ରଖିଥିଲ ତୁମେ । ତୁମର ଆଦର୍ଶରେ ପୁଅମାନେ ଅନୁପ୍ରାଣିତ ହୁଅନ୍ତୁ - ସେତିକି ହେବ ତୁମର ଶୋକବିଧୁରା କୁନିଟି ପାଇଁ ଆଶ୍ୱାସନା । ତୁମର ତ ମରଣ ନୁହେଁ- ଜୀବନର ଉତ୍ତରଣ ହୋଇଗଲା ବୋଧେ । ମୁଁ କ'ଣ ପହଞ୍ଚି ପାରିବି ତୁମ ପାଖରେ ?

ଏତେ ପୁଣ୍ୟ କାହିଁ ମୋର ?

ଇତି

ବୁଢୀ ନୁଆ ବୋଉ

(କଳ୍ପନାମୟୀ ଦାଶ ହେଉଛନ୍ତି, ଓ·ଅସ୍·ଏ·ର ପୂର୍ବତନ ସଭାପତି ଡଃ ଶୀତକଣ୍ଠ ଦାଶଙ୍କର ପତ୍ନୀ । ତାଙ୍କର ବାସସ୍ଥାନ ମିନିଆପଲିଶରେ ଓ ସେ ନିୟମିତ ଭାବରେ ଗଳ୍ପ ଓ କବିତା ଲେଖନ୍ତି । ଉପରୋକ୍ତ ଲେଖାଟି ହେଉଛି ତାଙ୍କର ଏକ ସ୍ମରଣ - ଓ·ଏସ· ଏ·ର ଆଉ ଜଣେ ପୂର୍ବତନ ସଭାପତି ସ୍ୱର୍ଗତ ହେମନ୍ତ ସେନାପତିଙ୍କ ପାଇଁ - ସଂପାଦକ )



# ABOUT MY VEDIC CLASS

***Animesh Mahapatra***

Hi. I am Animesh. I am a kindergartner. I live in Huntsville, Alabama. We have a Jagannath temple nearby. I go to the temple every Sunday morning. We have *Vedic* class at 11.15 a.m. at the temple. Our *Vedic* class teacher is Ilu aunty. She teaches us so many things like *slokas*, prayers, and stories relating to our Hindu gods and goddesses. She also teaches us good things about each alphabet. I am learning a lot of things from this *Vedic* class. Thanks to Ilu aunty for teaching us, and thanks to my mommy for taking me and my sister Anjali to the temple every Sunday for *Vedic* class.

*(Animesh, a kindergartner is the son of Dibya Jivan and Usharani Mahapatra of Huntsville, Alabama.)*

# ପ୍ରବାସୀ ଭାବରେ ମୁଁ

- ଶ୍ରୀଗୋପାଳ ମହାନ୍ତି

ମୁଁ ସେତେବେଳେ ଆଖିକୋଣର ଚପେଇଲା ପାଣିକୁ ପୋଛୁଥିଲି ବୋଧହୁଏ । ବାବାଙ୍କ ଆଖିରୁ ଲୁହ ଝରି ଆସୁଥିଲା । ସେ ଥିଲା ୧୯୫୧ ର ଜୁନ୍ ମାସ ବାଲେଶ୍ୱର୍ ଷ୍ଟେସନ୍‌ରେ ଗାଡି ଛାଡିବା ସମୟ । ମୁଁ ପ୍ରଥମଥର ପାଇଁ ଓଡିଶା ଛାଡି ଦିଲ୍ଲୀ ଯାଉଥିଲି statistics ରେ ଉଚ୍ଚଶିକ୍ଷା କରିବାକୁ । ପ୍ରଥମ ଥର ଘର, ଗାଁ, ବୋ'ଉ, ବାପା ସମସ୍ତଙ୍କୁ ଛାଡିଥିଲି । ଗତ ଚାରିବର୍ଷଧରି ବାବାଙ୍କ ସହିତ ରହି ଆସୁଥିଲି ଗୋଟିଏ ଛୋଟ କୋଠରୀରେ । ଏବେ ବାବାଙ୍କୁ ଏକୁଟିଆ ରହିବାକୁ ପଡିବ ।

ଗାଡି ଛାଡିଲା, ଛାଡିବାକୁ ପଡିଲା । ବାବାଙ୍କ ସହିତ ଷ୍ଟେସନ୍ ପଛରେ ରହିଗଲା, ସବୁ ପଛରେ ରହିଗଲେ । ଦିଲ୍ଲୀରେ ପଢିବା ସ୍ଥିର ହେବା ପରେ ମୋତେ ଏକ ଅଜଣା ଖୁସି କେବେ କେବେ ମାଡିଧରେ । ନୂତନତ୍ୱର ମୋହରେ ମଝିରେ ମଝିରେ ଠେଲିହୋଇଯାଏ ପିଲାଟି ଦିନ ଠାରୁ ବାନ୍ଧିରଖିଥିବା ଦୁନିଆ ଓ ଲୋକବାକ । ମୁଁ ଏବେ ଆଗକୁ ଭାବି ଚାଲିଛି । ଦିଲ୍ଲୀ ଭାରତର ରାଜଧାନୀ । ମୁଁ ଦେଖୁଛି ଏକ କାଳ୍ପନିକ ଭବିଷ୍ୟତ ।

ସେତେବେଳେ ଏକ ତରୁଣର ସ୍ୱାଭାବିକ ଉତ୍ସୁକତା ମୋତେ ବାରମ୍ବାର ଖୁଂପୁ ଥିଲା । ବଡ ଷ୍ଟେସନ୍, ବିଭିନ୍ନ ପ୍ରକାରର ମଣିଷ ଓ ଚାଲିଚଳଣି, ପ୍ରକାର ପ୍ରକାରର ଖାଦ୍ୟ ଓ ମନୋହରୀ ଜିନିଷ । ହାଓଡାରୁ ଯେତେବେଳେ ଦିଲ୍ଲୀ ମୁହାଁଗାଡି ଚଢିଲି, କୌତୁହଳର ମାଦକତାରେ ମୁଁ ଛାଁକୁ ଛାଁ ମାଡି ଯାଉଥିଲି ଏକ ନୂଆ ବାତାବରଣକୁ- ସବୁ ସୁନ୍ଦର ଓ ଚିତିରିଆ । ମୋ ଗାଁ, ପୋଖରୀ, ମନ୍ଦିର, ପୂନେଇପର୍ବ, ବଣଭୋଜୀ, ଯାତ୍ରା, ଘର ମଣିଷ, ସାଙ୍ଗସାଥୀ, ଶିକ୍ଷକ, ଅଧ୍ୟାପକ ଓ ମୋ ଭାଷା ସବୁ କିଛି କେମିତି ଏକ ପରଦା ପଛରେ ଢାଙ୍କିହୋଇ ଗଲାଣି । ତରଳ ବୟସର ମନ, ଅନୁଭବତାରେ ଅସ୍ଥିର ।

ଦିଲ୍ଲୀର ଲୋଦି କଲୋନୀରେ ମୁଁ ରହିଲି ଆମ ଗାଁରୁଥିବା ହରିଶ ଚନ୍ଦ୍ର ମହାନ୍ତି(ହରିଶ ସାଆନ୍ତବାବା), ମନୋରଞ୍ଜନ ଦାସ (ବାଉଲି ଦାଦା) ଓ ତାଙ୍କ ସାନ ଭାଇ ଗୋପିକା ରଞ୍ଜନ ଦାସ (ସୁଶିଲ)ଙ୍କ ସହିତ । ସେଥିପାଇଁ ଅନଭିଜ୍ଞର ସ୍ୱାଭାବିକ ଭୟ ମୋତେ ମାଡି ନ ଥିଲା । କେଉଁ ବସ୍ ନେବି, କ'ଣ ହିନ୍ଦିରେ କହିବି, କିପରି ସଉଦା କରିବି ଇତ୍ୟାଦି ଇତ୍ୟାଦିରେ ମୋତେ ତାଲିମ୍ ହେବାକୁ କଷ୍ଟ ହେଲାନାହିଁ । ପୁଣି ଦେଖୁ ଦେଖୁ ଆଖପାଖରେ ଥିବା କେତେକ ଓଡିଆ ପରିବାରଙ୍କୁ ଭେଟିଲି । ଗଢି ଉଠିଥିବା ଛୋଟିଆ ଓଡିଆ ଗୋଷ୍ଠୀର ମୁଁ ମଧ୍ୟ ହେଲି ଜଣେ ।

ମୁଁ ଦିଲ୍ଲୀ ଯାଇଥିଲି **Indian Council of Agricultural Research(I.C.A.R.), Statistical Wing** ରେ ଦୁଇ ବର୍ଷିଆ ଡିପ୍ଲୋମା କରିବାକୁ । ଏହା ମୋ ବାଲେଶ୍ୱର କଲେଜ୍‌ଠାରୁ ଭିନ୍ନା ଏଠାରେ ଅଣଓଡିଆ ସମସ୍ତେ । ମୋର ପ୍ରାଥମିକ ସଂଶୟ ଦୂର ହୋଇଗଲା ଯେତେବେଳେ ଜାଣିଲି ଯେ ଗତବର୍ଷରୁ ଜଣେ ଓଡିଆ ଛାତ୍ର ଅଛନ୍ତି। ସେ ହେଲେ କାହ୍ନୁ ଚରଣ ରାଉତ - କାହ୍ନୁବାବୁ । ମୋର ଅବିଚ୍ଛିନ୍ନ ଓଡିଆତ୍ୱର ଏକମାତ୍ର ଯୋଗ ସଂଯୋଗ ।

ଖୁବ୍ ଶୀଘ୍ର ଜାଣିଗଲି ଯେ ଓଡିଆ ମାନଙ୍କର ଦିଲ୍ଲୀରେ ଓଡିଆ ସମାଜ ନାମରେ ଗୋଟିଏ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅଛି । ହରିଶ ସାଆନ୍ତବାବା, ବାଉଲି ଦାଦା ଓ ସୁଶିଲ ଏହା ସହିତ ଘନିଷ୍ଠ ଭାବରେ ଜଡିତ । ନିକଟରେ ଗୋଟିଏ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ବ୍ୟବସ୍ଥା ଚାଲିଥାଏ । ଏହା ଅନୁଷ୍ଠିତ ହେବ ସେତେବେଳର କେନ୍ଦ୍ର ମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ବାସଭବନ ହତାରେ । ପୁଣି ଜାଣିବାକୁ ପାଇଲି ଯେ କାହ୍ନୁବାବୁ ବିଶେଷ ଅଂଶ ଗ୍ରହଣ କରୁଛନ୍ତି ନାଚ ଓ ଗୀତରେ । ଖାରବେଳ ନାଟକ ହେବ । ରିହର୍‌ସାଲ୍ ଚାଲିଲା ଆମ ରହିବା ଘରେ । ଏପରି ଉଦ୍ୟମ ଦିଲ୍ଲୀ ଓଡିଆଙ୍କର ପ୍ରଥମ । ମୋ ଭିତରଟା କେମିତି ସ୍ୱତଃ ପ୍ରବୃତ୍ତ ଭାବରେ କୁରୁଳି ଉଠୁଥିଲା । ଓଡିଆ ଗୀତ, ନାଚ, ନାଟକ, ସବୁ କିଛି- ଆମରି ଗାଁ ଓ ସ୍କୁଲର ସ୍ମୃତି । ଷ୍ଟେଜ୍ ସରଞ୍ଜାମ, ସାଜସଜ୍ଜା ଇତ୍ୟାଦିର ପ୍ରତ୍ୟକ୍ଷ ଭାଗ ନେବାର ସୁଯୋଗ ପାଇଥିଲି। ବିଶାଳ ଦିଲ୍ଲୀ ନଗରୀରେ ଏକ ପ୍ରବାସୀ ର ଅଭିନ୍ନତ୍ୱ ବଜାୟ ରଖିବାକୁ ମିଳିଥିଲା ସୁଦୃଢ ପ୍ରେରଣା ।

ଫିରୋଜ ସାହା ରୋଡ୍‌ର ଗୋଟିଏ କ୍ୱାଟରରେ ରହୁଥିଲେ ତିନିଜଣ ଏମ୍. ପି. - ବିଶ୍ୱନାଥ ଦାଶ, ନନ୍ଦ କିଶୋର ଦାସ ଓ ବିଜୟ କୁମାର ପାଣି । ନନ୍ଦ କିଶୋର ଦାସ (ନନ୍ଦ ସାଆନ୍ତବାବା) ଆମ ଗାଁରୁ । ଛୋଟ ଜାଗାରୁ ଆସି ଏମାନଙ୍କ ଗହଣରେ ବ୍ୟକ୍ତିଗତ ମିଳାମିଶାର ସୁଯୋଗ ମିଳିବ, ଏହା ମୋର ଆଶାର ବାହାରେ ଥିଲା । ପରେ ପରେ ଓଡିଆ ସମାଜ ଜରିଆରେ ମିଶି ପାରୁଥିଲି ଭାରତ ସରକାରଙ୍କର ଉଚ୍ଚ ପାହିଆ ଅଫିସର ମାନଙ୍କ ସହିତ । ସତେକି ମୁଁ ମୁକୁଳି ଆସିଲି କାଦୁଅଚକଟା, ଧୂଳିଧୂସରିଆ ରାସ୍ତା, ପଙ୍କଦଳୁଆ ପୋଖରୀ ଓ ମଶାମାଛିର ଉପଦ୍ରବରୁ, ଆଉ ବାଲେଶ୍ୱରର କଚେରୀ, କଲେଜ ଓ ବଜାର ଆବହାଉଆରୁ । ଅନୁଭବ କଲିସାମାଜିକ ସ୍ତରର ନିଶୁଣିରେ ମୁଁ ଚଢି ଯାଉଛି ଉପରକୁ ଉପରକୁ; ନିଜର ଲୋକ, ପୋଖରୀପହଁରା ସାଙ୍ଗ, ଖରାବେଳର ତାସ୍ ଖେଳାଳୀ, ବଣଭୋଜୀରେ ଭାଗନେବା ଦଳ, ସ୍କୁଲ କଲେଜର ସହପାଠୀ - ମୁଁ କାହାରି ହାତପାଆନ୍ତାରେ ନାହିଁ ।

ଓଡିଆ ସମାଜର ଅନ୍ୟ ସଭ୍ୟ ଥିଲେ ବିରଳା ଭବନରେ ମାଳୀ କାମ କରୁଥିବା ରଘୁନାଥ ନାୟକ ଓ ସୂର୍ଯ୍ୟମଣି ସାମଲ । ମୁଁ ଏମାନଙ୍କୁ ଭେଟିଲି । ତାଙ୍କ ସହିତ ଘନିଷ୍ଠତା ବଢିଲା । ପୁଣି ମିଶିବାକୁ ପାଇଥିଲି ଓଡିଆ "ପାଣିପାଇପ" ମିସ୍ତ୍ରୀ ମାନଙ୍କ ସହିତ । ଏହିଯୋଗରୁ ଅନ୍ତରରେ ଆତ୍ମବୋଧ କରି ପାରୁଥିଲି ମୁଁ ଜଣେ ପ୍ୟାଣ୍ଟ ପିନ୍ଧା ଗାଉଁଲିଆ, ଓଡିଶାର ଗ୍ରାମବାସୀ । ମୂଲିଆଙ୍କ ସହିତ ବଳଦ ଅଡାଇବା, ଦୋଳଝୁଲଣରେ ମେଢ ସଜାଇବା, ବାଡିରୁ କଖାରୁ କଲରା ତୋଳିବା, ମଝିଦାଣ୍ଡରେ ବହୁଚୋରି ଖେଳିବା, ନଇଁଯୋଡିରୁ ମାଛ ଧରିବା - ଏମିତି କେତେ କ'ଣ । ପଖାଳ, ଶାଗ, ସନ୍ତୁଳା, ବଡିଚୁରା, ପତର ପୋଡା, ପିଠାପଣା, ଖଜା ଲଡୁ- ଓଡିଆ ରାନ୍ଧଣାର ପ୍ରକାର ପ୍ରକାରର

ସ୍ୱାଦୁ ଓ ସୁଗନ୍ଧ । ଏ ସବୁ ଦେହ ଓ ମନର ପ୍ରତି ବିନ୍ଦୁରେ ଲେପି ହୋଇଯାଇଛି ଖୁବ ବହଳ ଭାବରେ । ପରିବର୍ତ୍ତିତ ପରିସ୍ଥିତିରେ ଯେତେ ଘଷି ମାଜିଲେ ମଧ୍ୟ ଏମିତି କେତେ କଣ ଛାପକୁ ଲିଭାଇ ପାରିନି । ମୁଁ ବୋଧହୁଏ ବଦଳୁଛି, ବଦଳୁଛି କେମିତି ଭେଳିକି ପ୍ରକାର ହୋଇ । ହୁଏତ ଏହି ଦ୍ୱନ୍ଦ୍ୱରୁ ଯାହା କ୍ରମବିକାଶ କରିଛି ତାକୁହିଁ କହିପାରେ ସ୍ୱାଭିମାନ ବୋଲି ।

ଓଡିଶା ସରକାରଙ୍କ ଷ୍ଟାଇପେଣ୍ଡ ପାଇ ପଢିବାକୁ ଯାଇଥିଲି ବୋଲି ଦୁଇ ବର୍ଷପରେ ମୋତେ ଫେରିବାକୁପଡିଥିଲା ଓଡିଶା କୁ। ଅନେକ ଦୌଡା ଦୌଡି ପରେ ମଧ୍ୟ କୌଣସି ଚାକିରୀ ମିଳି ନ ଥିଲା । ଅନ୍ୟ ଉପାୟ ନ ଦେଖି ମୁଁ ପୁଣି ଦିଲ୍ଲୀ ଯାଇଥିଲି । ଏଥର ବାବାଙ୍କ ଆଖିକୁ ଲୁହ ଆସି ନଥିଲା, ନା ଆସିଥିଲା ମୋ ଆଖିରୁ । ନଥିଲା ମଧ୍ୟ ଗଲାଥରର କୌତୁହଳୀ ।  ଥିଲା କିନ୍ତୁ ଭବିଷ୍ୟତ ର ଆକାଂକ୍ଷା, ପ୍ରବାସୀ ହେବାର ପ୍ରୟାସ ।

ଦିଲ୍ଲୀ ଆସି ବାଉଲି ଦାଦା ଓ ସୁଶିଲ ସହିତ ମୁଁ ରହିଲି । ପୁରୁଣା ବ୍ୟବସ୍ଥା । ସେଇ ଚିହ୍ନା ମଣିଷ, ଜଣାଶୁଣା ରାସ୍ତା ବଜାର, କନ୍ନଟ ପ୍ଲେସ ଓ ଇଣ୍ଡିଆ ଗେଟ । ଗତଥର ମୁଁ ସାଇକେଲ କ୍ୟାରିଅର ଉପରେ ବସି ଯାଉଥିଲି । ଏଥର ଚାକିରୀ ମିଳିବା ପରେ ସାଇକେଲଟିଏ ହେଲା । ମୋର ଡେଣା ଲାଗିଗଲା  ସତେ ।

ଓଡିଆ ସମାଜର ସଭ୍ୟ ମୁଖ୍ୟତଃ ତିନି ବର୍ଗର । ମନ୍ତ୍ରୀ, ଏମ୍. ପି. ଓ ଉଚ୍ଚ ସ୍ତରର ଅଫିସର ଗୋଟିଏ ବର୍ଗର । ଦ୍ୱିତୀୟଟିରେ ଥିଲେ ସରକାରୀ ଓ ବେସରକାରୀ ଅମଲା ଶ୍ରେଣୀର ଲୋକ । ଶ୍ରମିକ ବା କମ୍ ପାଠୁଆ ହେଲେ ତୃତୀୟ ବର୍ଗର । ଦେଖିବାକୁ ଗଲେ ସମସ୍ତଙ୍କ ସହିତ ଯୋଗାଯୋଗ କରିବା ଦ୍ୱିତୀୟ ବର୍ଗ ପାଇଁ ସହଜ ସାଧ୍ୟ । ତେଣୁ ଏହି ମାନଙ୍କ ମଧ୍ୟରୁ ଅଧିକାଂଶ ସମାଜର କର୍ମକର୍ତ୍ତା ରହୁଥିଲେ । ମୁଁ ପ୍ରଥମେ ସାହାଯ୍ୟକାରୀ ଭାବରେ ଓ ପରେ କାର୍ଯ୍ୟକାରୀ କମିଟିରେ ରହିଥିଲି । ଏକ ପ୍ରବାସୀର ତୋଳି ଉଠୁଥିବା ଆସ୍ଥା ।

ଓଡିଆ ସମାଜ ର କୋଣସି ଅଫିସ୍ ଘର ନ ଥିଲା । ସେତେବେଳେ ସବୁଠାରୁ ପୁରାତନ ଏମ୍.ପି. ଭୁବନାନନ୍ଦ ଦାସ୍ ପାଞ୍ଚନମ୍ବର ଫିରୋଜସାହା ରୋଡ୍‌ରେ ରହୁଥିଲେ । ତାଙ୍କର ପ୍ରେରଣା ଯୋଗୁଁ ସମାଜର ବୈଠକ ଓ କେତେକ କାର୍ଯ୍ୟକ୍ରମ ସେଠାରେ ରୀତିମତ ହେବାରେ ଲାଗିଲା ।  ତାଙ୍କ ସହିତ ରହୁଥିଲେ ତାଙ୍କର ଦ୍ୱିତୀୟ ଝିଅ କୁମାରୀ ଦାସ (କୁମ ଅପା) ଓ ଜ୍ୱାଇଁ କିଶୋରୀ ଚରଣ ଦାସ (କେଶ ବାବୁ) । କେଶ ବାବୁ ଦିଲ୍ଲୀ ବଦଳି ହୋଇ ଆସିଲେ ଏକ ଉଚ୍ଚ ସ୍ତରର କର୍ମଚାରୀ ଭାବରେ । ସେ ଦୁଇଜଣଙ୍କ ଆଗ୍ରହ ଓ ଉତ୍ସାହରେ, ବେଶେଷତଃ କୁମ ଅପାଙ୍କ ସବୁ ବର୍ଗ ଓଡିଆଙ୍କ ସହ ଅବାଧ ମିଳାମିଶା କରିବାର ଯୋଗ୍ୟତା ଫଳରେ ୫ ନମ୍ବର ଫିରୋଜସାହା ରୋଡ୍ ହେଲା ଓଡିଆ ମାନଙ୍କର ଏକତ୍ର ହେବାର ସ୍ଥଳ ।

ସମାଜର ମାସିକିଆ ସଭ୍ୟ ଚାନ୍ଦା ବା ଅନ୍ୟ କୌଣସି ପାଣ୍ଠି ସଂଗ୍ରହ କରିବା ଲାଗି ଅଧିକାଂଶ ସମୟରେ କର୍ମକର୍ତ୍ତା ମାନଙ୍କୁ ଘର ଘର ବୁଲିବାକୁ ପଡୁଥିଲା । ଏହା ସମ୍ଭବପର ଥିଲା କେବଳ ଦ୍ୱିତୀୟ ବର୍ଗର  ସାଇକେଲ ଚଢାଳୀ ଯୁବକଙ୍କ ପକ୍ଷରେ । ତା ମଧ୍ୟରୁ ମୁଁ ହେଲି ଜଣେ । ତେଣୁ ମୋ ଉପରେ   ଦାୟିତ୍ୱ ପଡିବା ସ୍ୱାଭାବିକ । କୌଣସି ଦିନ ହୁଏତ ଅଫିସ୍ କାମ ପରେ କ୍ୟାଂପ୍ କଲେଜ ରେ ଅଧ୍ୟୟନ କରି କୁମ ଅପା, ରଘୁ ନାୟକ ଓ ଅନ୍ୟ ମାନଙ୍କ ଘର ବୁଲିଫେରିବା  ବେଳକୁ ରାତି ୧୧ ଟା । କୌଣସି କାର୍ଯ୍ୟାନୁଷ୍ଠାନ ବେଳେ ଖାଇବା ପିଇବା ଭୁଲି ସାଇକଲ୍ ଖଣ୍ଡିକରେ ଘୁରି ବୁଲିବା ଜୀବନର ସାମୟିକ ପାଥେୟ ହୋଇ ଯାଇଥାଏ । ମୁଁ କୌଣସି ନିଶା ରେ ମତୁଆଲା ।

ଓଡିଆ ସମାଜ ତରଫରୁ ବିଭିନ୍ନ ପ୍ରକାର କାର୍ଯ୍ୟାନୁଷ୍ଠାନ ଦିନକୁଦିନ ବଢି ଚାଲିଥାଏ । ସରସ୍ୱତୀ ପୂଜା ଓ ପର୍ବପର୍ବାଣୀ, ନାଟକ, ପାଲା, ଗୀତିନାଟ୍ୟ, ଓଡିଶୀ, ପିକ୍‌ନିକ୍, ନୂଆ କରି ଆସୁଥିବା ଓଡିଶା ର ବିଶିଷ୍ଟ ବ୍ୟକ୍ତି ବା ଦଳଙ୍କୁ ସମ୍ବର୍ଦ୍ଧନା ଜଣାଇବା, ଜାତୀୟ ସ୍ତରରେ ଓଡିଶାର ପ୍ରତିନିଧିତ୍ୱ କରିବା ଏମିତି ଏମିତି । ସ୍ୱଳ୍ପ ଅର୍ଥ ଓ ଲୋକବଳରେ ଯାହା କରା ଯାଉଥିଲା ତାହା ଯଥେଷ୍ଟ । ଏପରିକି, କିଛି ବର୍ଷ ଧରି ହାତଲେଖା ପତ୍ରିକା ବାହାର କରାଯାଇଥିଲା । କେତେଖଣ୍ଡ ମୋ ହାତଲେଖାର ନମୁନା ।



ମୁଁ ଆକାଶକୁ ଚାହିଁଛି । ପାଖରେ ପଡିଛି ସାଇକଲ ଖଣ୍ଡିକ । ଇଣ୍ଡିଆ ଗେଟର ଖୋଲା ମଇଦାନରେ ଲୋଟି ଯିବାକୁ ଇଚ୍ଛା ହୁଏ କେବେକେବେ । ମୁକ୍ତ ଆକାଶର ତାରା ଗୁଡିକ ଆଖି ମିଟିକା ମାରି ମୋତେ ଦେଖୁଛନ୍ତି । ଭଲ ଲାଗିଲା  ନିଶ୍ଚୟ । ଗାଁ ରେ କଳା କିଟି କିଟି ଅନ୍ଧାର ରାତିରେ ଆକାଶକୁ ମୁହଁ ବଢାଇ ବଡବଡ ଆଖିରେ ଦେଖେଁ ତାରା ମାନଙ୍କୁ । ମିଞ୍ଜିମିଞ୍ଜି ଆଲୁଅରେ ସେମାନେ ଚିହ୍ନଟ କରୁଥାନ୍ତି ମୋର ଅସ୍ତିତ୍ୱକୁ ଏବଂ ବାଟ, ଗଛ କିମ୍ବା ଘର ଗୁଡିକର ଝାପସା ରୂପକୁ । ଏମାନଙ୍କ ସହିତ ଖାମଖିଆଲି ଭାବେ ଦୁଃଖସୁଖ ହେବାକୁ ଇଚ୍ଛା ହୁଏ । ଯେଉଁଦିନ ଆକାଶରେ ଜହ୍ନ ଉଭା ହୁଏ ଅବା ଅଧଖଣ୍ଡିଆ, ଭସା ମେଘ ଭିତରେ ଉଙ୍କି ମାରେ, ଇଚ୍ଛା ହୁଏ ଜହ୍ନ ଟାକୁ ଜାବୁଡି ପକାଇବାକୁ । ସେ ପୁଣି ଆସେ କୁଆଁର ପୁନେଇ, ଦୋଳ ଓ ରାସ ଉତ୍ସବ ବେଳେ । ଦାଣ୍ଡରେ ଆମେ ଲୁଚକାଳି ଖେଳୁ, ମଦନ ମୋହନ ଓ ରାଧା ଗୋବିନ୍ଦଙ୍କ ପାଖରେ କୀର୍ତ୍ତନ କରୁ, ବାଡି ପଛପଟେ ଛପି ପିଚକାରି ମାରୁ, ଏ ସାହିରୁ ସେ ସାହି ଦୌଡି ଡାକ ଛାଡୁ "ହେଇ, ଯାତ୍ରାବାଲା ଆସି ସାହିମୁଣ୍ଡରେ ।"

ଆଜି କିନ୍ତୁ ଏହି ତାରା ମାନେ ଏକ ସ୍ୱରରେ ପଚାରୁଛନ୍ତି - କାହିଁକି ଦିନରାତି ଖରା ଶୀତରେ ଇଏ ଦୌଡାଦୌଡି କରୁଛି । ମୁଁ ଅପ୍ରତିଭ ଭାବରେ ମୁହଁ ଫେରାଇଲି ପଡିଥିବା ସାଇକେଲ୍ ଆଡକୁ, କାହିଁକିନା ସେ ଖଣ୍ଡିକର ମୋ ପାଇଁ କିଛି କହିବାର ଅଛି । ନଜର ପଡୁଥିଲା ରାଜପଥରେ ଯାଉଥିବା ସାଇକଲ ଚଢାଳି ବା ଖଣ୍ଡେ ଅଧେ କାର୍ ଉପରେ । ମନେ ମନେ ପ୍ରଶ୍ନର ଉତ୍ତର ସଜାଡୁଛି । ପୁଣି ଚାହିଁଲି ତାରା ମାନଙ୍କୁ ଗଳା ଝାଡି ଜବାବ୍ ଦେବାକୁ । ମୁଁ ଦେଖୁଛି ସେମାନଙ୍କ ମୁରୁକି ହସ । ମୁଁ ହସିବି କି ? ବୋଧହୁଏ ମୋ' କଥା ସେମାନଙ୍କୁ ଜଣା ।

ମୁଁ ଏବେ ତଳ ମୁହାଁ ହେଲିଣି । ତେଲଲୁଣ ସଂସାରର ଚିତ୍କାରରେ ସାଇକେଲ୍‌ଟିକୁ ଉଠାଇ ରାସ୍ତା ଧରିଲି । ଲସରପସର ହୋଇ ଏଇଟି ମୋତେ ଶବାରକରି ଆଗକୁ ମାଡି ଚାଲିଛି ଗୋଟିଏ  ବତୀଖୁଣ୍ଟ ଛାଡି ଆଉଗୋଟିଏ ଆଡକୁ । ଆମର ଛାଇ ଲମ୍ବାସରୁ ହୋଇ ଆମ

ସହିତ ଦୌଡା ଧାଂପୁଡା କରିବାରେ ବ୍ୟସ୍ତ । ମୁଁ ବାସ୍ତବତାକୁ ତାରାଙ୍କର ପ୍ରଶ୍ନ ପଚାରୁଛି । ଶୁଣିବାକୁ ପାଏ ଏକ ଜନତାର ଘନଘନ ଜିଜ୍ଞାସା: ଆପଣ କହୁନ୍ତି ଓଡିଶାରୁ, ଇଏ ଓଡିଶା କେଉଁଠି ? ମୁଁ ମନପ୍ରାଣ ଦେଇ ବୁଝାଇବାକୁ ଚେଷ୍ଟାକରୁଛି ଜଗନ୍ନାଥ, ଲିଙ୍ଗରାଜ, କୋଣାର୍କ ବା ମହତାବଙ୍କ ନାମ କହି । କେବଳ ଓଡିଶା କଲିକତାର ଦକ୍ଷିଣରେ କହିଲେ ଆଂଶିକ ଉତ୍ତର ମିଳିଲା ବୋଲି ଜଣା ପଡେ । ଶରଣାର୍ଥୀ ପଞ୍ଜାବୀ, ଅମଲା ମହଲରେ ଭରପୁର ବଙ୍ଗାଳୀ ଓ ଦକ୍ଷିଣ ଭାରତୀୟଙ୍କ ବେଷ୍ଟନୀରେ ମୁଁ ଆଉ ହାତ ଗଣିଲା କେତୋଟି ଓଡିଆଙ୍କର ସତ୍ତା କେଉଁଠି । ଓଡିଶାର ଭାଷା, ସାହିତ୍ୟ, ସ୍ଥାପତ୍ୟ, ସଂସ୍କୃତି, କଳା, ସଙ୍ଗୀତ ଓ ନୃତ୍ୟ ସମ୍ବନ୍ଧରେ ଧାରଣା ଶୂନ୍ୟ ମୋର ପରିପାର୍ଶ୍ୱ । ହେଲେ ମୋତେ ସେମାନଙ୍କର ଐତିହ୍ୟ ଓ ସଂସ୍କୃତି ଜାଣିବାକୁ ପଡିବ । କବିସୂର୍ଯ୍ୟଙ୍କ ଚଂପୂ, ଗୋପାଳକୃଷ୍ଣ ପଦ୍ୟାବଳୀ ଓ ଉପେନ୍ଦ୍ରଭଞ୍ଜଙ୍କ ବୈଦେହୀଶ ବିଳାସ । ପୁଣି ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠ, ମେହେରଙ୍କ ପ୍ରଣୟ ବଲ୍ଲରୀ ଏବଂ ରାଧାନାଥଙ୍କ ଚିଲିକା । ମହାନଦୀ, ରଥଯାତ୍ରା, ରେଭେନ୍ସା କଲେଜ ଆଉ ଅନ୍ନପୂର୍ଣ୍ଣା ଥିଏଟର । ଯେଉଁ ନାମ ଓ ଘଟଣାବଳୀ ମୋତେ ଏତୁଟିରୁ ଏତେଟିଏ କରିଥିଲା, ତାହା ସବୁ ଛିନଛତର ହୋଇ ପଦାରେ ଲଙ୍ଗଳା ପଡିଛନ୍ତି । ଅଥଚ ମୋତେ ଦିଲ୍ଲୀର ସାର୍ବଜନୀନ ଓ ସର୍ବଭାରତୀୟ ଚେତନାରେ ଉଦ୍‌ଭାସିତ ହେବାକୁ ପଡିବ, ନଚେତ୍ ମୁଁ କୁଆଡେ ସଂକୀର୍ଣ୍ଣମନା ବୋଲି ଗଣାହେବି । ଭିତରଟା ଭରିଯାଏ ଅଭିମାନରେ । ଯାକୁହିଁ କହିବି କିସ୍ୱାଭିମାନ ବୋଲି ?

ଅଭିମାନ କରାଯାଏ କେହି ଶୁଣିବାକୁ ଥିଲେ । କିନ୍ତୁ ଏବେ ଶୁଣାଳୀ କିଏ ? ଆଉ ଗୋଟିଏ ଘଟଣା ମନେ ପଡେ । I.C.A.R.ର କୃଷି ସମ୍ବନ୍ଧୀୟ ପରୀକ୍ଷାମୂଳକ ଯୋଜନାକୁ ଏହାଅର୍ଥ ଯୋଗାଇଥାଏ । ଏଥିପାଇଁ କେତେକ ଆଲୋଚନା ବୈଠକରେ ମୁଁ **statistician** ଭାବରେ ଯୋଗ ଦେଇଥିଲି । ଦେଖିଲି ଯେ ସେଠାରେ ପ୍ରତ୍ୟେକେ ନିଜନିଜ ରାଷ୍ଟ୍ର ର ଯୋଜନା ପାଇଁ ଲଢେଇ କରୁଛନ୍ତି, ଯଦିଓ ଅନ୍ୟ ଏକ ଯୋଜନାର ଯଥାର୍ଥତା ଅନେକ । "ଜୋର ଯାହାର ମୁଲକ ତାହାର" ନୀତି ବେଶ କାଟୁକରୁଛି । ଏପରି ଅନେକ କ୍ଷେତ୍ରରୁ ମୋ ଆଖି ଖୋଲିଲା ଓ ମୁଁ ମନରେ ପଚାରି ହେଲି, ଓଡିଶାର ଉନ୍ନୟନ ଓ ସମୃଦ୍ଧି ପାଇଁ କିଏ ଲଢିବ । ରାଜନୀତି ବା ଅନ୍ୟାନ୍ୟ କ୍ଷେତ୍ରରେ ଓଡିଶା ଦୁର୍ବଳ । ଆର୍ଥିକ ଦୁରବସ୍ଥା କହିଲେ ନ ସରେ । ବାହ୍ୟ ଶକ୍ତି ସହିତ ସମକକ୍ଷ ନ ହେବାରୁ ଓଡିଆ ନିଜନିଜ ଭିତରେ ଟଣାଓଟରା ଲଗାଇ ନିଜକୁ ଅଧିକ ଦୁର୍ବଳ କରି ପକାଉଛନ୍ତି । ସେହିପରି କିଛି କାରଣରୁ ଦିଲ୍ଲୀରେ ଓଡିଶା କ୍ଲବ୍ ନାମରେ ଆଉ ଗୋଟିଏ ସଂସ୍ଥା ଆରମ୍ଭ ହୋଇଥିଲା ।

ଓଡିଆଙ୍କ ଗହଣରେ ରହିସୁଦ୍ଧା ମୁଁ ଅଣଓଡିଆଙ୍କ ସଂସ୍ପର୍ଶ, ଶ୍ରଦ୍ଧା ଓ ଆନ୍ତରିକତାରେ ଜଡିତ ହୋଇ ପାରିଥିଲି । ତାଙ୍କରି ଭିତରୁ ମୋ ପ୍ରଫେସର ଅନାଦି ରଂଜନ ରାୟ ଓ ସାଙ୍ଗ ତାରକେଶ୍ୱର ପ୍ରସାଦ ମୋତେ ତାଙ୍କ ପରିବାରର ଜଣେ ବୋଲି ଗଣି ନେଇଥିଲେ । ମୋ ଭବିଷ୍ୟତ ର ସଫଳତା ପାଇଁ ମୁଁ ସେମାନଙ୍କ ପାଖରେ ଚିରଋଣୀ । ଏହି ବାହାର ଜଗତରୁ ମୁଁ ଅନେକ କିଛି ଶିଖି ପାରିଥିଲି, ବିଶେଷକରି ବିଭିନ୍ନତାର ମୂଲ୍ୟବୋଧ ।

୧୯୫୯ ସେପ୍‌ଟେମ୍ବରର ଏକ ସଂଧ୍ୟା । ପାଲାମ୍ ବିମାନଘାଟିରେ ପ୍ରସାଦ ଓ ରାୟ ପରିବାରଠୁଁ ବିଦାୟ ନେଲି । ଆଖିର ଲୁହ ବଦଳରେ ମୁହଁରେ ହସ । ମୁଁ **B.O.A.C.** ର ଜେଟ୍ ଆଡକୁ ମୁହାଁଇଲି । ପ୍ରଥମ କରି ଭାରତ ଛାଡିବି ଆଲବର୍ଟା ବିଶ୍ୱବିଦ୍ୟାଳୟରେ ପି·ଏଚ୍·ଡି କରିବା ଲାଗି । ଜେଟ୍ ଉଠିଗଲା ଉପରରୁ ଉପରକୁ ଏତେ ବଡ ଦିଲ୍ଲୀ ନଗରୀକୁ ଛୋଟିଆକରି । ମୁଁ ଏବେ ମୁକ୍ତ ଆକାଶର ବିହଙ୍ଗ ।

ଭାରତ ଛାଡିବାରେ ଉଦାସୀନତାର ଛାପ ପଡିଛି କି ନାହିଁ ମନେନାହିଁ । ଆଗ୍ରହାନ୍ୱିତ ମଣିଷର ପ୍ରକୃତି ନୂତନତାର ଅନ୍ୱେଷଣ କରିବା । ମୁଁ ମଧ୍ୟ ଇନ୍ଦ୍ରିୟ ଗୁଡିକୁ ସଜାଗ କରି ଯାହାପାରିଲି ନିଜ ଅନୁଭୂତି ଭିତରେ ଢାଳି ପକାଉଥିଲି ।

ଆଲବର୍ଟାର ଏଡମଣ୍ଟନରେ ପହଞ୍ଚି ମୁଁ ଧରି ନେଇଥିଲି ଯେ ସେଠାରେ ଭାରତୀୟ ପ୍ରାୟ ନ ଥିବେ । ପରେ ଜଣାଗଲା ଯେ ଭାରତୀୟ ଛାତ୍ର ୧୫-୨୦ ଜଣ ଅଛନ୍ତି । ସେମାନଙ୍କ ମଧ୍ୟରେ ମୁଁ କେବଳ ଏକମାତ୍ର ଓଡିଆ । ମୋ ଦିଲ୍ଲୀ ରହଣୀର ଅଭିଜ୍ଞତା ମୋତେ ଅନ୍ୟ ଭାରତୀୟଙ୍କ ସହିତ ମିଳାମିଶାରେ ସାହାଯ୍ୟ କରିଥିଲା । ଦିଲ୍ଲୀରେ ସଂଖ୍ୟାଲଘୁ ଓଡିଆଙ୍କର ସଂଖ୍ୟାଗରିଷ୍ଠ ଗୋଷ୍ଠିରେ ନିଜର ଅଭିନ୍ନତ୍ୱ ରଖିବା ଚାଲିଚଳନ ସହିତ ମୁଁ ଅଭ୍ୟସ୍ତ । ତେଣୁ ସଂଖ୍ୟାଲଘୁ ଭାରତୀୟ ହୋଇ କାନାଡାବାସୀଙ୍କ ମଧ୍ୟରେ ଆମେ **India Students' Association** ଗଢିଥିଲୁ । ସାରା ରାତି ଧରି ସିଙ୍ଗଡା ଓ ପକୋଡା ଛାଣିଲୁ । ରସଗୋଲା ଗଢିଲୁ । ଗଣତନ୍ତ୍ର ଦିବସ ପାଳନ ପାଇଁ ଗୀତ ଗାଇଲୁ, ନାଚିଲୁ ଓ **magic** ଦେଖାଇଲୁ। ଚର୍ଚ୍ଚ, ରୋଟାରୀ କ୍ଲବ ଓ ସ୍କୁଲରେ ଭାରତ ସମ୍ବନ୍ଧରେ କହିଲୁ । ନୂଆ ପରିସ୍ଥିତି ଭିତରେ ପୁରୁଣା ଅନୁଭୂତିକୁ ଭୁଞ୍ଜାଇଥିଲୁ ଠିକ ଦିଲ୍ଲୀରେ ମୋ ଗାଁ ବା ଓଡିଶାକୁ ଗେଞ୍ଜିଲା ଭଳି । ମୋର ସେତେବେଳେ ଆବେଗ ଓ ଉତ୍ସାହ କେତେ, ଠିକ ଦିଲ୍ଲୀ ଭଳି ।

ବାବାଙ୍କ ପାଖକୁ ରୀତିମତ ଓଡିଆରେ ଚିଠି ଲେଖୁଥିଲି । ଅନ୍ୟମାନଙ୍କୁ ବି । ଦିଲ୍ଲୀରେ କେଶବାବୁଙ୍କ ପ୍ରେରଣାରେ କିଛି ଲେଖିବି ଲେଖିବି ବୋଲି ମନକୁ ପ୍ରସ୍ତୁତ କରାଉଥିଲି । ଓଡିଆ ସହିତ ସଂପର୍କ ରଖିବାକୁ ଏଡମଣ୍ଟନରେ 'କୁଆଁରୀକନ୍ୟା' ନାମକ ଏକ ଉପନ୍ୟାସ ଲେଖି ପକାଇଥିଲି । ପରେ କେଶବାବୁଙ୍କ ଉତ୍ସାହ ଓ ମୋ ସାନ ଭିଣୋଇ ଚନ୍ଦ୍ର କୁମାର ମହାନ୍ତିଙ୍କ ସାହାଯ୍ୟ ଯୋଗୁଁ ଏହା ପ୍ରକାଶ ପାଇଥିଲା । ଏହା ସତ୍ତ୍ୱେ ବି ମୋ ଜିଭ ଓଲଟି ନ ଥିଲା, ଯେତେବେଳେ ମୁଁ ଏଡମଣ୍ଟନ କୁ ଆସିଥିବା କୁଳମଣି ସାମଲଙ୍କ ସହିତ ଓଡିଆ କହିବାକୁ ଚେଷ୍ଟା କଲି । ମୋତେ କେମିତି ଅଖାଡୁଆ ଲାଗିଥିଲା, ଅପ୍ରତିଭ ଲଜ୍ଜା ମଧ୍ୟ ।

ଏ କ'ଣ ସତ ? କାନାଡା ର ସୁବିଖ୍ୟାତ ମଣ୍ଟ୍ରିଅଲ ସହରରେ ଓଡିଶୀ ନୃତ୍ୟ ? ସେ ବର୍ଷ ଖରାଦିନେ ମୁଁ ମଣ୍ଟ୍ରିଅଲ ବୁଲିଯାଇଥିଲି । ଖାମଖିଆଲି ଭାବରେ **McGill** ବିଶ୍ୱବିଦ୍ୟାଳୟ ସାମନା ରାସ୍ତାରେ ବୁଲୁଥାଏ । ନଜର ପଡିଲା ଏକ ବିଜ୍ଞାପନ ଉପରେ । ଇନ୍ଦ୍ରାଣୀ ରହମନ ଓଡିଶୀ ନୃତ୍ୟ କରିବେ । ଆଖିବୁଜି ଆଉଥରେ ଚାହିଁଲି । ଓଡିଶୀ, ଓଡିଆ, ଓଡିଶା ପୁଣି କାନାଡାରେ, ଯେଉଁଠି ଓଡିଶା ତ ଦୂରର କଥା, ଭାରତ ସମ୍ବନ୍ଧରେ ଧାରଣା ଥାଏ ଅତି ଝାପସା ଭାବରେ । ତରତରରେ ଯାଇ ଟିକଟ କରି ପକାଇଲି । ସେଠାରେ ସନ୍ଦେହଜନକ ଭାବରେ ଜଣଙ୍କୁ ପଚାରିଲି, କେହି ଓଡିଶାରୁ ଆସିଛନ୍ତିକି । ଭଦ୍ରଲୋକ ଭିତରକୁ ଯାଇ ଯାହାଙ୍କୁ ପଠେଇଲେ, ସେ ଥିଲେ ଗୁରୁଦେବ ପ୍ରସାଦ ଦାସ ।

ମୋ ଗୋଡ ତଳେ ଲାଗିଲା ନାହିଁ । ଓଡିଆ କଥାବାର୍ତ୍ତା – ଅମୃତ ଲାଗିଲା ସତେ ।

ଥିଏଟର ହଲ ଭିତରେ ବସିଥାଏ । ଓଡିଶୀ ବାଦ୍ୟ ଓ ସଙ୍ଗୀତ ଆରମ୍ଭ ହେଲାରୁ ମୋ ଆଖି ଛଳଛଳ ହୋଇ ଉଠିଲା । ଇନ୍ଦ୍ରାଣୀଙ୍କ ନୃତ୍ୟରେ ମୁଁ ଆତ୍ମବିଭୋର । ସେ କଣ ଭଲ ନାଚିଥିଲେ ଅବା ତାଙ୍କୁ କାହା ସହିତ ତୁଳନା କରିବି ଇତ୍ୟାଦି ପ୍ରଶ୍ନବାଚକ ଅନୁସନ୍ଧାନ କରିବାକୁ ମୁଁ ମୋଟେ ପ୍ରସ୍ତୁତ ନଥିଲି । କେବଳ ଭାବ ପବଣତାରେ ମୁଁ ଗଦଗଦ, ସେହିଁ ମୋର ଯଥେଷ୍ଟ ।

ଯୁକ୍ତରାଷ୍ଟ୍ରର ବଫେଲୋ ବିଶ୍ୱ ବିଦ୍ୟାଳୟକୁ ମୁଁ ଆସିଲି ଅଧ୍ୟାପକ ହୋଇ । ଛାତ୍ରାବସ୍ଥାରୁ ଅଧ୍ୟାପକ ସ୍ତରକୁ ଡେଇଁବାରେ ଆତ୍ମନିର୍ଭରତା ବଢିଗଲା । ମସିହାରେ ବିଭାଗର । ଓଡିଆ ଝିଅଟିର ଘରେ ପାଦ ପଡିଲା । ଏବେ ଏକରୁ ଦୁଇ ଓଡିଆ ହେଲୁ, ବାକି ପଞ୍ଚାଏ ଭାରତୀୟ ଙ୍କ ସନ୍ନିଧାନରେ । ଆମ ଘର ଚାରିକାନ୍ଥ ଭିତରେ ଏକ ଛୋଟ ଓଡିଶା – ଓଡିଆ କଥା, ଓଡିଆ ରାନ୍ଧଣା, ଓଡିଆ ଗୀତ ଓ ଓଡିଆ ସଂପର୍କ ।

ବଫେଲୋ ଛାଡି ଆମେ କାନାଡାର ହାମିଲଟନକୁ ଆସିଲୁ । ମୁଁ ଏଠାକାର **McMaster** ବିଶ୍ୱ ବିଦ୍ୟାଳୟରେ ଯୋଗ ଦେଲି । ଆମ ପରିବାରରେ ବର୍ତ୍ତମାନ ତିନିଜଣ, କୁନି ଝିଅଟିଏ । ଏଠାରେ ଅଧିକାଂଶ ବିଶ୍ୱ ବିଦ୍ୟାଳୟ ସହିତ ଜଡିତ ଥିଲେ । ସ୍ଥାନୀୟ ଭାରତୀୟ ସଂସ୍ଥାରେ ଆମେ ସହଜରେ ଜାକି ହୋଇଗଲୁ । ସହରରେ ଏକମାତ୍ର ଓଡିଆ ପରିବାର ହେଲେ ବି ଭାରତୀୟଙ୍କ ସହିତ ଆମର ଘନିଷ୍ଠତା ବଢି ଯାଇଥିଲା ।

ଦିଲ୍ଲୀର ଓଡିଆ ଯେପରି ସଂଖ୍ୟାନ୍ୟୂନ, ହାମିଲଟନରେ ଭାରତୀୟ ମଧ୍ୟ ସେହିପରି । ସଂଖ୍ୟାନ୍ୟୂନ ଗୋଷ୍ଠୀର ଏକ ବଡ ଚ୍ୟାଲେଞ୍ଜ – ନିଜର ବିଭିନ୍ନତା ରଖି ବାକିମାନଙ୍କ ସହିତ ତାଳ ଦେଇ ଚାଲିବା । ଚ୍ୟାଲେଞ୍ଜକୁ ସମ୍ମୁଖୀନ କରିବାର ପ୍ରତିବନ୍ଧକ ଯେତିକି, ତା' ଠାରୁ ବେଶୀ ମିଳୁଥିଲା ପୁଲକ । ହାମିଲଟନ ରେ ଭାରତୀୟଙ୍କ ସଂଖ୍ୟା ବଢିଲା । ଅଧିକାଂଶ ହେଲେ ବିଶ୍ୱବିଦ୍ୟାଳୟ ର ବାହାରେ । ତେଣୁ ନୂଆକରି **India Canada Society** ନାମକ ଏକ ସଂଗଠନ ଗଢାଗଲା । ଗଠନରୁ ଆରମ୍ଭ କରି ଏହାର ଉତ୍ତରୋତ୍ତର ଉନ୍ନତି ପାଇଁ ସବୁବେଳେ ଲାଗିପଡିଥିଲି । ୧୯୭୪-୭୫ ରେ ମୋର ସଭାପତିତ୍ୱଗ୍ରହଣ କରିବା ଏଥିପାଇଁ ଯଥେଷ୍ଟ ସାହାଯ୍ୟ କରିଥିଲା । ମୋଟାମୋଟି ଏହାର ସାଂସ୍କୃତିକ କାର୍ଯ୍ୟକ୍ରମ ର ଭାର ରହୁଥିଲା ମୋରି ଉପରେ । ଏଥିରେ ଓଡିଶାର ଯଥାବିଧି ପ୍ରତିନିଧିତ୍ୱ କରାଇବାକୁ ମୁଁ ଚେଷ୍ଟିତ ଥିଲି । ଫଳରେ ସଂଯୁକ୍ତା ପାଣିଗ୍ରାହୀଙ୍କୁ ଅଣାଇବା ଏକ ଅକ୍ଳାନ୍ତ ଉଦ୍ୟମ । ଉଦ୍ୟମ ବିଫଳ ହୋଇ ଥିଲା ସତ, ଜାଗିଥିବା ଉତ୍ସାହ ର ଫଳାଫଳରେ ସଂଯୁକ୍ତା ଆସିଥିଲେ କିଛି ବର୍ଷପରେ ।

ମନ ସବୁବେଳେ ଖୋଜି ବୁଲୁଥିଲା ଆଉ ଗୋଟିଏ ଓଡିଆକୁ ଦେଖିବା ପାଇଁ । ଧୀରେ ଧୀରେ ଅନ୍ୟ ଓଡିଆଙ୍କୁ ଆବିଷ୍କାର କଲୁ ଟରଣ୍ଟୋ ଓ ଆଖପାଖ ଅଞ୍ଚଳରୁ । ସେମାନଙ୍କୁ ଏକତ୍ର କରିବା ଉଦ୍ଦେଶ୍ୟ ନେଇ ଆମଘରେ ଗୋଟିଏ ପଖାଳ ପାର୍ଟିର ଆୟୋଜନ କରିଥିଲୁ । କି ଖୁସି ପରସ୍ପରକୁ ଦେଖି । ତଳେ ବସି ଖାଇବାବେଳେ ଆମେ କେମିତି ଏକ ନିବିଡ ଭାବେ ଯୋଡିଗଲୁ, ସଂପର୍କଟା ଯେମିତି ବହୁତ ଦିନର । ସେଦିନ ଏ ଅଞ୍ଚଳରେ ଥିବା ଓଡିଆଙ୍କର ଗୋଟିଏ ସଂଘ ଗଢା ଗଲା । ଦୁଇ ବର୍ଷ ଆଗରୁ ଉତ୍ତର ଆମେରିକାରେ ରହୁଥିବା ଓଡିଶା ବାସୀଙ୍କ ପାଇଁ **Orissa Society of Americas(OSA)** ଆରମ୍ଭ କରା ଯାଇଥିଲା । ଆମର ସଂଘ ଏହାର ଏକ ଚାପ୍ଟର୍ ଭାବରେ ଗଣାଗଲା । ମୁଁ ସେହିଦିନରୁ **OSA** ଓ ଏହାର କାର୍ଯ୍ୟରେ ବିଭିନ୍ନ ଭାବରେ ଭାଗ ନେଇ ଆସିଛି ।

ପହିଲି ଉନ୍ମାଦନାରେ ଆମେ ଉଛନ୍ନ, କ'ଣ କ'ଣ କରି ପକାଇବାକୁ । ସେହିବର୍ଷ ଆମେ କୁମାର ଉତ୍ସବ ପାଳନ କରିବା ଆରମ୍ଭ କଲୁ । ପ୍ରଥମ ଥର କାନାଡାର ଓଡିଆମାନେ ମଞ୍ଚସ୍ଥ କଲେ ଏକ ଛୋଟକାଟିଆ ବିଚିତ୍ରାନୁଷ୍ଠାନ । ଓଡିଆ ଗୀତ ଓ ନାଚରେ ହଲ୍‌ଟା ଉଛୁଳୁଥିଲା, ଆଉ ଉଛୁଳୁଥିଲେ କେତୁଟା ଓଡିଆ । ମୋ ବଡ ଝିଅ "ଲିନି" ସହିତ କେତେଜଣଙ୍କୁ ନେଇ 'ଚଇତି ରାତି ଛପି ଛପି...' ଉପରେ ନାଚଟିଏ ପ୍ରସ୍ତୁତ କରିଥିଲି । "କଦମ୍ବବନେ ବଂଶୀ ବାଜିଲା..." ଉପରେ ଓଡିଶୀ ଅଭିନୟ କରିଥିଲେ ଚିତ୍ରଲେଖା ପଟ୍ଟନାୟକ । ଏହା ଥିଲା ଚିତ୍ରଲେଖା ଡ୍ୟାନ୍‌ସ ଏକାଡେମୀ ସ୍ଥାପନର କ୍ଷୀଣ ସୂତ୍ରପାତ ।

ଓଡିଶୀ ସମ୍ବନ୍ଧରେ ମନେ ପଡୁଛି ଗୋଟିଏ ଘଟଣା । ସେ ଦିନ ଗୋପୀ କିସନ୍ ହାମିଲଟନରେ କଥକ୍ ନୃତ୍ୟ କରିଥିଲେ । ତାଙ୍କୁ ଅଣାଇଥିଲେ ଦୋରାଇସ୍ୱାମୀ ବୋଲି ଜଣେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ପୃଷ୍ଠପୋଷକ । ସେ ଯେଉଁ ପ୍ରୋଗ୍ରାମ ବହିଟି ବାଣ୍ଟିଲେ, ସେଥିରେ ଓଡିଶୀ ନୃତ୍ୟ ବ୍ୟତୀତ ଅନ୍ୟ ସବୁ ନୃତ୍ୟର ବିବରଣୀ ଥିଲା । ତାଙ୍କୁ ଏ ସମ୍ବନ୍ଧରେ ପଚାରିବାରୁ ସେ କଥାଟାକୁ ବାଆଁରେଇ ଦେଲେ । ମୁଁ କିନ୍ତୁ କ୍ଷୁବ୍ଧ । ସେଦିନ ମନଟା କେମିତି ଆନ୍ଦୋଳିତ ହେଲା ଓଡିଶୀକୁ ଆମେରିକାରେ ପ୍ରଚାର କରାଇବାକୁ । ଭାରତ କହିଲେ ବଙ୍ଗ, ପଞ୍ଜାବ ବା ଗୁଜୁରାଟ ଇତ୍ୟାଦିକୁ ବୁଝାଏ, ଓଡିଶାର ନାମଗନ୍ଧ ନ ଥାଏ । ଓଡିଶା କୁ ଚିହ୍ନାଇବାର ଗୋଟିଏ ଉପାୟ ହେଉଛି ଓଡିଶୀର ପ୍ରଚାର ।

ଏହି ଦୃଢ ବିଶ୍ୱାସ ଏକ ସଂକଳ୍ପରେ ପରିଣତ ହେଲା । ପ୍ରଥମେ ଟରଣ୍ଟୋକୁ ନୂଆ ଆସିଥିବା ଗୁରୁ କେଳୁଚରଣ ମହାପାତ୍ରଙ୍କ ଛାତ୍ରୀ ମେନକା ଠକ୍କରଙ୍କ ଓଡିଶୀ ପ୍ରୋଗ୍ରାମକୁ ପ୍ରଚାର କରାଇବା ଓ ଓଡିଶୀ କଳାକାରଙ୍କୁ ଅଣାଇବାରେ ସାହାଯ୍ୟ କଲି । ତା'ପରେ ଦୁଇ ଝିଅଙ୍କୁ ଓଡିଶୀ ଶିଖାଇବା ପାଇଁ ଓଡିଶା ପଠାଇଥିଲି । ଆମ ଅଞ୍ଚଳରେ ଏତେ କମ ବୟସରେ ଏମାନେ ପ୍ରଥମ କରି ଓଡିଶୀ ନୃତ୍ୟ କରିଥିଲେ । ଦ୍ୱିତୀୟ ଝିଅ ରିନି ଗୁରୁ ପଙ୍କଜ ଚରଣଙ୍କ ଠାରୁ ଆରମ୍ଭ କରି, ମେନକା ଠକ୍କର ଓ ଶେଷରେ ଗୁରୁ କେଳୁଚରଣଙ୍କ ଛାତ୍ରୀ ହେଲା । ଗଣିତ ଓ କଂପ୍ୟୁଟର ବିଦ୍ୟା ଅଧ୍ୟୟନ କରିବା ପରେ ସେ ଓଡିଶୀ ନୃତ୍ୟ ଓ ଏହି ସମ୍ବନ୍ଧୀୟ ରିସର୍ଚ୍ଚ ଅଦ୍ୟାବଧି କରୁଛି ।

ଗୁରୁ କେଳୁ ଚରଣ ଅନେକଥର ଆମେରିକା ଆସିଛନ୍ତି, କେବଳ ଶିଷ୍ୟା ମାନଙ୍କ ଗୁରୁ ଭାବରେ । ତାଙ୍କ ୭୦ ତମ ଜନ୍ମବାର୍ଷିକୀ ଉପଲକ୍ଷ୍ୟେ ତାଙ୍କୁ ବିଶେଷ ସମ୍ମାନ ଦେବା ପାଇଁ ତାଙ୍କ ସମେତ ୧୨ ଜଣଙ୍କର ଉତ୍ତର ଆମେରିକାରେ ଏକ ନୃତ୍ୟ-ଭ୍ରମର ଆୟୋଜନ କରିଥିଲୁ । ଚାରିଆଡେ ହୁ ହୁ ବ୍ୟାପି ହୋଇଗଲା କେଳୁଚରଣଙ୍କ, ଓଡିଶୀ ତଥା ଓଡିଶାର ନାଁ । ବର୍ତ୍ତମାନ ଆମେରିକାର ଅନେକ ସ୍ଥାନରେ ଓଡିଶୀ ଛାତ୍ର ଛାତ୍ରୀ ଓ ଓଡିଶୀ ସ୍କୁଲ ଦେଖିବାକୁ ମିଳିବ । ଏମାନେ ଓ ଏଗୁଡିକ ବିକାଶ ପାଉଛନ୍ତି ଖାପଛଡା ଭାବରେ । ନାଁ ଅଛି ପରସ୍ପର

ମଧ୍ୟରେ ସଂପର୍କ, ନାଁ ଅଛି ଖ୍ୟାତନାମା ଗୁରୁ, ଗବେଷକ ଓ ନର୍ତ୍ତକ ନର୍ତ୍ତକୀଙ୍କ ସହିତ ସଂସ୍ପର୍ଶ । ମନରେ ପ୍ରଶ୍ନ ଉଠିଲା ଆମେରିକାରେ ଓଡିଶୀର ଭବିଷ୍ୟତ ସଂପର୍କରେ । ମନ ଭିତରଟା କେମିତି ଫୁଲିଉଠେ ଆମେରିକାରେ ଓଡିଶୀ ପ୍ରଚାର ବିଷୟ ଭାବି ।

ମନ ଭିତରଟା ଫୁଲିଉଠିଥିଲା ଆମ କୁମାର ଉତ୍ସବରେ । ପରେ ପରେ ପୂଜା ପର୍ବାଣୀ ବା ସପ୍ତାହ ଶେଷରେ ଯାଘରେ ତାଘରେ ଓଡିଆ ଗୁଣ୍ଡ ହୁଅନ୍ତି ଗୁଡାଏ ଖାଇବା ଓ ହୋହୋ କରି । ସେତିକିରେ ମନ ବୁଝିଲା ନାହିଁ । ଇଛା ହେଉଥାଏ ଆହୁରିରୁ ଆହୁରିକୁ । ଅଣ୍ଟେରିଓ ପ୍ରଦେଶ ହ୍ରଦ ମାଳାରେ ପୂର୍ଣ୍ଣ । କୌଣସି ସପ୍ତାହ ଶେଷରେ ଦୁଇଦିନ ଧରି ଓଡିଆ ମିଶିବ ଏକ ହ୍ରଦ କୂଳରେ, ସହରର କଟକଣା ଓ ଆପାର୍ଟମେଣ୍ଟରେ ନଅଣ୍ଟ ଜାଗାର ପ୍ରତିବନ୍ଧକ କୁ ଦୂରେଇଦେଇ । ଗପିବ - କିଲୋ ତୋ ଭଉଣୀ କଉଠି ଅଛି । ଖାଇବ -ଭାତ ଡାଲି, ଘାଣ୍ଟ ଓ ମାଛଝୋଳ କରି । ଗାଇବ - ଆଗୋ ମୟୂରୀ ଗୋ । ନାଚିବ - ତା ତା ଧିନିଧିନି ବଜାଇ । ଇଏ ହେଲା କାନାଡାର ପିକ୍‌ନିକ୍ । ଏହା ଏତେ ଲୋକପ୍ରିୟ ହେଲା ଯେ ଖବର ବିଛାଇଗଲା ଆମେରିକା ସାରା । ବର୍ଷକୁ ବର୍ଷ ଅଧିକରୁ ଅଧିକ କାହିଁ ପାଞ୍ଚଶହ ହଜାର ମାଇଲ ଦୂରରୁ ଓଡିଆ ପରିବାର ଖେଦି ଆସିଲେ । ଅସରନ୍ତି ଉନ୍ମାଦନା ।

ଏହା ମଧ୍ୟରେ OSA ଏକ ବାର୍ଷିକ ସମ୍ମିଳନୀ ଆରମ୍ଭ କରିଥାଏ । ଅଧଦିନିଆ କାରବାର । ଓଡିଆଙ୍କ ସଂଖ୍ୟା ବିଶେଷ ନ ଥିଲା ।୧୯୭୫ ମସିହାରେ ବାର୍ଷିକ ସମ୍ମିଳନୀ ଟରଣ୍ଟୋରେ ହୋଇଥିଲା । ଏଥିରେ ପ୍ରଥମଥର କରି ସଂପୂର୍ଣ୍ଣ ଓଡିଶୀ ନାଚ ହୋଇଥିଲା ମେନକା ଠକ୍କରଙ୍କ ଦ୍ୱାରା । କାନାଡା ପିକନିକ ପ୍ରେରଣାରେ ହେଉ ବା ଅନ୍ୟ କାରଣରୁ ହେଉ, ୱାଶିଂଟନ ଅଞ୍ଚଳର ଓଡିଆ ଦୁଇଦିନ ଧରି ସମ୍ମିଳନୀ ଚଳାଇବା ପ୍ରଥା ଆରମ୍ଭ କରିଥିଲେ । ସ୍ମାରକ ପତ୍ରିକା ପ୍ରକାଶ କରାଗଲା ଯାହା ଏବେ ଧରାବନ୍ଧା ହୋଇ ଗଲାଣି । ସମ୍ମିଳନୀରେ କମ ସଂଖ୍ୟାରେ ଯୋଗ ଦେଲେ ସୁଦ୍ଧା ଏତେ ବଡ କାର୍ଯ୍ୟ ତୁଲାଇବା କମ ବଡ କଥା ନୁହେଁ ।

୧୯୮୬ ରେ ଟରଣ୍ଟୋରେ ପୁଣି ସମ୍ମିଳନୀ ଆୟୋଜିତ ହୋଇଥିଲା । ସେ ବର୍ଷ ଓଡିଶା ସ୍ୱତନ୍ତ୍ର ହେବାର ସୁବର୍ଣ୍ଣ ଜୟନ୍ତୀ ପାଳିତ ହେବ । ଏଥିପାଇଁ କ'ଣ କରାଯିବ, ତା' ଭାର ମୋତେ ଦିଆ ଯାଇଥିଲା । ଆମେରିକାର ବିଭିନ୍ନ ଅଞ୍ଚଳର ପ୍ରାୟ ୬୦ ଜଣ ଓଡିଆଙ୍କୁ ନେଇ ମାୟାଧର ମାନସିଂହଙ୍କ ରଚିତ **The Saga of the Land of Jagannath** କୁ ଗୀତ, ନାଚ, ନାଟକ ଓ ଆବୃତ୍ତି ମାଧ୍ୟମରେ ତିନି ଘଣ୍ଟା ଧରି ଆମେ ମଞ୍ଚସ୍ଥ କରିଥିଲୁ । ୧୯୯୪ ରେ **OSA** ର ରୌପ୍ୟ ଜୟନ୍ତୀ ଉପଲକ୍ଷ୍ୟେ ମୋତେ ଲଗାଇ ଆଖପାଖ ଓଡିଆଙ୍କ ଦ୍ୱାରା ଫକୀରମୋହନ ସେନାପତିଙ୍କ " ଛ' ମାଣ ଆଠ ଗୁଣ୍ଠ"କୁ ପ୍ରଥମ ଥର ପାଇଁ ପୂର୍ଣ୍ଣାଙ୍ଗ ନାଟକ ଆକାରରେ ଉପସ୍ଥାପିତ କରାଗଲା । ପୁଣି ୧୯୯୯ ରେ ସମ୍ମିଳନୀ କରାଇବାକୁ କାନାଡାର ପାଳି ପଡିଥିଲା । ଏଥର ଚିତ୍ତରଂଜନ ଦାସଙ୍କ **Glimpse of Oriya Literature** ର ଆଧାରରେ "ଆମ ଓଡିଆ ଭାଷାର କିଞ୍ଚିତ ଆଭାସ" ଶୀର୍ଷକ ଏକ ବିଚିତ୍ରାନୁଷ୍ଠାନର ପ୍ରଯୋଜନା କରିଥିଲି । ଏ ସବୁ ପଛରେ ମୋର ଲକ୍ଷ୍ୟ ଥାଏ କିପରି ଓଡିଆ ସାହିତ୍ୟ ଓ ସଂସ୍କୃତିକୁ ବିଦେଶୀ ବାତାବରଣରେ ପରିବେଷଣ କରାଇବାକୁ।

ମୁଁ ଆକାଶର ତାରା ଦେଖୁ ନଥିଲି କି ତାରା ମାନେ ମୋତେ ପ୍ରଶ୍ନ କରୁନ ଥିଲେ । ଘରେ ବସି ପରିବାର ଘେରାଉ ଭିତରେ ଚିନ୍ତା କରୁଥିଲି । ମୋ ଚିନ୍ତାଧାରା ଓଡିଆ ଏବଂ ଭାରତୀୟଙ୍କ ଦ୍ୱାରା ପ୍ରଭାବିତ । ତଥାପି ମୁଁ ବଞ୍ଚି ରହିଛି ଓ ରହିବାକୁ ଚାହେଁ କାନାଡାର ସଂସ୍କୃତି ମଧ୍ୟରେ । ଅନ୍ତରର ଦ୍ୱନ୍ଦ୍ୱକୁ ସମ୍ବଳ କରିଲେଖି ପକାଇଥିଲି" ମୋ ଓଡିଆ କଲଚରର ଆତ୍ମକଥା" ନାମକ ଏକ ଏକାଂକିକା । ଏହାକୁ ମଞ୍ଚସ୍ଥ କରାଇଥିଲୁ । ପ୍ରଥମ ଥର ପାଇଁ ମୁଁ ଷ୍ଟେଜ୍‌କୁ ଓହ୍ଲାଇ ଥିଲି ଏହାରି ମୁଖ୍ୟ ଚରିତ୍ର ଭୂମିକାରେ । ମୋଟାମୋଟି ଏହାର ସାରାଂଶ ପ୍ରଥମ ଦୃଶ୍ୟରେ ବୁଝାପଡିବ । ଡାକ୍ତର ଗୋବର୍ଦ୍ଧନ ଦାସ ଓରଫ ଗୋବରା ବାହାରେ ରହି ଆଧୁନିକା ସ୍ତ୍ରୀ ର ରାନ୍ଧଣା ମିଟ୍‌ଲୋଫ୍ ଓ ସାଲାଡ ଯେତେବେଳେ ଖାଉଥିଲେ, ସେତେବେଳେ ତାଙ୍କର ମନେ ପଡିଲା ବୋଉର ପଠାଇଥିବା ଆମ୍ବୁଲ କଥା । ଆମ୍ବୁଲ ଘରେ ରହି ରହି ପୋକରା ହୋଇଗଲା ବୋଲି ସ୍ତ୍ରୀ ଫୋପାଡି ଦେଇଥିଲେ । କିଏ ବୁଝିବ ଦାସଙ୍କ ବୁକୁଭରା ବେଦନା ।

ବେଦନା ଓ ସଂଘର୍ଷ ଭିତରେ ମୁଁ ଦେଖି ପାରୁଥିଲି କେମିତି ଓଡିଆ ଉଚ୍ଚକୁ ଉଠିଲେ ଶାଗ ପଖାଳକୁ ଛି ଛି କରେ, ଓଡିଆ ଛାଡି ଇଂରାଜି କହିବାରେ ଆନନ୍ଦ ପାଏ, ଚକୁଳି ଚିତଉ ବଦଳରେ ଦୋସାକୁ ପ୍ରିୟ ମଣେ ଓ ଓଡିଆ ଗୀତ ଜାଣିଥିଲେ ସୁଦ୍ଧା ହିନ୍ଦି ଗଜଲ ବୋଲିବାକୁ ସୁବିଧା ଉଣ୍ଡେ । ଓଡିଶାର ଦାରିଦ୍ର୍ୟ ଏକ କଳଙ୍କ ଭାବି ବାହାରକୁ ପଳାଇ ଆସି ଏକ ଦୀର୍ଘ ନିଶ୍ୱାସ ମାରିକହେ ' ଯାହାହେଉ ମୁଁ ତାହି ପାଇଗଲି' । କିନ୍ତୁ ଆଜି ମୁଁ ଦେଖୁଛି ଯେ କାଁ ଭାଁ କେତେକ ଓଡିଆ ପରିବାର ଓଡିଆ ଓ ଓଡିଶା ସହିତ ସଂପର୍କ ରଖିବାରେ ଚେଷ୍ଟିତ , ଓଡିଆ ରାନ୍ଧଣା ପରଷିବାରେ ଗର୍ବିତ ଏବଂ ଜଗନ୍ନାଥଙ୍କ ରଥ ଟାଣିବାରେ ଆନନ୍ଦିତ ।

ବଡ ଠାକୁର, ବଡ ଦେଉଳ ଓ ବଡଦାଣ୍ଡ - ଓଡିଆର ପ୍ରାଣପିଣ୍ଡ । ଓଡିଶୀ ବ୍ୟତିତ ଓଡିଶାକୁ ଲୋକେ ଚିହ୍ନନ୍ତି ଜଗନ୍ନାଥ ଦେଶ ଭାବରେ । ଏଠାରେ କେତେକ ଓଡିଆ ଜଗନ୍ନାଥ ସଂସ୍କୃତିର ସ୍ଥାପନା ଓ ପ୍ରଚାର ପାଇଁ **Jagannath Society of America** ଗଠନ କରିଛନ୍ତି । ଓଡିଆ ସ୍ୱାଭିମାନର ଇଏ ଏକ ପରିଚାୟକ ।

ଅନାହାର ମୃତ୍ୟୁ ? ଯେତେବେଳେ ପୃଥିବୀସାରା ଡିବିଡିବି ନାଗରା ବାଜିଗଲା କଳାହାଣ୍ଡି - ବଲାଙ୍ଗିର ଅନାହାର ମୃତ୍ୟୁ ବିଷୟରେ, ସେତେବେଳେ ଓଡିଆ ମାନେ ଡିମିଡିମି ଆଖିରେ ଅବିଶ୍ୱାସର ହାଇ ମାରିଲେ । ଦୀପ ତଳ ଅନ୍ଧାର । ଓଡିଶାର କ୍ଷମତାପୂର୍ଣ୍ଣ ରାଜନୈତିଜ୍ଞ ଓ ଅମଲାଦଳ ଅବସ୍ଥାକୁ ଢାଙ୍କି ପକାଇଲେ । କିନ୍ତୁ ଯେତେ ଢାଙ୍କିଲେ କି ଢାଙ୍କିହେବ ? ପୁଣି ଏହାଜଣା ଯେ ବର୍ତ୍ତମାନ ଭାରତରେ ସବୁ ରାଜ୍ୟ ମଧ୍ୟରେ ଓଡିଶା ସବୁଠାରୁ ଗରୀବ । ଏ ପରିସ୍ଥିତିରେ ଓଡିଶାର ସାହିତ୍ୟ, କଳା, ଓଡିଶୀ ବା ଜଗନ୍ନାଥ ତତ୍ତ୍ୱକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇ ହେବ କି, ଦୁନିଆ ଦରବାରରେ ଆଦୃତ କରାଯାଇପାରିବକି ?

ଗୋଟିଏ ଦୃଷ୍ଟିରୁ ଦେଖିଲେ ଓଡିଶା ପ୍ରାକୃତିକ ଓ ଖଣିଜ ସଂପଦରେ ଭରପୂର । ପକ୍ଷାନ୍ତରରେ ଘନଘନ ବାତ୍ୟା, ବନ୍ୟା ଓ ମରୁଡି ରେ ଓଡିଶା ଅଭିଶପ୍ତ । ତଥାପି ଆମେ ଜାଣିବାକୁ ପାଉ ଯେ ପୃଥିବୀରେ କେତେକ ଦେଶ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ସୁଦ୍ଧା ସମୃଦ୍ଧିଶାଳୀ ହୋଇ ପାରିଛନ୍ତି। ଏହା ବିଶେଷ କରି ନିର୍ଭର କରିଥାଏ ମଣିଷର ଅନ୍ତର୍ନିହିତ ଶକ୍ତିର ବିକାଶ ଉପରେ, ଯାହା ଓଡିଶା ବାସୀଙ୍କ

ଠାରେ ଅତି ମାତ୍ରାରେ ଊଣା । ଯୁକ୍ତି ଛଳରେ ଆମେ ଦୋଷ ଦେଇପାରୁ ସାମନ୍ତବାଦର କ୍ରମାଗତ ପେଷଣକୁ, ବର୍ତ୍ତମାନର ରାଜନୈତିକ ଓ ଅମଲାତନ୍ତ୍ରର ଶୋଷଣକୁ ବା ଅନ୍ୟ କିଛିକୁ । ସେ ଯାହା ହେଉ ନା କାହିଁକି, ପରିଣାମରେ ଅଧିକାଂଶ ଓଡିଶା ବାସୀ ହାତ ପତାଇବା ଭିକାରୀ ଭଳିଆ, ସେମାନେ ଧୋତିପେଣ୍ଟ ପିନ୍ଧା ବାବୁ ହୁଅନ୍ତୁ ପଛେ । ଏମିତିକି ସରକାର ଅନାଇ ବସିଛି କେତେବେଳେ ବନ୍ୟାବାତ୍ୟା ହେବ, ତଦ୍ୱାରା ଭାରତ ତଥା ଆନ୍ତର୍ଜାତୀୟ କ୍ଷେତ୍ରରୁ ସାହାଯ୍ୟ ପାଇଁ ହାତ ପତାଇବାକୁ ମଉକା ମିଳିବ । ଏଥିରୁ ବଞ୍ଚିତ ହେବାକୁ ହେଲେ ଓଡିଶା ବାସୀଙ୍କୁ ଉଦ୍ୟୋଗୀ ଓ ଆତ୍ମନିର୍ଭରଶୀଳ ହେବା ଉଚିତ । ଫଳରେ ଅର୍ଥନୈତିକ ଅବସ୍ଥା ବଦଳିବାର ଆଶା କରାଯାଏ ।ଆଉ ମଧ୍ୟ ଆଶା କରାଯାଏ ଯେ ମନକୁ ମନ ସାହିତ୍ୟ, କଳା ଇତ୍ୟାଦିର ଆଦର ବଢିବ ।

କଳାହାଣ୍ଡି – ବଲାଙ୍ଗିରର ଅନାହାର ମୃତ୍ୟୁ ଖବରରେ, ଏଠାରେ ଥିବା କିଛି ଓଡିଆ ଛାତ୍ରଙ୍କ ବିଶେଷ ଉଦ୍ୟୋଗ ଦ୍ୱାରା ଉକ୍ତ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟପାଇଁ ଆଲୋଚନା କରା ଯାଇଥିଲା । ମୋତେ ଲଗାଇ ଅନ୍ୟ ମାନେ ଏଥିରେ ଯୋଗ ଦେଇଥିଲେ । ଏହାର କ୍ରମ ବିକାଶରୁ **Sustainable Economic and Educational Develpoment Society (SEEDS)** ନାମକ ଏକ ଅନୁଷ୍ଠାନ ଗଢି ଉଠିଛି । ଗାଁ ଗଣ୍ଡା ରେ ସାଧାରଣ ଲୋକଙ୍କୁ ଉଦ୍ୟୋଗୀ ଓ ସ୍ୱାବଲମ୍ବୀ କରାଇବା  ଏହି ଅନୁଷ୍ଠାନର ଗୋଟିଏ ଲକ୍ଷ୍ୟ । ଉଦାହରଣ ସ୍ୱରୂପ, ଗତ ୧୯୯୯ ମହାବାତ୍ୟା ପରେ **SEEDS** ଏବଂ 'ଉନ୍ନୟନ' ବୋଲି ଏକ ବେସରକାରୀ ଅନୁଷ୍ଠାନ ମିଶି କେତେକ ଗାଁରେ "ପାଣିପଞ୍ଚାୟତ" ଗଢାଇଥିଲେ । ପଞ୍ଚାୟତ ରେ ଥିବା ଚାଷୀ ମାନଙ୍କୁ ଅର୍ଥଋଣ ସର୍ତ୍ତରେ ଦିଆଗଲା ପାଣିପମ୍ପ୍ ବସାଇବାକୁ । ଫଳରେ ସେମାନେ ମୌଳିକ ଖାଦ୍ୟ ଶସ୍ୟ ଉତ୍ପାଦନ କରି ପାରୁଛନ୍ତି ଏବଂ ଋଣ ଫେରାଇ ଆର୍ଥିକ ସ୍ୱାବଲମ୍ବୀ ହେବାର ଆଶା କରୁଛନ୍ତି । ସେହିପରି ବଲାଙ୍ଗିରର ମରୁଡି ଅଞ୍ଚଳରେ ଦୁଇଟି ଗାଁରେ ଜମିକୃଷି ଉପଯୋଗୀ କରାଇବା, ନାଳ ଉପରେ ବନ୍ଧ ବାନ୍ଧିବା ଓ ଗଛ ଲଗାଇବା ପାଇଁ ଗାଁରେ ରହୁଥିବା ଲୋକମାନଙ୍କୁ ତାଲିମ୍ କରାଯାଉଛି ଏବଂ କିଛି ଅର୍ଥ ଋଣ ଆକାରରେ ଦିଆ ଯାଉଛି । ଉଦ୍ଦେଶ୍ୟ ସେମାନେ ଯେପରି ସ୍ୱାବଲମ୍ବୀ ହୋଇ ପାରିବେ । ପ୍ରଶ୍ନ ଉଠୁଛି, ଇଏତ ହେଉଛିସମୁଦ୍ର କୁ ଶଂଖେ ପାଣି, ଏହା କେଉଁ କୂଳକୁ। ଉତ୍ତରରେ ଗୋଟିଏ ପୁରୁଣା କଥା ମୁଁ କହୁଛି ଯାହା କହି ଆସୁଛି: ଅନ୍ଧାରରେ ଚୁପକରି ବସିବା ଅପେକ୍ଷା ଦୀପଟିଏ ଜାଳିବା ଭଲ । ଆତ୍ମବିଶ୍ୱାସ ଯେ ଦୀପଟିର ଆଲୋକ ଅନ୍ୟ ପ୍ରାଣକୁ ଆଲୋକିତ କରିବ, ଯାହା ଫଳରେ ଅନ୍ୟମାନେ ଗୋଟିଏ ଗୋଟିଏ ଦୀପ ଜାଳିବେ ।

ବାପାବୋଉ ଯାହାଙ୍କୁ ଛାଡି ମୁଁ ପ୍ରବାସୀ ହୋଇଥିଲି, ସେମାନେ ବର୍ତ୍ତମାନ ସ୍ୱର୍ଗରେ । ଆଜି ମୁଁ ନିଜକୁ ପଚାରି ହେଉଛି' ମୁଁ କିଏ ' – ଓଡିଆ, ଭାରତୀୟ, କାନଡିଆନ୍ ଅବା ବିଶାଳ ଜଗତର ଏକ କ୍ଷୁଦ୍ର ଜୀବ । ମୁଁ ଯଦି ଏଠାରେ ଗୋଟିଏ ଉଦ୍ଭିଦ ହୋଇଥାଏ, ତେବେ ଅନେକଙ୍କୁ ମିଶାଇ ମୋ ନିକଟରେ ରହୁଥିବା ସୁମିତ୍ରା ପାଢୀ, ଲାଲୁ ମାନସିଂହ  ଓ ମୋ ସ୍ତ୍ରୀ ହେଉଛନ୍ତି ପାଣି, ପବନ ଓ ମାଟି ।

( ଶ୍ରୀଗୋପାଳ ମହାନ୍ତି ଉତ୍ତର ଆମେରିକାରେ ବାସ କରୁଥିବା ଜଣେ ଜଣା ଶୁଣା ଓଡିଆ ଓ ଗଣିତଜ୍ଞ । ଉପରୋକ୍ତ ଲେଖାଟି ତାଙ୍କ ଜୀବନ ବୃତ୍ତାନ୍ତର କିଂଚିତ୍ ପରିଚୟ  ଦିଏ  । ଶ୍ରୀ ମହାନ୍ତି ସପରିବାର କାନଡାରେ ବାସ କରନ୍ତି – ସଂପାଦକ )

## Being The Son Of A Diplomat

***Ananya Behera***

Being a diplomat's son has many advantages and disadvantages. First I will talk about disadvantages. Disadvantages include things such as moving too much, leaving behind your friends and old acquaintances, and adapting to new environment. From my experience, I can say that I have had to leave behind a lot of my friends and make new ones every three years. I often try to keep in touch with my friends after I leave a country, but while making new friends I often forget about keeping in touch with them. Sometimes I feel really sad and depressed. Another disadvantage is the carrying of our household goods from one country to another in every three years. During the time we leave for a new country, my mom and dad become tensed about shifting of our personal effects. Packers come and pack our heavy luggage and dispatch to the country we are next posted to. The heavy luggage travels separately either on plane or ship. For example when we got ready to leave Bulgaria for the United States, our luggage traveled on a ship. On the way, lots of my toys and other valuables were broken. Every time when my father is about to finish his term in a country, we are notified where to go next. Of course we are notified at least six months in advance to make preparations before we leave the place. Anyway when we reach the new posting, I have had to adapt to the new place. Another disadvantage is that I have to leave some of my family members back in India, and if they get sick or hospitalized it takes a lot of time to get back to India.

But there are also many advantages of being a diplomat's son, which really outweigh disadvantages I have narrated above. I can meet new people and try to make as many friends as possible. Meeting new people and making new friends means learning a lot about them. I have the opportunity to study abroad at many different schools and learn about their culture. For example I went to England and I visited the Wax Museum, Tower Bridge and the zoo in London in Bulgaria I have seen the Amphitheater and the Bell Park, and many modern marvels in the United States. Bell Park is a park in Sofia, the capital of Bulgaria where the bells of each and every nation are hung. The Amphitheater is an open theater arena in Plovdiv, another city of Bulgaria. It was built during the BC era. I also visited Turkey for a vacation and it was so beautiful there. We visited the famous city of Istanbul, once known as Constantinople. Constantinople was the capital of the great Byzantine Empire during the medieval times. Istanbul is squeezed between Asia and Europe. The Bospherus Sea divides Istanbul into two parts i.e., Asian and European parts. I was thrilled to shuttle between two continents in one day! In Istanbul I saw many old palaces and the largest covered market in the world.

Visiting new places and seeing historical sites expands one's understanding of the world. It adds to your knowledge. Another added advantage of staying abroad is the opportunity I get to know famous and important people. Since my father is a diplomat, he invites many important people of the country where we are posted, to our home. I become very excited to meet them. I have met many artists, singers, musicians, officials, and public figures at our home. When I get introduced to them by my parents, they have been very nice and cordial to me. I have collected autographs of a few eminent people.

For me especially traveling abroad is a very nice thing. It has rather been a boon.

Even though there are disadvantages, I have tried to make compromise with them and make best out of them. I have been to England, Bulgaria, and the United States of America in addition, I have also visited other countries like Italy, Macedonia, and a host others on vacation. For me being a diplomats' son is a glory and pleasure. So I want to thank my parents for giving me this opportunity.

*(Ananya, a sixth grader at the North Bethesda Middle School, likes to read books, play computer, gameboy, and playstation. He is also fond of playing chess, soccer, basketball, and cricket. He lives in Bethesda, MD with his father Subhakanta, mother Rajashree and little sister Amrutashree.)*

## How I See the World

***Ankita Mohanty***

In all my happiness, my joyfulness, and hope, I never realized my ignorance. My world seemed so small, and I knew nothing about the REAL world. As I am growing, I am learning, trying to keep my ears and eyes open. However, the more I do so, the more misery I see all over the world I see poverty, and cruelty, destruction, and hate.

But I also see more… I see love in people's hearts, dreams ready to bloom. I try to see the good in everyone, as hard as it may be sometimes. Perhaps if everyone tries harder, the world would become a better place to live in. Hate would change into love, destruction to peace.

When I write, I usually have something in my mind that I like to get out on paper. The September 11th attack that took place a number of months ago has affected many people. They have affected me in a way that may be different than those who have lost loved ones.

I am so thankful that this hasn't happened to me, but what has happened is that these events have shown me certain things. I have learned that people can have so much hate in their hearts to kill so many innocent people. I have also learned that the people who did this wanted to hurt America by ruining two tall towers, but they couldn't and never will be able to ruin the glow in everyone's heart. If you look hard enough, you will find it in your heart. This glow is made of love, hope, and pride. It's made of much more, but I don't think I find the words for them. So remember to appreciate the small things in life. Perhaps it will make your life fuller and more worth living.

*(Ankita Mohanty is the daughter of Dillip and Rita Mohanty. She lives in Mt. Pleasant, Michigan.)*

# ପ୍ରସଙ୍ଗ : ସଂସ୍କୃତି

କୃଷ୍ଣଚରଣ ବେହେରା

ଧନ ଜନ ଗୋପ ଲକ୍ଷ୍ମୀ - ମହେଶବାବୁଙ୍କର କାହିଁରେ ଅଭାବ ନାହିଁ । ରାଜ ରାସ୍ତା ଉପରେ ରାଜପ୍ରାସାଦ ଭଳି ତିନି ମହଲା କୋଠାଘର, ଘର ପଛପଟରେ ବିସ୍ତୃତ ଫୁଲ ଫଳର ବଗିଚା ମଝିରେ ବଡ ଏକ ପୋଖରୀ । ଘର ଭିତରେ ମୂଲିଆ, ଚାକର - ଚାକିରାଣୀ ହାଉଯାଉ । ମହେଶ ବାବୁ ଶୀତ ତାପ - ନିୟନ୍ତ୍ରିତ ଘର ଭିତରେ ଆରାମରେ ବସି ଦିନରାତି ସେମାନଙ୍କ ଉପରେ ହାକମାତି ଚଳାଇ ଥାଆନ୍ତି । ଶ୍ରୀମତି ଅଳଙ୍କାରଭୂଷିତା ହୋଇ ବହୁସମୟ ଠାକୁର ଘରେ ପଶିଥାଆନ୍ତି ଏବଂ ସୁଯୋଗ ପାଇଲା ମାତ୍ରେ ବନ୍ଧୁ ବାନ୍ଧବ, ସାଇ ପଡିଶାଙ୍କ ଆଗରେ ଆପଣା ଐଶ୍ୱର୍ଯ୍ୟର ପଡିଆରା ଦେଖାଇଥାଆନ୍ତି । ଆପଣାର ପୁଞ୍ଜାଏ ପୁଅ ଝିଅଙ୍କ ଭଲ ମନ୍ଦ ଖବର ବୁଝିବାପାଇଁ ତାଙ୍କର ସମୟ ନ ଥାଏ । ବଗିଚା ପଟକୁ ରାସ୍ତାଟିଏ ନେବାପାଇଁ କେଇଜଣ ପଡୋଶୀଙ୍କ ଜମି ମହେଶବାବୁ ମାଡି ବସିଥିବାରୁ ସାଇପଡିଶାଙ୍କ ସହିତ କୋର୍ଟ୍ କଚେରୀରେ କେସ୍ ଲାଗିଛି । ଜଣେ ବିବାହିତା ଚାକରାଣିଉପରେ ବଳତ୍କାର ଅଭିଯୋଗରେ ତାଙ୍କ ନାମରେ ମଧ୍ୟ କେସ୍ ରହିଛି । ତାଙ୍କ ପାଖରୁ ଚଢା ସୁଧରେ ଟଙ୍କା ଧାର କରଜ କରିଥିବା ଲୋକଙ୍କ ସହିତ ତାଙ୍କର ଆଚାର ବ୍ୟବହାର ରୀତିମତ ଶୋଷଣ-ପୀଡନ ପର୍ଯ୍ୟାୟରେ ପଡିଥାଏ । ଦୟା କ୍ଷମା, ସୁଜନପ୍ରୀତି, ପରୋପକାରଆଦି ମାନବିକ ଗୁଣଠାରୁସେ ବହୁଦୂରରେ ।

ଏହି ଯେ ଆମର ମହେଶବାବୁ ! 'ବଡ ଲୋକ' ବୋଲି ଆମ ଅଞ୍ଚଳରେ ବେଶ୍ ଜଣାଶୁଣା । ଅବଶ୍ୟ, ଟଙ୍କା ପଇସା, ଧନସଂପତ୍ତିରେ ସେ ତାଙ୍କର 'ବଡ ଲୋକ' । ତାଙ୍କର ବୈଷୟିକ ଉନ୍ନତିକୁ ଆମେ ପ୍ରଶଂସା କରିପାରୁ । କିନ୍ତୁ ତାଙ୍କୁ ଜଣେ ସାଂସ୍କୃତିକ ବ୍ୟକ୍ତି ବୋଲି କହିପାରିବୁ କି ? ସଂସ୍କୃତିର କୌଣସି ବିଭାଗ ତାଙ୍କଠାରେ ଥିବାର ଦେଖାଯାଏ ନାହିଁ । ଅତି ବେଶିରେ ତାଙ୍କୁ ଜଣେ ସଭ୍ୟ ମଣିଷ ବୋଲାଯାଇପାରେ । ସଭ୍ୟତା ଓ ସଂସ୍କୃତି କଥା ଦୁଇଟି ଆମେ ଅନେକ ସମୟରେ ଗୋଟିଏ ଅର୍ଥରେ ବ୍ୟବ ହାର କରିଥାଉଁ । କିନ୍ତୁ ଏଇ ଦୁଇଟି ମଧ୍ୟରେ ପାର୍ଥକ୍ୟ ରହିଛି । ମହେଶବାବୁଙ୍କ ଭଳି ବ୍ୟକ୍ତି ପକ୍ଷରେ ତଥା ଓଡିଆ କି ବଙ୍ଗାଳୀ ଭଳି ଗୋଟିଏ ଜାତି ପକ୍ଷରେ ତାହା ଲକ୍ଷ୍ୟ କରା ଯାଇପାରେ ।

ସଭ୍ୟତା ମୁଖ୍ୟତଃ ବୈଷୟିକ ଉନ୍ନତିର ପରିଚାୟକ । ବଞ୍ଚିବା ପାଇଁ ସକଳ ପ୍ରକାର ସୁବିଧା ସୁଯୋଗ ହାସଲକରି ସୁଖୀ ସମୃଦ୍ଧ ଜୀବନ ଯାପନ କଲେ, ଗୋଟିଏ ଜାତି ସଭ୍ୟ ବୋଲାଇପାରେ । କିନ୍ତୁ କେବଳ ସେତିକିରେ ସଂସ୍କୃତିବନ୍ତ ହୋଇ ନ ପାରେ ସେ ଜାତି । ସଂସ୍କୃତି ଏକ ଅନ୍ତରଙ୍ଗ ବ୍ୟାପାର; ଏହା ମଣିଷର ସବୁ ପ୍ରକାର ଆତ୍ମିକ ଓ ପାରମାର୍ଥିକ ଉନ୍ନତିର ପରିଚାୟକ । ସୁଖୀ ସମୃଦ୍ଧ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ଜଣେ ବ୍ୟକ୍ତି ବା ଗୋଟିଏ ଜାତି ମାର୍ଜିତ ରୁଚି, ଆଚାର ବ୍ୟବହାର, ନୈତିକ ଚରିତ, ପାରମାର୍ଥିକ ଦୃଷ୍ଟିକୋଣ, ସାହିତ୍ୟ ତଥା ବିଭିନ୍ନ ପ୍ରକାର କଳାକର୍ମର ପରିଚୟ ନ ଦେଲେ, ଆମେ ତାହାକୁ ସଂସ୍କୃତିବନ୍ତ ବୋଲି କହି ପାରିବୁ ନାହିଁ ।

ବହୁ କ୍ଷେତ୍ରରେ ସଭ୍ୟତାକୁ ସଂସ୍କୃତିର ଏକ ପୂର୍ବ ସର୍ତ୍ତ ଭାବରେ ଧରା ଯାଇଥାଏ । ଅର୍ଥାତ୍ ସଭ୍ୟତା, ସଂସ୍କୃତିର ବିକାଶରେ ସହାୟତା କରିଥାଏ । ପ୍ରାଚୀନ ଯୁଗରେ ମିଶର, ଗ୍ରୀସ୍, ଭାରତ ବର୍ଷ ବା ଚୀନ୍- ପୃଥିବୀର ଯେଉଁ ଯେଉଁ ଅଂଶରେ ମାନବ ସଭ୍ୟତାର ବିକାଶ ଘଟିଥିଲା, ସେଠାରେ ତାହା ସଙ୍ଗେ ସଙ୍ଗେ ସାଂସ୍କୃତିକ ଅଭୀପ୍ସା ମଧ୍ୟ ଆତ୍ମପ୍ରକାଶ କରିଥିଲା । ଜଣେ ବ୍ୟକ୍ତି ବା ଗୋଟିଏ ଜାତି ସଭ୍ୟ ହୋଇଥିଲେ, ତା' ପକ୍ଷରେ ସଂସ୍କୃତିସଂପନ୍ନ ହେବା ବୋଧହୁଏ ସହଜ ଓ ସୁନ୍ଦର । ଗଣ୍ଡେ ଖାଇବାକୁ ଓ ଖଣ୍ଡେ ପିନ୍ଧିବାକୁ ପାଉ ନ ଥିବା ଜଣେ ଭିକାରୀଠାରୁ ରୁଚିକର ନୈତିକ ଆଚାର - ବ୍ୟବହାର ଆଶା କରାଯାଇପାରେ କି ? ବୈଷୟିକ ସଙ୍ଗତି ନଥିବା ଗୋଟିଏ ଦେଶରେ କେତେଦୂର ନୃତ୍ୟ - ସଙ୍ଗୀତର ବିକାଶ ଘଟିପାରେ ? ତଥାପି ଏହାର ବ୍ୟତିକ୍ରମ ରହିଛି । ସଭ୍ୟ ହୋଇ ମଧ୍ୟ ଜଣେ ବ୍ୟକ୍ତି ବା ଗୋଟିଏ ଜାତି ସଂସ୍କୃତିବନ୍ତ ହୋଇପାରେ ନାହିଁ - ବୈଷୟିକ ସମୃଦ୍ଧିମଧ୍ୟରେ ଥିଲେ ମଧ୍ୟ ଜଣେ ବ୍ୟକ୍ତି ବା ଗୋଟିଏ ଜାତି ସଦାଚାରୀ ହୋଇପାରେ ନାହିଁ, ନୈତିକ ଜୀବନ ବଞ୍ଚିପାରେ ନାହିଁ; କିମ୍ବା ପ୍ରଥମେ ସଂସ୍କୃତିବନ୍ତ ହୋଇ କାଳକ୍ରମେ ସେ ସଂସ୍କୃତିହୀନ ହୋଇ ଯାଇପାରେ । ରାମାୟଣର ବର୍ଣ୍ଣନାରୁ ଜଣାପଡେ - ସ୍ୱର୍ଣ୍ଣ ଲଙ୍କାର ରାବଣ ଥିଲା ସଭ୍ୟ । ତାହାର ବୈଷୟିକ ଉନ୍ନତିର ପଟାନ୍ତର ନ ଥିଲା । କିନ୍ତୁ ସେ ଗୁରୁଜନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରୁ ନଥିଲା - ପର ସ୍ତ୍ରୀ ହରଣରେ ତାହାର ଦ୍ୱିଧା ନ ଥିଲା । ତାହାର ନୈତିକ ଚରିତ ଉନ୍ନତ ଥିବାର ବୋଲାଯାଇ ନପାରେ । ହୁଏତ ସେଇଥିପାଇଁ ଶେଷରେ ତାହାର ଅବନତି ବା ଧ୍ୱଂସ ଅନିବାର୍ଯ୍ୟ ହୋଇପଡିଲା । ଜଣେ ବ୍ୟକ୍ତି ପକ୍ଷରେ ଯାହା ସତ୍ୟ, ଗୋଟିଏ ଜାତି ପକ୍ଷରେ ତାହା ଅନ୍ୟଥା ହୋଇ ନ ପାରେ । ପ୍ରାଚୀନ ରୋମାନ୍ ଜାତି ବଳିଷ୍ଠ ସଭ୍ୟତା ପ୍ରତିଷ୍ଠା କରିଥିଲା - ବୈଷୟିକ ଉନ୍ନତିର ଶୀର୍ଷଦେଶରେ ଉପନୀତ ହୋଇଥିଲା । ପ୍ରଥମାବସ୍ଥାରେ ରୋମାନ୍‌ମାନେ ସଂସ୍କୃତିସଂପନ୍ନ ଥିଲେ ମଧ୍ୟ , ଶେଷଆଡକୁ ସେମାନେ ଘୋର ବିଳାସ ବ୍ୟସନରେ ମାତିନୈତିକ, ପାରମାର୍ଥିକ ବା ଆଧ୍ୟାତ୍ମିକ ଅଭୀପ୍ସା ହରାଇ ବସିଲେ । ଦାସପ୍ରଥା ବ୍ୟାପକ ଓ ବହୁଗଣିତ ହେଲା । ଦାସମାନଙ୍କ ପ୍ରତି ରୋମାନ୍ ଜାତିର ନୃଶଂସ ଆଚରଣ, ଶୋଷଣ, ନିପୀଡନ ଚରମ ସୀମାରେ ପହଞ୍ଚିଲା । ମନୋରଞ୍ଜନର ସୁସ୍ଥ ଉପାୟ ମାନ ଛାଡି ରୋମାନ୍‌ମାନେ 'ଗ୍ଲାଡିଏଟର୍ ଫାଇଟ୍' ଭଳି ଭୟାବହ ରକ୍ତାକ୍ତ କ୍ରୀଡା କୌତୁକରେ ମାତିଲେ । ରୋମାନ୍ ସାମ୍ରାଜ୍ୟର ପତନ ମୂଳରେ ଯେଉଁ କାରଣ ଗୁଡିକ ରହିଛି, ତନ୍ମଧ୍ୟରୁ ଏହି ସଂସ୍କୃତିହୀନତା ଅନ୍ୟତମ କାରଣ ବୋଲି ଐତିହାସିକ ମାନଙ୍କର ମତ ।

କାଳର କବଳରେ ପଡି ସଭ୍ୟତା ନଷ୍ଟ ଭଷ୍ଟ ହୋଇ ଯାଇପାରେ, କିନ୍ତୁ ସଂସ୍କୃତି ବଞ୍ଚିରହେ ଏବଂ ପରିବର୍ତ୍ତନ ମଧ୍ୟ ଦେଇ ତାହା ଯୁଗରୁ ଯୁଗକୁ ଗତିକରି ଚାଲେ । ଆର୍ଯ୍ୟେତର ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷମାତ୍ର ମହେଞ୍ଜଦାରୋ ଓ ହରପ୍ପାରୁ ମିଳିଛି । କିନ୍ତୁ ତାର ସଂସ୍କୃତି ବହୁ ପରିବର୍ତ୍ତନ ମଧ୍ୟରେ ଏବେ ବି ଏଦେଶରେ ପ୍ରଚଳିତ ଥିବାର ଦେଖାଯାଏ । ଆମର ବିଭିନ୍ନ କୁଟୀର ଶିଳ୍ପ ଓ କାରୁକଳାର ଉତ୍ସ ସେହି ସଂସ୍କୃତିରେ ଖୋଜିଲେ ମିଳିବ ! ଏବର ଶିବ - ଶକ୍ତି ଉପାସନାର ମୂଳ ମଧ୍ୟ ସେଇଠାରେ - ମହେଞ୍ଜଦାରୋର ଆବିଷ୍କୃତ ଯୋଗୀ

ପୁରୁଷ ଓ ମାତୃମୂର୍ତ୍ତି ପୂଜା ମଧ୍ୟରେ ଅନୁସନ୍ଧାନ କରାଯାଇପାରେ । ସେହିପରି ପ୍ରାଚୀନ ଗ୍ରୀକ୍ ସଭ୍ୟତାର ଶଙ୍କୁ ଗୁଡିକ ପ୍ରାୟ ଅବଲୁପ୍ତ । କିନ୍ତୁ ପ୍ରାଚୀନ ଗ୍ରୀକ୍ ସଂସ୍କୃତି ଏବେ ବି ବଞ୍ଚି ରହିଛି ତାହାର ଦର୍ଶନରେ, ସାହିତ୍ୟରେ ଓ ରାଜନୈତିକ ପଦ୍ଧତିରେ ।

ସଂସ୍କୃତିର ବିଭିନ୍ନ ଦିଗ ବା ସ୍ତର ରହିଛି । ଆମ ଜୀବନର ବହୁ ଗରଜ ଓ ଗୁଜୁରାଣ ସହିତ ଏହାର ସଂପର୍କ ରହିଥିବାର ଦେଖାଯାଏ । ନିତ୍ୟ ନୈମିତ୍ତିକ ଜୀବନରେ ବ୍ୟବହାର ପାଇଁ ଆମେ ବାଉଁଶ ପାଟିଆ, ତାଳପତ୍ର ପ୍ରଭୃତିରେ କୁଲା, ଡାଲା ଆଦି ତିଆରୀ କରୁ; ତହିଁରେ କିଛି କୋଟିକମ ନ କଲେ, ମନ ବୁଝେନା । ଆମେ ପୋଷାକ ପରିଚ୍ଛଦ ପିନ୍ଧୁ ତାହା ରଙ୍ଗ ବେରଙ୍ଗର ଓ ବିଭିନ୍ନ ପ୍ରକାର କଟିଙ୍ଗ୍‌ର ନ ହେଲେ, ଭଲ ଲାଗେନା । ଏହାକୁ ସଂସ୍କୃତିର ଉପଯୋଗବାଦୀ ଦିଗ ବୋଲା ଯାଇପାରେ । ବିଭିନ୍ନ ପ୍ରକାର କୁଟୀର ଶିଳ୍ପ, ସ୍ଥାପତ୍ୟ କଳା, ହସ୍ତଶିଳ୍ପ ଓ କାରୁକଳା ଏହାର ଅନ୍ତର୍ଭୁକ୍ତ । ପୁଣି ଆମର ଚାଲିଚଳଣି, ଆଚାର ବ୍ୟବହାର, ଶିକ୍ଷା ଦୀକ୍ଷା, ସାମାଜିକ ଓ ରାଜନୈତିକ ଅନୁଷ୍ଠାନ ତଥା ଶାସନ ପରିଚାଳନା ମଧ୍ୟରେ ସଂସ୍କୃତିର ସାମାଜିକ ଦିଗ ହିଁ ପ୍ରତିଫଳିତ । ସେହିପରି, ଆମ ଜୀବନର ଶୃଙ୍ଖଳା, ସଂଯମ, ନୀତିଜ୍ଞାନ, ଧର୍ମାଚରଣ ପ୍ରଭୃତି ମଧ୍ୟରେ ସଂସ୍କୃତିର ନୈତିକ ଦିଗ ପ୍ରକାଶିତ ହୋଇଥାଏ । ପୁଣି ସାହିତ୍ୟ, ନୃତ୍ୟ ସଙ୍ଗୀତ, ଭାସ୍କର୍ଯ୍ୟ, ଚାରୁକଳା ଇତ୍ୟାଦି ସଂସ୍କୃତିର ଆଳଙ୍କାରିକ ଦିଗ ରୂପେ ଚିହ୍ନିତ ହୋଇପାରେ । ଏହିଥିରୁ ଆମ ଜୀବନ ଓ ସମାଜର ସଂସ୍କୃତିର ବିସ୍ତାର ଓ ବ୍ୟାପକତା ସ୍ପଷ୍ଟ ହୋଇଉଠେ ।

ମୋଟାମୋଟି ଏହି ଚାରିଟି ଦିଗ ବା ସ୍ତରରେ ସଂସ୍କୃତିର ବିକାଶ ଘଟିଥାଏ । ସଂସ୍କୃତି ସ୍ଥିର ବା ସ୍ଥାଣୁ ନୁହେଁ । ପ୍ରବହମାନ ଜଳଧାର ସଦୃଶ ଏହା ଗତିଶୀଳ । ବିକାଶର ଗତିପଥରେ ଏହା ଯୁଗାନୁସାରୀ ପରିବର୍ତ୍ତନର ସମ୍ମୁଖୀନ ହୁଏ । ଗୋଟିଏ ସଂସ୍କୃତିର ଅନ୍ୟାନ୍ୟ ସଂସ୍କୃତି ସଙ୍ଗରେ ସହାବସ୍ଥାନ ଓ ଆଦାନ - ପ୍ରଦାନ ସୂତ୍ରରେ ମୁଖ୍ୟତଃ ଏହି ପରିବର୍ତ୍ତନ ସମ୍ଭବ ହୋଇଥାଏ । ମନ୍ଦ ଉଦ୍ଦେଶ୍ୟରେ ନୁହେଁ, ପ୍ରାୟ ସବୁବେଳେ ଭଲ ଉଦ୍ଦେଶ୍ୟରେ ହିଁ ଏପରିବର୍ତ୍ତନ ଘଟିଥାଏ । ଇସ୍‌ଲାମୀ ସଂସ୍କୃତି ତଥା ଇଉରୋପୀୟ ସଂସ୍କୃତି ସହିତ ଆଦାନ - ପ୍ରଦାନ ଫଳରେ ଭାରତୀୟ ସଂସ୍କୃତିର ଯେଉଁ ପରିବର୍ତ୍ତନ ହୋଇଛି, ତାହା ଆମକୁ ଅଜଣା ନୁହେଁ । ଆମର କଥକ ନୃତ୍ୟ ଶୈଳୀ, ମଧ୍ୟ ଯୁଗୀୟ ସ୍ଥାପତ୍ୟ କଳା, କିମ୍ବା ଆଧୁନିକ ଶିକ୍ଷାନୀତି, ରାଜନୈତିକ ଅନୁଷ୍ଠାନ ପ୍ରଭୃତି ସେହି ପରିବର୍ତ୍ତନର ସ୍ୱର୍ଣ୍ଣଫଳ । ପ୍ରଥମାବସ୍ଥାରେ ସାଂସ୍କୃତିକ କ୍ଷେତ୍ରରେ ଏହି ପରିବର୍ତ୍ତନ ପ୍ରକ୍ରିୟାକୁ କେହି କେହି ଗ୍ରହଣ କରି ପାରନ୍ତି ନାହିଁ- 'ଅପସଂସ୍କୃତି' ଆସିଲା ଗଲା ବୋଲି ପାଟିତୁଣ୍ଡ କରନ୍ତି । ମାତ୍ର 'ଅପସଂସ୍କୃତି' ଧାରଣାଟି ଯୁକ୍ତି ଯୁକ୍ତ କି ? ସଂସ୍କୃତି ଉତ୍କର୍ଷ- ଅଭିମୁଖୀ ଉନ୍ନତି ଦିଗର ଦିଶାରୀ । ତାହା 'ଅପ' ହେବ କିପରି ? ଅପମହତ୍ତ୍ୱ ବା ଅପମଙ୍ଗଳ କଥାଭଳି ଅପସଂସ୍କୃତି କଥାଟି ନିରର୍ଥକ । ଜଣେ ବ୍ୟକ୍ତି ବା ଗୋଟିଏ ଜାତି ସଂସ୍କୃତିହୀନ ବା ସଂସ୍କୃତିବନ୍ତ ହୋଇପାରେ, 'ଅପସଂସ୍କୃତି ସଂପନ୍ନ' ହେବ କିପରି? ଯାହାହେଉ, ପ୍ରଥମାବସ୍ଥାରେ ପରିବର୍ତ୍ତନକୁ ଗ୍ରହଣ କରି ନ ପାରିଲେ ହେଁ, ପରେ ସହାବସ୍ଥାନ ଓ ଆଦାନ-ପ୍ରଦାନ ଫଳରେ ତାହା ଗ୍ରହଣ ଯୋଗ୍ୟ ହୋଇପାରେ । ଭିନ୍ନ ଭିନ୍ନ ସଂସ୍କୃତି ମଧ୍ୟରେ ସମବାୟ ଓ ସମନ୍ୱୟ ସ୍ଥାପିତ ହୋଇପାରେ ।

ଭାରତୀୟ ସଂସ୍କୃତି ଏବଂ ସେହି ଧାରାରେ ଉତ୍କଳୀୟ ସଂସ୍କୃତି ବହୁପ୍ରାଚୀନ । ଯୁଗ ଯୁଗ କାଳ ବିଭିନ୍ନ ପରିବର୍ତ୍ତନ ମଧ୍ୟଦେଇ ଏହା ଗତିକରିଆସିଛି । ପରମାର୍ଥ ଓ ଆଧ୍ୟାତ୍ମିକତା ଏହାର ଭିତ୍ତି ବା ଆଧାର ବୋଲି ଶ୍ରୀ ଅରବିନ୍ଦ ମତ ପ୍ରକାଶ କରିଛନ୍ତି । ଗତ ବିଂଶ ଶତାବ୍ଦୀର ତୃତୀୟ ଦଶକ ମଧ୍ୟରେ ରଚିତ ନିଜର ବିଖ୍ୟାତ ଗ୍ରନ୍ଥ 'ଭାରତୀୟ ସଂସ୍କୃତିର ଆଧାର' ରେ ସେ କହିଛନ୍ତି ଜ୍ଞାନାଲୋକ ଓ ଶକ୍ତିର ଯେଉଁ ପ୍ରକାର ହ୍ରାସ ଓ ବିଚ୍ୟୁତି ହେଉ ନା କାହିଁକି, ଭାରତ ଏକାକୀ ଆଧ୍ୟାତ୍ମିକ ପ୍ରେରଣାର ଅନ୍ତର୍ନିହିତ ତତ୍ତ୍ୱରେ ବିଶ୍ୱାସୀ ରହିଅଛି । **XX** ଗୋଟିଏ ଜାତି ରୂପେ କେବଳ ଭାରତ - ବ୍ୟକ୍ତିବିଶେଷ ବା ସଂଖ୍ୟା ଲଘୁଶ୍ରେଣୀ ବିଶେଷ ଯାହା କରିଥାନ୍ତୁ ନା କାହିଁକି- ଆଜିପର୍ଯ୍ୟନ୍ତ ତାହାର ଆରାଧ୍ୟ ଭାଗବତ ପ୍ରକୃତିକୁ ତ୍ୟାଗ କରିବା ପାଇଁ ଅସ୍ୱୀକାର କରି ଅଛି, କିମ୍ବା ଆଧିପତ୍ୟ ବିସ୍ତାର କରିଥିବା ଶକ୍ତିଶାଳୀ ଯୁକ୍ତିବାଦ, ବାଣିଜ୍ୟବାଦ ଓ ଅର୍ଥନୀତିବାଦର ପ୍ରତିମୂର୍ତ୍ତି ସମୂହ ନିକଟରେ ନତଜାନୁ ହୋଇନାହିଁ । ଏହି ଆଦର୍ଶମାନ ପାଶ୍ଚାତ୍ୟ ଜଗତର ସଫଳକାମ ଲୌହଦେବତା । ଏହାଦ୍ୱାରା ଭାରତ ପ୍ରଭାବିତ ହୋଇଛି, କିନ୍ତୁପରାସ୍ତ ହୋଇ ନାହିଁ "।

ଭାରତର ଇତିହାସ ଓ ପରଂପରାକୁ ଗଭୀର ଭାବରେ ଅଧ୍ୟୟନ କରି ତଥା ଆପଣା ଭୂୟୋଦୃଷ୍ଟି ପ୍ରୟୋଗ କରି ଶ୍ରୀ ଅରବିନ୍ଦ ଏହି ମତ ପ୍ରକାଶ କରିଛନ୍ତି । ତଥାପି ଗତ ବିଂଶ ଶତାବ୍ଦୀର ସପ୍ତମ ଦଶକଠାରୁ ଭାରତର ରାଷ୍ଟ୍ରୀୟ ଜୀବନରେ ଯେପରି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିବାରେ ଲାଗିଛି- ସମାଜରେ ଯେପରି ପାର୍ଥିବ ବୈଷୟିକ ଆଭିମୁଖ୍ୟ (**Mundane values**)ପ୍ରକଟିତ ହେବାରେ ଲାଗିଛି, ତହିଁରେ ଶ୍ରୀ ଅରବିନ୍ଦଙ୍କ ମତର ଯାଥାର୍ଥ୍ୟ ବିଷୟରେ ପ୍ରଶ୍ନ ଉଠୁଛି । ଶିଷ୍ଟ, ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ସାଧାରଣ ଜନଜୀବନରେ ନୈତିକତାର ହ୍ରାସ, ଦୁର୍ନୀତି ଦୁରାଚାରର କ୍ରମବୃଦ୍ଧି- ବିଭିନ୍ନ ଜାତିବର୍ଣ୍ଣ ମଧ୍ୟରେ ବିଦ୍ୱେଷ ଓ ଦ୍ୱନ୍ଦ୍ୱ, ବିଭିନ୍ନ ଆନୁଷ୍ଠାନିକ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଅସହନଶୀଳତା ଓ ହିଂସାଭାବ ଏବେ ଭାରତରେ ପ୍ରାୟ ସର୍ବତ୍ରଦେଖାଯାଉଛି । ମାନବିକ ଧର୍ମ ପାଳନରେ ହାନୀ ଘଟିଛି ଏବଂ ଆନୁଷ୍ଠାନିକ ଧର୍ମର ପୂଜା - ଆରାଧନା ବହୁପରିମାଣରେ ଛଳନା ଓ ତାମସିକ ଭାବରେ ଜର୍ଜରିତ ହୋଇଛି । ଏହି ପରିସ୍ଥିତିରେ ଭାରତୀୟ ସଂସ୍କୃତିର ପାରମାର୍ଥିକ ଓ ଆଧ୍ୟାତ୍ମିକ ଭିତ୍ତି ଯେ ଦୋହଲି ଯାଇଛି, ତାହା ସ୍ପଷ୍ଟ ଭାବରେ ଜଣାପଡୁଛି । ଶ୍ରୀ ଅରବିନ୍ଦ ମଧ୍ୟ ନିଜର ସେହି ଉଚ୍ଚକୋଟୀର ପ୍ରବନ୍ଧରେ ଅନୁରୂପ ଆଶଙ୍କା ପୋଷଣ କରିଥିଲେ ।

ଉତ୍କଳୀୟ ସଂସ୍କୃତି ଭାରତୀୟ ସଂସ୍କୃତି ଠାରୁ ପୂରାପୂରି ପୃଥକ୍ ଓ ବିଚ୍ଛିନ୍ନ ନୁହେଁ । ଉଭୟ ମଧ୍ୟରେ ଜନ୍ମମୃତ୍ୟୁ, ବିବାହବ୍ରତାଦି କର୍ମକର୍ମାଣୀ ତଥା ମେଳା ମଉଛବ ଆଦି ସାମାଜିକ ଅନୁଷ୍ଠାନ ପାଳନରେ ସାମଞ୍ଜସ୍ୟ ରହିଛି । ତଥାପି ଉତ୍କଳୀୟ ସଂସ୍କୃତିର କେତେକ

ସ୍ୱାତନ୍ତ୍ର୍ୟ ବା ବୈଶିଷ୍ଟ୍ୟ ରହିଛି । ଓଡିଶାର କୋଣାର୍କ ଓ ଭୁବନେଶ୍ୱରସ୍ଥ ମନ୍ଦିରମାଳାର ଅତୁଳନୀୟ ଭାସ୍କର୍ଯ୍ୟ, ଚକ୍ଷୁକର୍ଣ୍ଣମନ - ରସାୟନ ଓଡିଶୀ ସଙ୍ଗୀତ ଓ ନୃତ୍ୟ, ବିଶିଷ୍ଟ ଜଗନ୍ନାଥ କଲଟ୍, ସାରଳା - ବଳରାମ -ଭଞ୍ଜ ପ୍ରମୁଖ କବିମାନଙ୍କର ସାରସ୍ୱତ ସୃଷ୍ଟି, ସମ୍ବଲପୁରୀ ବସ୍ତ୍ରାଦିର ଅନୁପମ କାରୁକାର୍ଯ୍ୟ ପ୍ରଭୃତିରେ ଉତ୍କଳୀୟ ସଂସ୍କୃତି ଭାରତ ସମେତ ସାରା ପୃଥିବୀରେ ସୁପରିଚିତ । ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ, ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ୍ କିମ୍ବା ପାରାଦୀପ ବନ୍ଦର - ଯେଉଁଗୁଡିକ ଆମର ସଭ୍ୟତା ସଂଗଠନର ପରିଚାୟକ, ସେଭଳି ପ୍ରକଳ୍ପ ବା ପ୍ରତିଷ୍ଠାନ ପୃଥିବୀର ବିଭିନ୍ନଦେଶରେ ରହିଛି । ତହିଁରେ ଆମର କି ବୈଶିଷ୍ଟ୍ୟ ବା ସ୍ୱକୀୟତା ? ଉଲ୍ଲେଖ ଯୋଗ୍ୟ ବୈଶିଷ୍ଟ୍ୟ ରହିଛି ଉତ୍କଳୀୟ ସଂସ୍କୃତିରେ । ତହିଁରେ ଓଡିଶାର ଅସ୍ମିତା - ଓଡିଆ ଜାତିର ଆତ୍ମପରିଚିତି ॥

(ଡଃ କୃଷ୍ଣଚରଣ ବେହେରା ସାଂପ୍ରତିକ ଓଡିଆ ସାହିତ୍ୟର ଏକ ସୁପ୍ରତିଷ୍ଠିତ ଓ ବହୁଚର୍ଚ୍ଚିତ ନାମ । ସାହିତ୍ୟର ପ୍ରତି ବିଭାଗରେ କୃତିତ୍ୱ ହାସଲ କରିଥିଲେ ମଧ୍ୟ ପ୍ରବନ୍ଧ ସମାଲୋଚନା କ୍ଷେତ୍ରରେ ସେ ବିଶିଷ୍ଟ ସ୍ଥାନ ଦାବି କରନ୍ତି । ବର୍ତ୍ତମାନ ସେ ଓଡିଆ ଗବେଷଣା ପରିଷଦର ସଭାପତି । ବହୁ ସମ୍ମାନ ଓ ପୁରସ୍କାରର ଅଧିକାରୀ ଡଃ ବେହେରା ସଂପ୍ରତି ସେ କଟକରେ ଅବସ୍ଥାନ କରୁଛନ୍ତି ।)

## Why Is There Need For Faith In God?

***Rita Mohanty***

Becoming a non-believer in God is quite easy. Just say," I do not want to hear that. I do not believe in anything you say." To become a true believer, on the other hand, one has to think and explore all realms of thought. We are all seeking perfection in action. Belief in God provides us with so many suggestions on how to face our day -to-day problems. This belief brings us peace and emotional security.

Some people need a faith to live by. For these people, belief is a relief and God can give meaning to life and make it seem worthwhile. Once Tolstoy experienced this simple faith, he wrote in his notebook, "The moment I thought I knew God, I lived, but the moment I forgot Him, the moment I stopped believing... stopped living...to know God and to live are the same thing, God is life"(Kaufman and Shor 189).

Some people do not have faith in God. It is likely they ask themselves why they should harbor such a belief if they are moral, just, truthful, and practice non-violence. I agree with this sentiment, yet people do need God or religion for security and stability of mind. I know nothing about the physical God. I believe that God exists because at present, the religious hypothesis (i.e. God) is the best explanation of the universe. God is both wisdom and love. To know Him is to have the world both explained and made secure for us.

According to Nicholas Humphrey, several recent studies have specifically compared the mental health of religious people with that of non-believers and found that, as might be expected, the former show many fewer symptoms of psychological disturbance. John Schumaker, who has reviewed the evidence, cites two studies in particular. In his own study of a group of undergraduates at an American university, he found that irreligious individuals had forty-five percent more symptoms of mental disturbance than their religious counterparts. In another study by a group of people from Missouri; they found that irreligious individuals had sixty-three percent more symptoms. Although such co-relational data may have to be interpreted with caution, these studies all point to the remarkable effectiveness of supernatural belief in combating feelings of worthlessness, lifting depression and calming fears (15).

Sometimes people have hard times with matters such as personal stress. During these periods, they need to pray to somebody. On the other hand, if the prayer fails them, then they have to be angry at something or someone. Anger necessitates a target, whereas success generates gratefulness. The believer has the added advantage of being grateful to his loving God, and angry with and unjust God.

From my own experience, I know how hard life can be without belief in God. On April 10, 1995, my twenty-eight year old brother died in an automobile accident. Prior to his death, he was in a coma for a week. During this waiting period, I was calm and composed. This is because I had the confidence and the faith in God that He would pull my brother through this. However, he died, and I believe it shook my faith in God. I could

not help but asking questions of myself about the existence of God and the role He plays in our lives. I wanted to find out who I was and what purpose I had in life. Does life have any meaning? How can I believe that there is a God? If God is not bliss; His contact produces in us only pain; if His contact does not drive pain away, should we want Him? What is the use of a God who always remains unknown and unseen and who does not appear to be helping during the trying times in life? I started debating whether to believe in Him or not.

To help answer some of these questions, I started experimenting over a period of three months. I stopped having faith in Him. I think I was angry, at myself, at life, and above all, Him. This, however, did not solve anything. Instead, I began losing confidence in myself and started getting a bit paranoid. Small problems in everyday life, which I used to in stride, started appearing insurmountable. I was scared and gradually came to realize what an important role God had in my life for all these years. My anger slowly vanished as I began to rationalize that my brother's death was not an act of God. The time had come for my brother's soul to move on.

According to Michael Novak, "both believers and non-believers live in a world of silence. Neither of these two groups sees nor hears God. Naked belief and critical unbelief are materially alike; in both, the human being stands in a cold and silent world, unable to detect God with senses, imagination or feelings"(107-108). I agree with Novak's statement about God. He did not, however, distinguish the different feelings God arouses in a believer and a non-believer. For a non-believer, it is easy to say," I am here, I live and I die." A non-believer does not need God in has a hectic life and can do without Him, though they can still survive happily without the faith in God." Kaufman and Shor state the following: " The New York Times of March 23, 1991, reported that the latest Gallup poll of American adults showed that seventy-eight percent believe in an eternal reward for people who lead good lives, and eternal damnation awaits those who lead bad lives"(27).

Yogananda says, " He binds us by rules, laws, injunctions, in order that we may not degenerate, that we may not be in misery- bodily, mentally, or spiritually" (17). We have absolute freedom to do what we want in our lives, it is up to us.

***Refernces***

*Humphrey, Nicholas. Leaps of Faith New York: Harper Collins, 1996.*
*Kaufman, W.E., and Morton Shor. A Question of Faith. New Jersey: Jason Aronson, 1994.*
*Novak, Michael. Belief and Unbelief. London: U of American Press, 1986.*
*Yogananda, Paramahansa. The Science of Religion. Los Angeles: Self-Realization: 1974*

*Rita Mohanty lives in Mt.Pleasant, Michigan, with her husband Dillip and daughters Ankita and Arpita. She dedicates this class research paper with much love to her brother, Jitu, who had a wonderful, charming personality.*

# ଖୋଇ

- ରାଜେନ୍ଦ୍ର ନାରାୟଣ ଦାସ

ଆମ ଓଡିଆ ଭାଷାରେ ମଣିଷର ଚରିତ୍ରଗତ ଗୁଣକୁ ନେଇ କେତେ ଗୁଡିଏ ଶବ୍ଦ ବ୍ୟବହୃତ ହୁଏ । ଲୋକେ ଯେଉଁ ଶବ୍ଦମାନଙ୍କୁ ସୃଷ୍ଟି କରି ଦିଅନ୍ତି, ତାହାକୁ ସଭ୍ୟ ଶିକ୍ଷିତ ଚତୁର ମନରେ ନେଇ ସାହିତ୍ୟରେ ପ୍ରକାଶ କରି ଦିଅନ୍ତି । ଏହିପରି ଶବ୍ଦଗୁଡିକ ମଧ୍ୟରୁ ଗଉଁ, ଭାଉ, ଫାଉ, ଗୋଇ, ଖୋଇ, ଖୁମାଣ ଇତ୍ୟାଦି ଶବ୍ଦ ଆମ ଭିତରେ ପ୍ରତିକ୍ରିୟା ସୃଷ୍ଟିକରେ । ଏହିପରି ଗୋଟିଏ ଶବ୍ଦ "ଖୋଇ" । କେବେ ଏହାର ଜନ୍ମ ଲଗ୍ନ ହୋଇଥିଲା କେହି କହିପାରିବେ ନାହିଁ । ଆମ ସାହିତ୍ୟରେ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସ ଏଇ ଶବ୍ଦଟିକୁ କେତେ ବାଗରେ ପ୍ରୟୋଗ କରି ଦେଇଛନ୍ତି । ଯାହାଦ୍ୱାରା କିଏହି ଶବ୍ଦଟି କେତେ ରୂପରେ ଓ ମର୍ମରେ କାୟା ବିସ୍ତାର କରି ଯାଇଛି ।

"ଖୋଇ" ଏକ ସାଧାସିଧା ଶବ୍ଦ । ଅଥଚ ବଡ ତୀକ୍ଷ୍ଣ ଓ ଧାରୁଆ । କଥା କଥାରେ କିଏ କହେ – "ଆରେ ଯା, କେତେ ଖୋଇ ଦେଖାଇ ହେଉଛୁ । ଜାଣିଛୁ, ମୁଁ କିଏ । ତୋ ଖୋଇ ଛଡାଇଦେବି" । ଆଉ କିଏ କହେ – ' ସେଟା ଗୋଟାଏ ତାର ଖୋଇ ' । ଏହିପରି ଖୋଇ ଶବ୍ଦଟିକୁ ବ୍ୟବହାର କରି ନାନା ପ୍ରକାର କଥା ଲୋକମାନେ କହନ୍ତି । ଏଥିରୁ ଜଣାଯାଏ ଯେ 'ଖୋଇ' ଶବ୍ଦର ଅର୍ଥ– ଅଭ୍ୟାସ, ସ୍ୱଭାବ ଓ ପ୍ରକୃତି । ଏହା ଗୋଟିଏ ଗୁଣକୁ ବୁଝାଏ । ଏହା କିନ୍ତୁ ସାଧାରଣତଃ ମନ୍ଦ ଅର୍ଥରେ ବ୍ୟବହୃତ ହୁଏ । ଏହି ଶବ୍ଦଟିକୁ ପ୍ରୟୋଗ କରିଦେଲାକ୍ଷଣି ଚଟ୍ କରି, ଯାହା ପ୍ରତି ଏହା ଉଦ୍ଦିଷ୍ଟ ହୋଇ ଥାଏ, ତାହାର ମଣ୍ଡକୁ ଭେଦିଯାଏ । ସିଏ ଡଂପ ପରି ଫଣା ଟେକି ଚିହିଁକି ଆସେ । ଆଉ କିଏ ଶୁଣେ, କିଛି କହେ ନାହିଁ । କିନ୍ତୁ ମନେ ମନେ ସନ୍ତୁଳି ହୋଇ ପଡେ କିମ୍ବା ନିଜକୁ ସଂଶୋଧନ କରିବା ପାଇଁ ଚେଷ୍ଟା କରେ । ଏଇ 'ଖୋଇ' ଶବ୍ଦଟା ଜେନା କବି ମୁରାରି ମୋହନଙ୍କ 'ତେନ୍ତୁଳି ଛାଟ' ପରି କାମ କରେ । ସାଧାରଣତଃ ଦେଖାଯାଏ ଆମର ଆଚାର ବିଚାର ଓ ଚାଲି ଚଳନରେ ଏଇ 'ଖୋଇ' ଗୁଣଟା କେମିତି କେଜାଣି ଏକପ୍ରକାର ଆସ୍ଥାନ ଜମେଇ ବସିଛି । ଏଇ ଗୁଣଟା ସମସ୍ତଙ୍କ ପାଖରେ ଅଛି । ଯିଏ କହୁଛି ତାହା ପାଖରେ ଅଛି, ଯାହାକୁ କୁହାଯାଉଛି ତା' ପାଖରେ ମଧ୍ୟ ଅଛି । ତେଣୁ ଏଇ ଖୋଇ ଗୁଣଟା ଜାତିଟାକୁ ଢାଙ୍କି ରଖିଛି ।

ଦୀର୍ଘ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ଆମ ଦେଶରେ ବା ଓଡିଶାରେ ଗଣତନ୍ତ୍ରର ପାଲା ଲାଗିଛି ଓ ସେଇଥିରେ ନୂଆ ନୂଆ ଖୋଇ ପ୍ରକାଶ ପାଇଛି । ଦେଶ ଓ ଜାତି ପାଇଁକିଛି ନକରି ନିଜେ ସବୁ ମାରି ନବାର ଖୋଇ ସାରା ଜାତିଟାକୁ ମୋହଗ୍ରସ୍ତ କରିଦେଇଛି । ହାମ୍‌ବଡା ଦେଶ ଓ ଜାତିବତ୍ସଳମାନେ ଦେଶସେବାର ଖୋଇ ଦେଖେଇ ବେଶ୍ ହାତ ଚିକ୍କଣ କରୁଛନ୍ତି । ଅଥଚ ଏଇ ଖୋଇକୁ ସାଧାରଣ ଲୋକେ ଜାଣି ପାରୁନାହାନ୍ତି ବରଂ ଏହା ବଢିବଢି ଚାଲିଛି । ରାଜନୀତିରେ ମଧ୍ୟ ଗୋଟିଏ ଖୋଇ ଦେଖା ଦେଇଛି, ତାହା ହେଉଛି ଲୋକଙ୍କୁ ମିଛ କଥା କହି ଭୁଆଁ ବୁଲେଇ ନିଜର ଯାବତ ସୁବିଧା ହାସଲ କରିନେବା । ଏଇ ଖୋଇଟା ଅସମ୍ଭବ ଭାବରେ କାୟା ବିସ୍ତାର କରି ଚାଲିଛି । କ୍ରମେ କ୍ରମେ ଏହା ସାରା ଜାତିଟାକୁ ଛୁଇଁ ସାରିଲାଣି । ଦେଶରେ ଶିଳ୍ପ ପ୍ରତିଷ୍ଠାନ ବନ୍ଦ ହୋଇଯାଉଛି, ଶ୍ରମିକ କାର୍ଯ୍ୟ କରିବାକୁ ବିମୁଖ, ନେତାମାନେ ପ୍ରତାରଣାରେ ବ୍ୟସ୍ତ, ଅଧିକାରୀମାନେ ବିଳାସ ଓ ଅର୍ଥରେ ମତ୍ତ, କୃଷି ଅବସ୍ଥା ମଧ୍ୟ ଶୋଚନୀୟ । ତେବେ ମଧ୍ୟ ଅନେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ପାଟିତୁଣ୍ଡ କରୁଛନ୍ତି, ହୋ ହଲ୍ଲା କରୁଛନ୍ତି, ଆନ୍ଦୋଳନ ଓ ହରତାଳ କରୁଛନ୍ତି ତଥା ସରକାରଙ୍କୁ ଅପାରଗ ବୋଲି ପାଟି କରୁଛନ୍ତି । ଅଥଚ ସେମାନେ ହିଁ ଥୋପ ପାଇଲେ ନୀରବ ହୋଇ ଯାଉଛନ୍ତି । ଏଇ ଯେଉଁ ଖୋଇ – କେବେହେଲେ ଜାତିକୁ ଉଠାଇବ ନାହିଁ ବରଂ କେଉଁ ଏକ ଗହିରିଆ ଗାତ ଭିତରେ ପକାଇ ଦେବ । ସେହିପରି ପ୍ରଶାସନ, କଳା, ସାହିତ୍ୟ, ସଂସ୍କୃତି ଓ ସଭା ସମିତିରେ ମଧ୍ୟ ଗୋଟାଏ ଗୋଟାଏ ଖୋଇ ଦେଖା ଯାଉଛି । ସବୁ ଖୋଇ ଛଡାଇବା ପାଇଁ କେହି କେହି ଆସ୍ଫାଳନ କରୁଛନ୍ତି, ସେହି ଆସ୍ଫାଳନ ମଧ୍ୟ ଆଉ ଗୋଟିଏ ଖୋଇରେ ପରିଣତ ହୋଇ ଯାଉଛି । ଏପରି ଦେଖାଯାଉଛି ଯେ ଚାରିଆଡେ ଖୋଇର ରାଜତ୍ୱ । ଖୋଇ ଆଉ ଛାଡିବାର ନୁହେଁ  ଯିଏ କହୁଛି ଖୋଇ ଛାଡିବା ପାଇଁ ସିଏ ମଧ୍ୟ ସେଇ ଖୋଇରେ ପଡିଯାଉଛି । ଖୋଇ ଯାଉନାହିଁ, ପ୍ରତିଦିନ ନୂଆ ରୂପରେ ପ୍ରକାଶ ପାଉଛି ।

କେହି କାହାକୁ ସହି ନ ପାରିବା, କିଏ ଉପରକୁ ଉଠିଗଲେ ତାର ଗୋଡକୁ ଟାଣି ଧରିବା ହେଉଛି ଓଡିଆ ମାନଙ୍କର 'ସଂସ୍କୃତି ଗତ ଖୋଇ' । ଏପରି ଲୋକ ମାନେ, ଧନୀମାନଙ୍କୁ ପାପୀ ବୋଲି ଭାବନ୍ତି, ସଫଳତାକୁ ଈର୍ଷା କରନ୍ତି । ଆଉମଧ୍ୟ ସେମାନେ ନିଜଛଡା ଅନ୍ୟମାନଙ୍କୁ ଚୋର ଓ ଠକ ବୋଲି କହି ଶାନ୍ତି ଲାଭ କରନ୍ତି । ମଣିଷର ଏହି ପ୍ରକାର ଖୋଇ ଗୁଡାକ ଆଜିକାଲି ବଡ ଆକର୍ଷଣୀୟ ହୋଇଯାଉଛି । ଏଇ ଦୁନିଆରେ ଅନେକ ମଣିଷ ଅଛନ୍ତି ଯେଉଁମାନେକି– ଯାହା ଯୋଗୁ ସମାଜରେ ସବୁ ପ୍ରକାର ସମ୍ମାନର ଅଧିକାରୀ ହୋଇଥାନ୍ତି ଓ ଯାହା ଯୋଗୁ ସଂସାରରେ ସେମାନଙ୍କର ସ୍ଥିତି– ତା'ର ମଧ୍ୟ ଶୀରି ଦେଖି ପାରନ୍ତିନାହିଁ । ଏଇଟା ଏପରି ମଣିଷର ଏକ 'ଚରିତ୍ରଗତ ଖୋଇ' । ଏପରି ମଣିଷ ମଧ୍ୟ ଅଛନ୍ତି ଯେଉଁମାନେକି ନିଜେ ଭଲରେ ରହନ୍ତି, ଭଲ ଖାଆନ୍ତି, ବୁଲାବୁଲି କରନ୍ତି, କିନ୍ତୁ ଅନ୍ୟକିଏ ଏପରିକି ନିଜ ଭାଇ ଭଉଣୀ ମଧ୍ୟ ଭଲରେ ରହିଲେ ସେମାନେ ସହି ନପାରି ଈର୍ଷା କରନ୍ତି । ଏଇଟା ମଣିଷର ଗୋଟାଏ 'ଅଭ୍ୟାସଗତ ଖୋଇ' ।

ଆମ ଓଡିଶାରେ ରାଜନୀତିରୁ ଏଇ ଖୋଇ ଗୁଡାକ ଆମଦାନୀ ହୋଇ ଆସି ସମାଜ, ସଂସ୍କୃତି, ଶିକ୍ଷା, ପ୍ରଶାସନ ଓ ପାରିବାରିକ ଜୀବନରେ ମଧ୍ୟ ସବୁଆଡକୁ ଖେଦି ଯାଉଛି ଓ ବଡ ଅବର୍ଜିଆ ଦେଖାଯାଉଛି । ସାହିତ୍ୟରେ ମଧ୍ୟ ଏଇପରି ନୂଆ ଖୋଇ ଦେଖା ଦେଇଛି । ଯିଏ ଯେତେ ଜଟିଳ କରି ସାହିତ୍ୟ ଲେଖୁଥିବ ସେତିକି ସିଏ ଭଲ ଲେଖକ ବୋଲି ପରିଚୟ ପାଉଛି । ଆଜିର ସାହିତ୍ୟ ଏଇ ଖୋଇରେ

ଉବୁଟୁବୁ ହେଉଛି । ଆମେମାନେ ଏଇ ଖୋଇରୁ ମୁକ୍ତ ହେବାକୁ ଚେଷ୍ଟା କରିବା ଜରୁରୀ । ଆମେ ଯାହା ସେୟା ହେବା । ଅଯଥା ଖୋଇ ଦେଖାଇ ନିଜକୁ ଅତି ଚାଲାକ୍ ବୋଲି ଭାବିବା କେବେହେଲେ ନିଜ ପାଇଁ ବା ସମାଜ ପାଇଁ ଭଲ ନୁହେଁ । ଏଇ ସବୁ ଖୋଇ କେତେ କାଳ ? ବେଳହୁଁ ସାବଧାନ ନହେଲେ ମଲା ବେଳକୁ ନିଜର ନାଁ ମଧ୍ୟ ମନେ ପଡିବ ନାହିଁ । ସାଧୁ ସାବଧାନ !

(ରାଜେନ୍ଦ୍ରନାରାୟଣ ଦାସ ଦୀର୍ଘଦିନ ଧରି ବିଦେଶରେ ରହିଥିଲେ ବି ଓଡିଶାର ସମସ୍ୟା ଓ ଓଡିଆ ସାହିତ୍ୟ ସଂପର୍କରେ ଲେଖାଲେଖି କରନ୍ତି । ଉପରୋକ୍ତ ମନ୍ତବ୍ୟଟି ସେ ଦେଇଛନ୍ତି ତାଙ୍କ ବାସସ୍ଥାନ ଜର୍ମାନୀରୁ- ୯୫୭, ଗିଲ୍‌ବାଖ୍ ଷ୍ଟ୍ରିଟ୍, ୪୪୧୪୭ ନଏସ୍, ଜର୍ମାନୀ - ସଂପାଦକ )

# Women's Religious Experiences in Hinduism

*Anasuya Kar*

A remarkable feature of Hinduism both historically and in terms of living tradition is the existence of an impressive array of goddesses. Hindu goddesses do not confirm to a few stereotypes but represent a diverse range of beings that impress one with their many characteristics and functions. Some goddesses conform to social stereotypes for women while others appear completely at odds with such models.

In the majority of written sources of Hindu tradition which all tend toward male-centeredness women are seen as dependent on and subservient to males. In the most famous and influential Hindu law book by Manu. Women are under the control of their fathers, husbands and children. Married women are under the control of their husbands; widows and older women to be under the control of their sons. Women are thought to be socially irresponsible and dangerously vulnerable without a male guidance. Their role in the society is to give birth, nourish and serve males. The four stages of life ( student, house-holder, forest-dweller and world-denouncer) apply primarily to males. Women's lives are seen in three separate stages: (1) unmarried young women (2) married women and (3) older women or widows. The duties of each stage also bear little relation to the four stages that apply only to the males. In the first stage of her life as a maiden, a girl is to learn the art of being a good wife. She is to learn to be obedient to her present parents . She is to learn the art of pleasing a man in her future life. In this regard her model goddess is Sita - *Rama*'s wife. *Rama* was the hero of the Ramayana. *Sita* was a real "*pati-brata*" - the wife entirely devoted to the welfare of her husband. *Rama*'s well-being was the primary concern for *Sita*. She was devoted to him in her body mind and soul.

An unmarried girl is to cultivate all the virtues of *Sita* and pray to have a husband like *Rama*. A woman's prayer is to have sons to fulfill her life. According to most Hindu law books the primary goal of a woman is to perpetuate her husbands lineage by giving him sons. In most cases when a woman gets married she moves into her husbands place and assumes the identity of his lineage. In moving to this stage of her life which is ritualized in the marriage ceremony, the Hindu female then assumes a new identity that allies her strongly to her husband and his lineage. As a mother in which role females are revered in most Hindu scriptures, the female depends on her sons and in return is adored by them. The intensity of the mother-son relationship is remarkable in Hinduism. Finally, woman enters into her third stage of life. If the husband dies she becomes a widow. She seems to lose her most important reason for living - even if she has her sons. As a widow she has to lead an ascetic life style restricting her food to the simplest; dressing in plain clothes; and wearing no adornment. In so called "upper castes" her presence might be considered to be inauspicious and her life may be socially restricted to a great extent. Remarriage after becoming a widow, for Hindu women, was rare and strongly opposed in most Hindu writings.

In some parts of India, mostly in Bengal and Rajasthan, the practice of "*Sati*" was a must. According to Hindu scriptures a woman is absolutely nobody after her husband's death. Sacrificing herself in her husband's pier was the final act of a "*Pati brata*". Those *satis* after being *sati* were greatly revered. There are shrines them for many parts of India.

In some cases the new widow is encouraged or forced to sacrifice her life in her husband's pier. The alternative of living as a social outcaste must have weighed heavily in making this dreadful decision. What is significant about this practice is the way in which it represents a logical extension of the view that women only exist for males. This is a very common and strong theme in the Hindu culture.

Another important theme of Hinduism that in all castes women are considered to be inferior to males in several ways, even in many cases they are excluded from performing religious rituals or assuming religious roles. In Vedic rituals women are forbidden to take direct part although the presence of wives is required. In this case they are simply passive deservers of rituals performed by their husbands and male-priests. Excluding females from rituals partly concerns attitudes towards their inherent impurity. This impurity links directly to distinctive aspects of female sexuality mainly to menstruation and child-birth. Female sexual fluids are regarded as highly polluting and during menstruation and immediately after child birth, women are excluded from normal social contacts. They are kept away from kitchen because they supposedly pollute food. In some cases, women are excluded from hearing sacred texts or taking part in various rituals and prevented from entering temples.

On the contrary, there are many occasions in which women take the major spiritual part in any *puja* and festivals. In Hinduism there are many rituals, festivals, customs and life style rituals that are distinctively female oriented and provide women with a satisfying and meaningful context in which to express their Hindu spirituality.

There are events in which women play a major role that are denied to men. There are cases where women have become famous saints, teachers , gurus and monarchs with spiritual responsibilities. They have become preachers and priests. It is the woman of the house who performs daily worships at the altar of the household deities who supposedly generate the auspicious power so strong that within its sphere the home is protected. Hindu women perform this practice by doing various " *bratas*" on various occasions.

The term "*brata*" means "vow". It refers to a ritual that has become one of the main stage of a Hindu woman's spirituality through out India. "*brata*" involves abstention from certain types of food, indulgences or pleasure. In order to obtain the blessings of a deity usually for a member of the woman's immediate family. In this sense , a "*brata*" is typically a form of yoga that is concentrated self centered and self denied. "*Brata*" is performed for special occasions or on a weekly basis.

It has been observed that in Hinduism, goddesses are given important roles over gods. Of the goddesses who features prominently in the Sanskrit textual tradition and who are known all over the Hindu community are *Durga, Laxmi, Kali* and *Saraswati. Durga,* created by the power of various gods, is the queen of the cosmic battle. She killed a demon who was supposed to be invincible. This warrior Goddess plays the role of protecting the universe from the disruptive influences of demons . She upholds the order of Dharma by assuming a traditional male-role which she plays more effectively than any of the male deities. Similarly Goddess *Laxmi* is the most popular Hindu goddess. She is associated with wealth , good luck and well-being. Goddess *Saraswati* is associated with

wisdom, knowledge and culture. Considering the above discussions of the female imagery in Hinduism it is a subject of dispute whether it is a pain or a panacea to be a Hindu woman.

*(Anasuya Kar is from Jawaharlal Nehru University, New Delhi, India.)*

# Be my Valentine.. Indian Style

***Tapasi Mishra***

*Are we afraid of change of social values and mores? Why should we be? Let there continue our culture but let us also accept changes better or worse –Editor*

February is the month that makes giddiness official. Valentine's is in the air and there is much talk of romance, or the pressure to talk about it. Some of us, even the most rabidly romantic, are never sure how to react to the red hearts strewn all over the place. Most of us however, in keeping with the spirit of the occasion, do things to celebrate the season. We give flowers to our significant other. We go to Olive Garden for lunch and Olive Garden for dinner because that's where the kids want to eat. We let our teenagers waste a lot of money on heart shaped candy boxes and trinkets for their friends. This year I was in India on Feb 14. Before we left my eight-year-old gave her teacher a bagful of little heart shaped chocolates attached to little heart shaped cards to be handed out on Valentine's Day. "I can't believe I am going to miss Valentine's day this year," she lamented all the way to New Delhi.

Well, we didn't. As soon as I stepped on Indian soil I encountered billboards and posters inviting all couples to enter "made for each other" contests. And there were hearts everywhere. Maybe not in as much profusion as in the US, but their presence was conspicuous. The hearts chased me all the way to my conservative, congested little town, Cuttack, where I found teenagers busy practicing for the "Mr. and Ms. Valentine" dance at the Barabati Stadium. They were going to dance all night to the tune of "Kaho Na Pyaar Hai"... Valentine's in Delhi was one thing, but Valentine's in Cuttack ! Since when? Since a long time, they shrugged. I was filled with empathy for Rip Van Winkle. My nephew told me the story of a friend who managed to convince the pandit to let him tie the knot on Valentines Day. It's a good start for an arranged marriage, he said, so romantic. My nephew griped that his own mother gave more importance to the stars, horoscopes etc. and less to the date, February 14. Hmmm.... arranged marriage on Valentine's day? In celebration of romance or holy matrimony? Oh well, whatever works, I thought. "All these western ideas," said my cousin, clicking his tongue and shaking his head ".... Such an assault on our glorious culture." And to redeem the hour he turned on the TV and settled down to watch a Hindi film actress dressed in a bizarre costume gyrating to a tune they call "Millennium mix."

My teenage nieces and nephews tried to educate me on the migration of Valentine's day to India, and especially to Orissa. Bollywood and Oriya movie stars' names were dropped, as were dates, incidents. I had found the whole thing highly amusing. Some of my Indian friends in the US were absolutely shocked by the story. I faced a barrage of reactions such as, "O my God, this is too much!"..."We are becoming so western there"..."My kids are more Indian than kids growing up in India, thank God", etc. Come on, I said, a dance or a marriage or two on February 14th will not hurt anyone.

What really baffled me about this experience were these responses. And I was taken aback by the fact that though I go to India every year, I know so little about her

now. The nation's changing thoughts, ideas and trends. I wondered... do I get so engrossed in exposing my kids to Odissi dance, classical music, temples, architecture, and languages, that I find no time or inclination to keep up with the times? Or do I not want to see the present, as am I too afraid that will relax my tenacious grip on the past? I shudder to think that I might be inadvertently blocking out the present in order to remain in a comfort zone, in which India is still what it used to be 25 years ago. A comfort zone in which I strive to raise my kids the way I was raised. "Even more Indian" as my friends declare proudly about their children's upbringing.

It is necessary to uphold our culture, traditions, celebrate our glorious past. But it is equally important to recognize the changes in today's India, to understand and accept them, for better or worse. During rushed trips to India, especially amidst the frenzied family visits, sightseeing, and religious and cultural celebrations, it is hard to keep up with things one considers mundane, insignificant. However, these seemingly trivial things can tell us a lot about a society. We need to relax a little more and re-evaluate our agendas. Getting off the beaten track can sometimes lead to better understandings, deeper insights. "We live in a time of history where change is so speeded up that we begin to see the present only when it is already disappearing." - R.D. Laing. In the interests of preserving our true identities, we must embrace the ancient culture as well as acknowledge the evolving one.

*(Tapasi Misha lives in San Antonio, TX with her family. she has edited a news letter for the Indian community. Recently she created "Swagat", a support group for Indian studies in San Antonio.)*

# A few Suggestions for JSA

***Devi Prasad Mishra***

*The above article is his views as an insider of both the organizations. - Editor*

The Jagannath Society of the Americas(JSA) was created by devotees of Lord Jagannath initially as a tax-sheltered religious society and later on professed to spread Jagannth philosophy in the Western world.

Every year, respected devotees contribute to the JSA fund. Since 1992 it has begun to grow because of wise and astute investment planning by the devotees. The organization also spends money on "*Puja*" and "*Ratha Yatra*". Some use JSA to channel money to Orissa or India for various organizations and projects. Except collecting the money every year and beyond spending it on *Puja* and *Ratha Yatra* at Nashville, the devotees and members of the Jagannath Society of America seem to have no clear cut plan as to how they can preserve the organization's identity while fulfilling its long-term objectives. In places like Tirupati the money collected from the devotees has helped to build and maintain a university. The Churches ask their members to contribute a certain percentage of their income for church sponsored charities. In the same way, the JSA should spend at least one tenth of its collected funds in development projects in Orissa.

**The identity issue**

It may not be right to opine that JSA is not OSA. Nor should OSA have any allegiance to JSA. They are two different organizations and they should have entirely different focuses and viewpoints. Therefore, JSA should hold its annual meeting of its devotees at the time of Ratha Yatra, not along with the OSA convention. JSA should gradually encourage artists of any heritage (Orissan or any one from India) to participate in *Ratha Yatra* or *Bahuda Yatra.* They should be paid an honorarium of at least $500. Along the same line of thinking, a speaker be invited to participate in the above functions and should be given an adequate honorarium. The speaker should not be just from Orissa. He could be an authoritative figure on religion from India or abroad. The honorarium should not include his travel expenses.

**The relevance**

Even though JSA professes that would spread the Jagannath philosophy in the Western world, the Jagannath temple of Puri with all the mysticism surrounding it for the last so many centuries seems not to have made a dent in improving moral values and characters of the residents of Orissa.

**The Objective**

The long term objectives should be a dynamic one. It should involve gradual involvement of JSA in Orissa, not here in the USA. If JSA could not justify " so called spread of Jagannath philosophy " in Orissa, then it cannot show any example of achievement or success to the Western world. A few suggestions:

- JSA could fund a chair of religion within the collaborative campuses of the Department of Philosophy in each of the universities in Orissa within the next 6 to 8 years. The chair would be conferred on an eminent person on religious studies with high integrity who would conduct research as well as teach Hindu religion in the context of the local population in Orissa.

- To start with, JSA could adopt and encourage religious/moral teaching in schools of any subdivision in Orissa at a given year and gradually spread to more areas if it succeeds.

- JSA could form concrete plans to inspire efficiency in the Jagannath temple of Puri to improve the temple's organizational activities. The Maharaja of Puri could be helpful in changing the temple's poor public image.

- JSA could help establish in the villages of Orissa , old style " Bhagabat Tungis" to spread amity among all sections of the village population.

The Hindu religion has high ethics inscribed in scriptures. Yet, the religious societies and the temples raise extraordinary amounts of money to further their own benefits. Many a time it appears that a devotee contributes to show off his/her material acquisition by donating to a temple. Seldom do the devotees wish to spend for any greater social cause. Let the JSA enrich its coiffures and still let it also show that it is interested in uplifting the moral and emotional base of the society, particularly in helping the disadvantaged.

*Devi babu is a long standing OSA member and makes regular contribution to JSA.*

# ବରି

- ଅନାଦି ନାୟକ

୧୯୪୨ ମସିହା ଆସିବା ବେଳକୁ ବରି ଅଂଚଳ ତାର ଅନ୍ୟ ପାଖା ପାଖି ଅଂଚଳ ସହିତ କେତେ ରକମର ଅଗ୍ନି ପରୀକ୍ଷା ଭିତର ଦେଇ ଗତି କରିଥିଲା । ଓଡିଆ ଭାଷା ଭାଷୀ ଅଂଚଳ ଭିତରକୁ ମୋଗଲ ସାମ୍ରାଜ୍ୟ ମାଡି ଆସିଥାଏ । ମରହଟ୍ଟା ମାନେ ମୋଗଲ ଓ ମୁସଲମାନ ମାନଙ୍କୁ ହଲାପଟା କରିବାଲାଗି ଏଠି ରାଜ୍ୟ ବିସ୍ତାର କରିଥାନ୍ତି । ମୋଗଲବଂଦୀ ଅଂଚଳ କହିଲେ ମୋଗଲମାନଙ୍କ ଦ୍ୱାରା ଅଧିକୃତ ଅଂଚଳକୁ ବୁଝାଉଥିଲା । ବୃହତ୍ତର ଦେଶର ଏକ ଛୋଟିଆ ଅଂଶ ରୂପେ ବରୀ ଥିଲା ତା 'ର ଅନ୍ତର୍ଭୁକ୍ତ । ବରୀ ଓ ଅରଙ୍ଗାବାଦ ଅଂଚଳରେ ଯେଉଁମାନେ ନୂଆ ଧର୍ମରେ ଦୀକ୍ଷୀତ ହେଲେ ମୋଗଲ ସରକାର ସେମାନଙ୍କୁ ଖଜଣା ଦେବାରୁ ତ୍ରାହି କରି ଥିଲେ । ତ୍ରାହି କରିବାର ଅନ୍ୟ ଉର୍ଦ୍ଦୁ ଶବ୍ଦଟି ହେଲା ବରୀ । ଯଜାତି କେଶରୀ ଙ୍କୁ ବରଣ କରିବାଯୋଗେ ବରି ବୋଲି ଆଖ୍ୟାୟିତ ଅଂଚଳଟି ଏବେ ମୋଗଲ ଅଧିକାରୀଙ୍କ ଖଜଣାଛାଡ ଭିତରେ ପଡି 'ବରୀ' ବୋଲି ନାମିତ ହୋଇଥିଲା । ହାତୀରେ ଓ ଘୋଡା ଉପରେ ଚଢି ଅନ୍ୟ ଅଂଚଳରୁ ଲୋକେ ଏ ଅଂଚଳ ଭିତରକୁ ଆସିବାକୁ ସେତେ ଇଛା କରୁ ନ ଥିଲେ । କାରଣ ନଈ , ନାଳ ପାରି ହୋଇ କାଦୁଅ , ପଙ୍କ ଭିତରେ ପଶି ଏ ଆଡକୁ ଆସିବା ସେତେ ସହଜ ନ ଥିଲା । ଯାଜପୁରର ବିରଜା ମନ୍ଦିର ଯାଏ ଯିବାକୁ ହେଲେ ବିଶିଷ୍ଟ ଲୋକମାନେ - ସରକାରୀ ପ୍ରତୀନିଧି ଓ ସୈନିକ ମାନେ - ବ୍ରାହ୍ମଣୀ ନଦୀ ପାର ହେଉଥିଲେ ହାତ ମଡା ଗୋବିନ୍ଦପୁର ପାଖରେ । ଯେଉଁ ପ୍ରଗଣାର ଅନ୍ତର୍ଭୁକ୍ତ ଥିଲା ବରି । ସେ ପ୍ରଗଣାର ପେଣ୍ଠଜାଗା ଥିଲା ହାତମଡା ଗୋବିନ୍ଦପୁର । ଗଙ୍ଗାକୂଳରୁ ତେଣେ ପୁରୀର ଜଗନ୍ନାଥ ମହାପ୍ରଭୁଙ୍କ ଯାଏ ଯେଉଁ ବାଟ ପଡି ଥିଲା ତା ନାଆଁ ହେଲା ଜଗନ୍ନାଥ ସଡକ । ଦି' ପଟେ ଛୋଟ ବଡ ଜଙ୍ଗଲ , ବଣବୁଦା, ତାରି ଭିତରେ କାହିଁ କେଉଁଠି ଖଣ୍ଡେ ଅଧେ ଚଟିଘର । ମରହଟ୍ଟା ଓ ମୋଗଲ ମାନେ ଜଗନ୍ନାଥ ସଡକ ଉପରେ ସୁବର୍ଣ୍ଣ ରେଖାରୁ ପୁରୀଯାଏ ଯାଉଥିଲେ । ଜଗନ୍ନାଥ ସଡକ ପାଖରୁ ବରୀର ଦୂରତା ଥିଲା ଦଶ କୋଶ ପରି । ଏଣୁ ପାଣି, କାଦୁଅ , ବଣ ଭିତରେ ପଶି ବରି ଆଡକୁ ବାହାରର ଲୋକ ଆସିବା ସେତେ ଦେଖାଯାଉ ନ ଥିଲା ।

ନବାବ ସିରାଜଉଦ୍ଦୌଲା ଠାରୁ ଇଂରେଜମାନେ ଯେତେବେଳେ ସବୁତକ ରାଜ୍ୟ ଦଖଲ କରିନେଲେ କାଳ କ୍ରମେ କଲିକତା ହେଲା ସେମାନଙ୍କର ଘାଟି ଜାଗା । ସେଇଠୁ ସେମାନେ ଧୀରେ ଧୀରେ ଚାରିଆଡକୁ ବିସ୍ତାର କଲେ । ମୁକୁନ୍ଦ ଦେବଙ୍କୁ ଧାମରାଠାରେ ହତ୍ୟା କରା ଯାଇଥାଏ । ଓଡିଆ ଭାଷା ଭାଷୀ ଅଂଚଳରେ ଇଂରେଜ ମାନଙ୍କୁ ବିରୋଧ କଲାଭଳି ବଳ କାହାର ନ ଥାଏ , ଫଳତଃ ଇଂରେଜମାନେ ଯେତବେଳେ ଓଡିଶା ଦଖଲ କରିବାକୁ ଆସିଲେ ଏଠି ସେମାନଙ୍କୁ ପ୍ରତିରୋଧ ମିଳିଲା ସତ କିନ୍ତୁ ସେ ପ୍ରତିରୋଧ ସେମାନଙ୍କୁ ଦୂରେଇ ରଖିବାକୁ ସଫଳ ହୋଇପାରିଲା ନାହିଁ । ଇଂରେଜମାନେ ସେମାନଙ୍କର ରୀତିନୀତି , ଚାଲି ଚଳଣ , ପାଠ ପଢା ପଦ୍ଧତି ଓ ଜମି ଜମା ବ୍ୟବସ୍ଥା ଏଠି ଆରମ୍ଭ କଲେ । ନିଜ ଅଜାଣତରେ ବରି ଅଂଚଳର ଲୋକେ କେଉଁ ଏକ ଜମିଦାରୀର ଅଂଶ ବିଶେଷ ହୋଇରହିଲେ ତାହା ସେମାନଙ୍କୁ ଜଣା ନ ଥିଲା । ଜମିଦାରୀ ବିକ୍ରିହେଲା କଲିକତାରେ । ସେଆଡୁ ଲୋକ ଆସି ଏଠି ଖଜଣା ଆଦାୟ କଲେ । ସାଧାରଣ ଚାଷୀ ବନ୍ଦୀ , ଗରିବ ଗୁରୁବା ଲୋକେ ତ ନିଜ ଫସଲରୁ ଗୋଟାଏ ଅଂଶ ଜମିଦାରଙ୍କ ସେବାରେ ଦେଇ ଆସୁଥିଲେ । ତେଣୁ ଜମିଦାର ଯିଏ ହେଲା ତ ସେଥିରେ ସେମାନଙ୍କର କିଛି ସୁଖ ନ ଥିଲା କି ଦୁଃଖ ନ ଥିଲା । ମୁକୁନ୍ଦ ଦେବ କି ସିରାଜୁଦ୍ଦୌଲା କି ଆଉରଙ୍ଗ ଜେବ କେହି ବରି ଅଂଚଳକୁ କେବେ ଆସି ନଥିଲେ । ତାଙ୍କ ନାଆଁ ନେଇ ବଳୁଆ , ବୁଦ୍ଧିଆ ଲୋକେ ଏଠି କର୍ତ୍ତୃତ୍ୱ କରୁଥିଲେ । ମାତ୍ର ଇଂରେଜମାନଙ୍କର ବ୍ୟବସ୍ଥାଟା ହେଲା ଅନ୍ୟ ମାନଙ୍କ ବ୍ୟବସ୍ଥାଠାରୁ ଅଲଗା । ମୋଗଲ ମାନେ କି ମରହଟ୍ଟାମାନେ ମୁଖ୍ୟତଃ ଖାଇ ପିଇ, ଭାଙ୍ଗିରୁଜି ପଳେଇଯିବାରେ ଅଭ୍ୟସ୍ତ ଥିଲେ । ଦରବାରରୁ କିଏ ଗୋଟାଏ ମୁଖିଆ ଲୋକ ଆସିଲେ ତ ତାଙ୍କୁ ପୁଳାଏ ଧନ ଦୌଲତ ଦେଇ ଖୁସି କରେଇ ଦେଲେ ସେ ଖୁସି ହୋଇ ଏଠୁ ଚାଲି ଚାଲିଯାଉଥିଲେ । ଶାସନ ଓ ଶାସକ ଭିତରେ ଅନ୍ୟ କିଛି ସଂପର୍କ ନ ଥିଲା । ମରହଟ୍ଟା ଆଗନ୍ତୁକ ମାନେ ହାତୀରେ ଆସୁଥିଲେ । ସେମାନଙ୍କ ହାତୀ ଲାଗି ଛଣ , କୁଟା ଯୋଗାଇ ଦେଇଥିବା ବରି ଅଂଚଳର ଗୋଟିଏ ପରିବାରକୁ ମରହଟ୍ଟା ଶାସକମାନେ ଚୌଧୁରୀ ପଦ ଦେଇଥିଲେ । ମରହଟ୍ଟା ମାନଙ୍କ ଆଶୀର୍ବାଦ ଯୋଗୁ ଚୌଧୁରୀ ପରିବାରକୁ ଜମିଦାରୀ ମିଳିଥିଲା ।

ଇଂରେଜ ମାନେ ଆସି ସବୁ ଅଂଚଳ ପରି ବରି ଅଂଚଳରେ ବିଧିବଦ୍ଧ ଶାସନ ବ୍ୟବସ୍ଥା ଚଳାଇଲେ । ଜମିବାଡିର ମାପଚୂପ ହେଲା । ମଧ୍ୟ ସତ୍ତ୍ୱାଧିକାରୀ , ଜମିଦାର , ସରବରାକାର - ଏମିତି ଗୋଟାକୁ ଗୋଟା ପ୍ରକାରର ମାଲିକନା ସେମାନେ ସୃଷ୍ଟି କଲେ । ଏ ସବୁ କରାଗଲା ଖଜଣା ଆଦାୟର ସୁବିଧା କରିବା ପାଇଁ । ଚକଡା ଚକଡା ଭଲ ଜମି ଏବେ ଏଇ ମାଲିକ ମାନଙ୍କ ମାଲିକାନା ଭିତରେ ରହିଲା । ଇଂରେଜ ଶାସନର ବନ୍ଦୋବସ୍ତ ପଦ୍ଧତି ଯୋଗେ ସେମାନେ ଏକ ନିର୍ଦ୍ଦିଷ୍ଟ ପରିମାଣର ଖଜଣା ସରକାରକୁ ଦେଲେ । ନିଜେ ମାରିପିଟି ଯେତେ ନିଜ ପାଇଁ ରଖିପାରିଲେ ସେଥିରେ ଉପର ବାଲାଙ୍କର କିଛି କହିବାରେ ନ ଥିଲା ।

ରାଜା ଏବଂ ତାଙ୍କ ହେଞ୍ଜ ଲୋକଙ୍କ ସହିତ ଜମି ମାଲିକଙ୍କର ଗୋଳମାଳରେ ଇଂଲାଣ୍ଡରେ ବହୁ ବର୍ଷ ଲାଗିଥିଲା । ଶେଷରେ ଜମିମାଲିକମାନେ ବର୍ଷକୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଟିକସଦେବା ପ୍ରଥା ସେଠି ଚାଲୁ ହେଲା । ଏବେ ଭାରତ ବର୍ଷରେ ଆଧିପାତ୍ୟ ବିସ୍ତାର କରି ଇଂରେଜ ମାନେ ନିଜ ଦେଶରେ ଚଳୁଥିବା ଜମିଜମା ବ୍ୟବସ୍ଥାକୁ ଲାଗୁକଲେ । ଛୋଟ ବଡ ଜମିଦାରଙ୍କ ମାଧ୍ୟମରେ

ନିଜ ବ୍ୟବସ୍ଥାଟିକୁ ଚାଲୁ କରିବା ଥିଲା ତାଙ୍କର କାମ । ଯିଏ ଦି 'ଅକ୍ଷର ପାଠ ପଢି ନିଜକୁ ଚାଲାକ ଚତୁର ବୋଲି ସାବ୍ୟସ୍ତ କଲେ ଓ ଇଂରେଜ ସରକାରଙ୍କ ବୁକୁଚା ବୋହିବାରେ ଧୁରଂଧର ବ୍ୟକ୍ତି ବୋଲି ପ୍ରମାଣିତ କଲେ, ସେମାନଙ୍କୁ କ୍ଷମତା ମିଳିଲା , ଚାକିରି ମିଳିଲା , ଜମି ଓ ପଡିଆରା ମଧ୍ୟ ମିଳିଗଲା । ବିଂଶ ଶତାବ୍ଦୀର ଆରମ୍ଭରେ ଦେଖାଗଲା ଯେ ବରି ଅଂଚଳରେ ଛୋଟ ବଡ କେତେ ଗୁଡାଏ ଜମିଦାର ସୃଷ୍ଟି ହୋଇଛନ୍ତି- ପୂର୍ଣ୍ଣଚୌଧୁରୀ , ବାମନ ଦାସ , ବିଂବାଧର ପୁହାଣ ପ୍ରମୁଖ । ନିଜ ଅଂଚଳରେ ମଳି ମୁଣ୍ଡିଆ ସାଧାରଣ ଲୋକଙ୍କ ଝାଳ ବୁହା ଧନରୁ ପଣି ନେଇ ସେମାନେ ଚଉପାଢୀ କରିଥିଲେ । ତାଙ୍କ ଚଉପାଢୀରେ ଗାଁ ଲୋକଙ୍କ ପାଇଁ ନିଶାପ ହେଉଥିଲା । କାହାକୁ ବାଛନ୍ଦ କରା ଯାଉଥିଲା ତ କାହାକୁ ଦୋ'ଅକ୍ଷରୀ ଭାଷାରେ ଗାଳି ଦେଇ ଅପମାନ କରା ଯାଉଥିଲା । ଇଆ ଭିତରେ ଗାଁର ଗରିବ ଗୁରୁବା ଲୋକେ ନଇ ବଢି, ବାତ ଜ୍ୱର , ମେଲେରିଆ ଏମିତି କେତେ କ ' ଣ ସହି ଅସ୍ତ ବ୍ୟସ୍ତ ହେଉଥିଲେ । କୌଣସି ବର୍ଷ ଧାନ ଧୋଇଗଲେ ଲୋକଙ୍କର ଭେଳା ବୁଡି ଯାଉଥିଲା । ଲୋକେ ଆସି ଗାଁ ଜମିଦାରଙ୍କ ଦ୍ୱାରସ୍ଥ ହେଉଥିଲେ । ହର୍ତ୍ତା କର୍ତ୍ତା, ଦୈବ ବିଧାତା ହୋଇ ଯାଉଥିଲେ ଜମିଦାର ମାନେ ।ଦରକାର ବେଳେ ଲୋକଙ୍କଠାରୁ ଅଦ୍ଭୁତ ପରିମାଣର ସୁଧ ଆଦାୟ କରୁଥିଲେ । ଲୋକ ଲଗେଇ ଜବରଦସ୍ତ ଫସଲ ନେଇ ଯାଉଥିଲେ । ଆୟତନରେ ଏମାନେ ଥିଲେ ଖୁବ୍ ସାନ । ଏଣୁ ବରି ଅଂଚଳରେ ଜମିଦାର ମାନଙ୍କ କୋକୁଆ ଭୟ ସେଠାକାର ଲୋକଙ୍କ ପାଇଁ ସେତେ ବେଶି ନ ଥିଲା - ଏମାନଙ୍କର ଦୌରାତ୍ମ୍ୟ ଓଡିଶା ପ୍ରଦେଶର ଅନ୍ୟ ବହୁଅଂଚଳ ତୁଳନାରେ ଥିଲା କମ୍ । ଇଂରେଜ ମାନେ ଏ ଦେଶରେ ନିଜ ସନ ମୁତାବକ ଆଦବକାୟଦା ଆରମ୍ଭ କଲେ । ଲୋକେ ତାଙ୍କ ଭାଷା ପଢିଲେ । ବଡ ବଡିଆ ମାନେ ପ୍ୟାଣ୍ଟ୍ ପିନ୍ଧିଲେ । ମଦ ପିଇଲେ । ଇଂରେଜୀରେ ପଦେ ଅଧେ କ ହିଜାଣିଲେ । ଏପରିକି ବର୍ଷଗୁଡାକ ମଧ୍ୟ ଇଂରେଜୀରେ ଗଣାଗଲା । ୧୯୦୧, ୧୯୧୪, ୧୯୧୯ ଇତ୍ୟାଦି ।

ଲୋକେ ତ ଆଗରୁ ବର୍ଷ ଗଣୁଥିଲେ ପୁରୀ ରାଜାଙ୍କ ରାଜୁତି କରିବାର ବର୍ଷ ଅନୁସାରେ । ଏବେ ନୂଆଗଣନାର କଥାଟା ଧରିବା ପାଇଁଲୋକଙ୍କୁ କୁଳାଉ ନ ଥିଲା । ତଥାପି ୧୯ ସାଲର ନଇବଢି କଥା ସେ ସମୟର ଲୋକଙ୍କ ମନରୁ କେବେ ଯାଉନଥିଲା । ସେ ବର୍ଷ ୧୯୧୯ ରେ ବ୍ରାହ୍ମଣୀ ଓ ବୈତରଣୀ ଅବବାହିକାର ସବୁ ଅଂଚଳରେ ଖୁବ୍‌ବନ୍ୟା ହେଲା । ବ୍ରାହ୍ମଣୀ ଓ ଖରସୁଆ ଭିତରେ ଥିବା ସମୁଦାୟ ପାଟଟା ଗୋଟାଏ ବଡ ସମୁଦ୍ର ପରିଦେଖାଗଲା । ପାଣି ଅନେକ ଦିନ ଧରି ଜମିରେ ରହିଲା । ବିଲରେ ଧାନ ଗଛର ଚେର ଅବା ରହନ୍ତା କେଉଁଠୁ ? ପାଟ ମଝିରେ ଥିବା ଗାଁ ଗୁଡାକ - ଉଦୁକୁଲା, ଫୁଲୁପୁର , ଝିଙ୍କ ଡିହ - ଏମିତି କେତେ ଗାଁରୁ ଅନେକ ଲୋକ ଙ୍କ ଗାଈ ଗୋରୁଭାସିଗଲେ । ସବୁଲୋକଙ୍କ ଘର ଥିଲା ମାଟିକାନ୍ଥର । ପାଣି ଲାଗି କାନ୍ଥ ଭୁସୁଡିବା ଫଳରେ ଲୋକେ ନିର୍ବାସିତ ପରି ଗଛମୂଳେ ଆଶ୍ରୟ ନେଲେ । ଅବସ୍ଥା ଖୁବ୍‌ଗୁରୁତର ହେବାରୁ ଇଂରେଜ ସରକାର ଜଣେ ଟୋକା ଅଫିସରଙ୍କୁ ପଠେଇଲେ ଲୋକଙ୍କୁ ସାହାଯ୍ୟ କରିବାଲାଗି । ସରକାର ହେଲେ ବିଦେଶୀ ଲୋକ । ଏଠା ଲୋକଙ୍କ ସୁଖ ଦୁଃଖରେ ତାଙ୍କର ଯାଏ କେତେ, ଆସେ କେତେ ? ଏଠି ରାଜୁତି କରି ଏଠା ଲୋକଙ୍କୁ ସହାନୁଭୂତିର ସହିତ ସାହାଯ୍ୟ କରାଯାଉଛି ବୋଲି ନିଜ ଦେଶରେ ପ୍ରଚାର କରିବା ପାଇଁ ଔପଚାରିକ ଭାବରେ କିଛିଟିକିଏ ସାହାଯ୍ୟ କରିବା ଥିଲା ବାହାନା ।

ମାତ୍ର ପରିସ୍ଥିତିଟି ଦେଖି ଟୋକା ଅଫିସର ଜଣଙ୍କ ତାଙ୍କ ଉପରିସ୍ଥ ହାକିମଙ୍କୁ ରିପୋର୍ଟ ଦେଲେ ଯେ ଲୋକଙ୍କ ଆବଶ୍ୟକତା ଅନୁସାରେ ସରକାର ଯେଉଁସାହାଯ୍ୟ ଦେଇଛନ୍ତିତାହା ଯଥେଷ୍ଟ ନୁହେଁ । ଲୋକଙ୍କ ପାଇଁ ଆହୁରି ବେଶିଦରକାର । ଏ ରିପୋର୍ଟ ପାଇ ଉପର ଅଫିସର ଜଣକ ଏକଦମ ବ୍ୟସ୍ତ ।"ହଇଓ , ସରକାରୀ ଅଫିସର ହୋଇ ତମେ ସରକାରଙ୍କ ଅପାରଗତା ବିଷୟରେ ଏମିତି କହିଲେ କ'ଣ ଚଳିବ ? ଇଏ ପରା ଇଂରେଜ ସରକାର ।"ଟୋକା ଅଫିସର ଜଣକ ଯା' ଭିତରେ ଲୋକଙ୍କୁ କାମ ଦେବାପାଇଁ ଗୋଟାଏ ବଡ ଡିହ ତିଆରି କଲେ । ଉଦ୍ଦେଶ୍ୟ ହେଲା ଯେ ଏଣିକି ଯଦିଆଉ ନଇବଢି ହୁଏ, ତେବେ ଲୋକେ ଅନ୍ତତଃ ଏଇ ଡିହ ଉପରେ ଆଶ୍ରୟ ନେଇ ନିଜ ନିଜର ଜୀବନ ରକ୍ଷା କରିପାରିବେ । ନିଜର ଭଲ କାମଦ୍ୱାରା ବରି ଅଂଚଳର ଜଣାଶୁଣା ଲୋକଙ୍କ ସାଙ୍ଗରେ ତାଙ୍କର ପରିଚୟ ଘଟିଲା। ହେଲେ ଏ ଅଂଚଳର ଲୋକଙ୍କର ଅସହାୟତା ଓ ସରଳପଣିଆଟା ତାଙ୍କୁ ଖୁବ୍ ପ୍ରଭାବିତ କଲା ।

ଦେଖାଗଲା ଯେ ୧୯୪୨ ମସିହା ବେଳକୁ ଇଂରେଜ ସରକାର କୁ ତଡିବା କାମରେ ସେ ହୋଇଛନ୍ତି ଓଡିଶା ପ୍ରଦେଶର ଜଣେ ଶକ୍ତ ଯୋଦ୍ଧା । ଗତ କେତେ ବର୍ଷହେଲା ଏଇ ବରି ଅଂଚଳକୁସେ ନିଜର କାର୍ଯ୍ୟକ୍ଷେତ୍ରରୂପେ ବାଛିନେଇଥିଲେ । ଖାଲି ନିଜେ ନୁହନ୍ତି, ନିଜ ସହଧର୍ମିଣୀ, ପୁଅ, ଝିଅମାନଙ୍କ ସମେତ ସାଙ୍ଗରେ ଆହୁରି ଅନେକ ଙ୍କ ସହିତ ବରି ଅଂଚଳକୁ ଗୋଟାଏ ଏକଦମ୍ ନୂଆ ରୂପ ଦେବା କାମରେ ସେ ଲାଗିଛନ୍ତି ।ତାଙ୍କ ନାଆଁ ଗୋପବନ୍ଧୁ ଚୌଧୁରୀ ।

(ଉପରୋକ୍ତ ଲେଖାଟିଲେଖକଙ୍କ ଦ୍ୱାରା ପ୍ରକାଶିତ ହେବାକୁ ଥିବା ବହି ' ବରି'ର କିୟଦଂଶ - ସଂପାଦକ )

## With One Dollar at Fifty Rupees, What Can We Do ?

***Sudhansu S. Misra***

*Many People in our Orissa are in need of help for a multiplicity of reasons. It is heartening to learn that there are so many NGOs/Institutions now working in Orissa to help these needy people. Mr Mishra's article provides a window to these organisations.*
*-Editor*

The conversion rate has reached almost 50 rupees to a dollar now. In the course of my stay in America, I have seen the dollar rise from less than 5 rupees to the current rate of almost 50 rupees. Our purchasing power increases a lot when we go to India these days. What seems an extravagance to an average person in India is quite modest for us to spend with the buying power of the American dollar.

Besides being able to spend quality time in India, quite a few of us wish we could in some way do some charitable work or contribute financially to organizations that do meaningful work. Many of us have sacrificed by leaving the country where we were born in order to prosper by staying in America. We have prospered with our hard work in a foreign culture and environment. We are now entering an era where we look around to find what we can do to help others. I doubt if any one comes back from India without feeling grateful for what we have, and wishing that those whom we have left behind could also share a bit of what we have here.

During our last visit to India in January 2002 my wife and I came across some organizations dedicated to human service in many fields. I personally got to know the organizers of some these institutions. After my return from India, I thought of writing this article in order to inform others more broadly about their activities. Those who are interested can get more details from contact lists and make their own decisions about supporting an organization.

There are several worthwhile organizations in and outside Orissa. The following is a list of organizations about which I could gather some information. Although I know of and visited some of these organizations, you should do your own investigation to know how they operate.

**BASUNDHARA**

Contact Persons

India
Saila Behera, Secretary
Basundhara Nagar, Bidanasi, Cuttack-75308, Orissa, Tel. 671-604892, 603178.
Email: basundhara@satyam.net.in

U.S.A
Ms. Joyasree(Ranu) Mahanti,

Tel. (517) 337-9570, Email: ranumahanti@yahoo.com

About the Organization:

Basundhara is a registered rehabilitation center for children, women and elders in distress. It promotes foster care, a sponsorship program, and legal adoption of orphaned and destitute children in India as well as in foreign countries. Basundhara operates a rehabilitation program for unwed and destitute women, runs schools in slum areas, and provides an on-site children clinic. It provides excellent scope for students for residency volunteer work as part of a study program.

**OUR VILLAGE TRUST**

Contact Person:

Dharitri Misra
11508 Swains Lock Terrace
Potomac, MD, 20854
Tel: (301) 983-8208, Email: dharitri_misra@hotmail.com

About the Organization

Our Village Trust (OVT) was formed in January 2000 as a USA-based, charitable, organization (IRS 501-3-c) to help in all-around integrated development of poor communities in rural Orissa. All OVT activities are managed and decided by its volunteer members, who visit the work site in Orissa at their personal expense. The actual fieldwork is accomplished by dedicated, reputable, local NGOs.

The first major project undertaken by OVT was the rebuilding and rehabilitation of a cyclone-devastated village, Bhitara Srichandanpur with 46 poor families. Each family was provided with a cyclone-proof brick house and the community was given help/training in agriculture, health care, vocational education, micro financing, and environment beautification. (The housing pictures may be seen at the website **http://www.habitatindia.org/disaster.htm.)** With the collaboration of Loksevak Yuba Mandal of Cuttack, Habitat for Humanity-India, and the villagers themselves, a beautiful new village was completed and inaugurated in March 2002.

**BISWA (Bharat Integrated Social Welfare Agency)**

Contact Persons:

India
Mr. Kshirod Chandra Malik, Chairman BISWA
Debasis Bhawan, Near Ramji Mandir, Sambalpur-768001, Orissa
Tel. 663-532213, Fax. 663-402115, Email: b_wa@rediffmail.com

U.S.A:

Joyasree Mahanti, Tel. (517)337-9570, Email:**ranumahanti@yahoo.com**

About the Organization:

BISWA is a registered Non Governmental Organization (NGO), established in July 1995 to serve Western Orissa. BISWA works towards prosperity of rural, tribal and urban slum dwellers through an integrated approach, which embodies awareness, education, economic, health and sanitation with an emphasis on women empowerment.

**Loksevak Yuva Mandal**

Contact Person:

Madhupur House, Buxi Bazar, Cuttack-753001, Orissa
Pravas Acharya, General Secretary, Tel. 91-671-611333,
Email: pravas_ku@rediffmail.com

About the Organization:

Loksevak Yuba Mandal(LYM) is a registered NGO with outreach programs to help people in rural communities. It acts under the guidance of Monorama Mohapatra as a facilitator in bringing much needed aid to poor people in areas of healthcare, agriculture and education. It is affiliated with Lok Sevak Mandal, an all India relief organization.

On Going Activities:

Dedicated volunteers have worked tirelessly in relief and rehabilitation of the affected people after the super cyclone hit the coastal Orissa in 1999. They have established links with USA-based "Our Village Trust" and other relief organizations from Orissa in U.S.A.

Future Plans:

Continue to work on healthcare and economic sustenance issues, provide assistance as necessary in needy communities in Orissa. It plans to establish close collaboration with "Orissa Village Trust" and similar U.S. based organizations.

**VIJAYA**

Contact Person:

Mrs. Chandrika Mahapatra
417, Saheed Nagar, Bhubaneswar-751007
Tel: 674-510427, FAX: 674-519237
Email: **vijayaorissa@hotmail.com**
About the Organization:

Since registered as an NGO, Vijaya is engaged in providing relief services to super

cyclone victims; preventing trafficking of female children and women from the worst affected areas of cyclone; providing drinking water to flood victims by drilling 153 tube wells; organizing village women for renovation and re-utilization of many abandoned ponds in villages; providing educational support (fees, books etc.) to cyclone affected areas. In Kalahandi Vijaya extended food relief support with the support of local NGO "Sarvodaya Samiti".

On-going Activities

- Provide Relief Operations in flood affected areas (Funded by a Swiss Agency)
- Renovate a dilapidated pond at Astarang (Project Jeevan Dhara) managed by women self help groups and youth.
- Conduct National, State and District level seminars and workshops on social issues concerning women, adolescent girls, unwanted mothers and children.
- Provide HIV/AIDS intervention at Choudwar Jail
- Prevent domestic violence and reduce cancer causing tobacco at Jaipur, Orissa
- Rehabilitate widows at Puri and weaver's community at Khurdha.
- Start a School (Learning for Life in Free Environment) to teach modern value based education where children learn to be good citizens. Procurement of land (up to 20 acres) and its development is in the process.

Vijaya coordinates among NGO's for utilization of available resources and serves as a central information source. The following independent NGO's are networked with Vijaya. Financial support for these organizations from foreign countries can be routed through Vijaya for easier foreign currency transaction.

## SAMUHA VIKAS

Contact Person:

Mr. Radha Kant Das, Secretary.
2RB-91, Batimela
Malkangiri, Orissa-764051
Tel. 6861-42565
Registered NGO with operational area in Nayagarh and Malkangiri

About the Organization

A: A lasting impression of my childhood is the beauty and the serenity of the countryside in Orissa and the profoundly rich culture of the people at the grassroots. Sambalpur gave me the opportunity to understand the art and culture of western Orissa, especially of the tribal people.

*Q: Any memorable childhood and boyhood experiences that have influenced you a lot ?*

A: Growing up in a family of professors and intellectuals, I had a somewhat secluded childhood. The emphasis was on good conduct and scholastic achievements.

*Q: Your father, late Dr. Mayadhar Mansinha was an educationist and a great poet. His*

*contribution to the Oriya literature has been immense. What was his influence in the making of Lalit Mansingh the ambassador ?*

A: My father has been the dominant influence in my life. He was a towering intellectual whose mind was preoccupied with literature, philosophy and spiritualism. He was also deeply involved with the problems of education in India. He was a noble, generous and large hearted person. He instilled in his children a deep sense of integrity, human decency, and a quest for excellence. At every step in my life, my father was my guiding spirit and inspiration. I regret I did not inherit his literary talent.

*Q: How do you feel to be son of such a great man ?*

A: It feels intimidating. It also makes me immensely proud of being his son.

*Q: Your higher education was partly in Orissa and for sometime you were also teaching in the Utkal University. How do you rate the educational system in Orissa? Secondly, now how do you perceive the higher education in Orissa in terms of quality, modernization and the result it begets ?*

A: Till very recently, Orissa had very inadequate educational facilities. There were very few schools, and for decades, Ravenshaw College was the only college in the State. In my father's time, Ravenshaw did not even provide for post graduate studies. I am happy that there has been considerable expansion of education in Orissa recently.

I did my entire education in Orissa and am proud of the quality of education I received in the State. I am pleased that hundreds of bright young people from Orissa are today finding opportunities for their talent in other parts of India and abroad.

*Q: Your family is well known in Orissa for doing progressive things. How have these things influenced you in your life?*

A: My parents had a progressive outlook. Through his writings, my father ceaselessly attacked superstition, prejudice and social injustice. My brothers and sisters and I were naturally influenced by this in our personal life.

*Q: You are a connoisseur of art. Relating to this, how do you see the present condition of Orissa ? How do you find present Orissa in terms of its development ?*

A: There is an unexplained paradox in the case of Orissa. With a rich cultural and civilizational heritage, and with an abundance of natural resources, there is no reason why Orissa should be the poorest state in India. This is an issue which calls for serious attention from the leaders and administrators of Orissa.

*Q: In view of the fact that, Orissa has a rich cultural heritage, what do you suggest to promote the Oriya culture like Odissi dance and music, Oriya literature and folk art forms outside the state ?*

A: Orissa's culture in terms of its art and architecture, dance and music, textiles and jewellery - is already well known all over the world. There is perhaps a need to attract more tourism especially cultural tourism and eco-tourism. Orissa should also endeavor to be a major center in India for manufacturing and services.

*Q: Where do you see Orissa going from here ?*

A : There is only one option available: to move forward.

*Q: Many young people of Orissa who are working hard in various fields of life consider you as an icon of achievements . What is your suggestion for them ?*

A: Opportunities come in life if people are prepared to seize them. Education and skills are the key to progress. I would like young people from Orissa to think nationally and globally instead of restricting their horizons to Orissa.

# ତୋର ସେହି

- ଶଶଧର ମହାପାତ୍ର

ତୋ ' ର ସେହି କୁନି କୁନି ପାଦରେ
ମୁଁ ଚଉଦ ବ୍ରହ୍ମାଣ୍ଡ ବୁଲିଛି
ତୋ ' ର ସେହି ଚକ ଚକା ଆଖିରେ
ମୁଁ ସାରା ଜଗତ ଦେଖିଛି ।
ତୋ ' ର ସେହି କିରି କିରି ହସରେ
ମୁଁ ପୂର୍ଣ୍ଣମୀ ଜହ୍ନକୁ ଭେଟିଛି
ତୋ ' ର ସେହି ଲୁହ ଭିଜା କାନ୍ଦରେ
ମୁଁ ସାଗରର ଗଭୀରତା କେତେ ମାପିଛି ।
ତୋ ' ର ସେହି କୁନି କୁନି ହାତର ସ୍ପର୍ଶରେ
ମୁଁ କୋମଳତାର ସ୍ୱାଦ କେତେ ଚାଖିଛି
ତୋ ' ର ସେହି ଚଞ୍ଚଳ ଚାହାଣୀରେ
ମୁଁ କେତେ କଣ ଖୋଜିଛି, ପାଇଛି ।
ତୋ ' ର ସେହି ଟିକି ଟିକି କାନରେ
ମୁଁ ଅନେକ ଶବ୍ଦର ଡେସିବେଲ୍ ମାପିଛି
ତୋ.' ର ସେହି ସୁଦୀର୍ଘ ନାସିକାରେ
ମୁଁ ଫୁଲର ବାସ୍ନା କେତେ ଶୁଘିଂଛି ।
ତୋ 'ର ସେହି ସୁମଧୁର କଣ୍ଠରେ
ବାଗ୍ମୀଙ୍କର ବରଦାନ ମିଳିଛି
ତୋ ' ର ସେହି ଶୁଖିଲା ପେଟରେ
ବୁଭୁକ୍ଷିତଙ୍କର ହା'ଅନ୍ନ ଚିତ୍କାର ଶୁଭିଛି ।
ତୋ ' ର ସେହି ଥରିଲା ଥରିଲା ଅଧରରେ
ମୁକ୍ତାର ଝର କେତେ ଝରିଛି
ତୋ ' ର ସେହି ପୁରିଲା ପୁରିଲା ଗାଲରେ
ଚକା ଭଉଁରୀ ତା ' ର ଖେଳ ଖେଳିଛି ।
ତୁ ରାଗିଲେ , ରୁଷିଲେ ମୋ ଦୁନିଆ ଛାରଖାର
ତୋ ହସରେ , ଖୁସିରେ ମୋ ଦୁନିଆ ଚମତ୍କାର ।
ତୁ ମୋ ଜୀବନ , ମୋ ମନ , ମୋ ପ୍ରାଣ
ମୋ ଜୀଇଁବାର , ଧାଇଁବାର ଉତ୍ସ
ତୁ ମୋ ସ୍ୱପ୍ନ , ମୋ ଜୀବନର ସାର୍ଥକତା
ତୋ ବିନୁ ମୁଁ ହତାଶ ଆଉ ନିଃସ୍ୱ ।

(ଶଶଧର ମହାପାତ୍ର ସପରିବାର ମେରିଲ୍ୟାଣ୍ଡରେ ବାସକରନ୍ତି -ସଂପାଦକ )

## Feelings , within

***Surya Nayak***

*The above poem manifests my humility and love for my little angel who receives me from within my soul and refills my feelings when I am emotionally spent " says the poet. - Editor*

A road-less path,
un-gear motions
War against the destiny
Lost...

Lone and silent
I submerge
into solitude
And eventually
I feel the pulse
Alive.......

Encounter, an Angel
I grasp my breath.

Now I have the courage
to ruminate over the past
The tears of acceptance,
blur my eyes,
but the sight only improves, and
The Angel smiles........
I perceive the support
I sense the warmth
The care,
The comfort
The relief
The reverence.

The strength evolves
Naturally indeed.....

I see the elements
I acknowledge the truth
I surrender to win
The Angel winks.....

*(Surya Nayak has published poems both in English and Oriya. He has several books to his credit also. He and his family are long time residents of Maryland.)*

# ଦ୍ରୌପଦୀ

- ଅନାଦି ନାୟକ

ଅଗ୍ରଜ ଆଜ୍ଞାରେ ଆଜି ଆସିଛି ଦ୍ରୌପଦୀ
ନେବାକୁ ତୁମକୁ ଘରୁ କୁରୁ ସଭା ତଳେ
ପଶାଖେଳେ ସ୍ୱାମୀ ତବ ହାରିଲେ ତୁମକୁ
ଦୁର୍ଯ୍ୟୋଧନ ଇଚ୍ଛା ଆଜି
ଦେଖିବାକୁ ନଗ୍ନ ରୂପ ପାଣ୍ଡବ ବଧୂର

ସ୍ୱାମୀ ମୋର ହରାଇ ଲେ ମିତେ
ମୁଁ ତ କୁଳ ବଧୂ
ମୁଁ ନୁହେଁ ପଶୁ ପକ୍ଷୀ
ମୁଁ ନୁହେଁ ପଦାର୍ଥ
ମଣିଷକୁ ମଣିଷର ହାରିବା ଜିତିବା
ଏତ ନୁହେଁ ସଭ୍ୟତାର କଥା !

ହେ ଦ୍ରୌପଦୀ !
ସ୍ୱାମୀ ତୋର ପାଞ୍ଚ ଭାଇ ପଣ କରି ହାରିଛନ୍ତି ତୋତେ
ଦେଇଛନ୍ତି ନିର୍ବାକ୍ ସମ୍ମତି
ଚାହଁ କି ନ ଚାହଁ ତୋତେ ଯିବାକୁ ହିଁ ହେବ ।
କୁରୁ ସଭା ବସିଛି
କେଶ ଧରି ବାମ ହାତେ ଝିଙ୍କି ନେବି ତୋତେ ।

ଯାଜ୍ଞସେନୀ କେଶଗୁଚ୍ଛ ଭିଡିନେଲା ଦୁଃଶାସନ ହାତେ
ରୂପାୟିତ କରିବାକୁ ନଗ୍ନ ବଧୂ ବିଭଗ୍ନ ମର୍ଯ୍ୟଦା
ସଫଳ କରିବା ପାଇଁ ଅଗ୍ରଜ ଆଦେଶ ।

ଦୁଃଶାସନ ଅବିବେକ ତୁମେ
କୁଣ୍ଠିତ ଏ କାର୍ଯ୍ୟତବ ବିଚାର ଗର୍ହିତ
ଦୁର୍ଯୋଧନ ଆଦେଶରେ ଆସିଅଛ ତୁମେ
ମାତ୍ର
ଯେ ଆଦେଶ ମାନେ ନାହିଁ
ମଣିଷର ପୂର୍ଣ୍ଣାଙ୍ଗ ମର୍ଯ୍ୟଦା
ତାକୁହିଁ ପାଳିବା ପାଇଁ
ଆସିଅଛ ଆଗଭର ହୋଇ
ଲଜ୍ୟା ନାହିଁ ଟିକେ ?

ଦେଖ ହେ ଦେଖ ହେ ଆଜି
ଆସିଛି ଦ୍ରୌପଦୀ
ଉଲ୍ଲଗ୍ନ କରିବାପାଇଁ କୁରୁସଭାତଳେ
ହେବ ଏବେ ଫଳାନ୍ବିତ ହସ୍ତିନାର ନରେନ୍ଦ୍ର ଆଦେଶ ।

ଯୁଧିଷ୍ଠିର ଦେଖୁନ କି ପତ୍ନୀର ଦୁର୍ଦ୍ଦଶା

ଧର୍ମ ରାଜ ! କାହିଁଗଲା ଧର୍ମ ତବ ଏଥି ?
ଭୀମ ! ତୁମର ଗଦାର ଘାତେ
ଭାଙ୍ଗିପଡେ ପାହାଡ ପର୍ବତ
କାହିଁଗଲ ବୀରତ୍ୱ ତୁମ୍ଭର ?
ଅର୍ଜୁନ – ମଧ୍ୟମ ପାଣ୍ଡବ ।
କରିପାର ତୁମେ
ଶତ୍ରୁ ବକ୍ଷେ ସନ୍ନିପାତ ସୃଷ୍ଟି ।
ଆକିତମେ ନିର୍ବାଜ୍ୟ କାହିଁକି
ହେ ନ କୁଳ ! କୁନ୍ତ ତବ ପଡିଲକି ଭାଜି ?
ସହଦେବ !
ବକ୍ତା ତୁମେ ଭବିଷ୍ୟ ବାଣୀର
ଜାଣିକ ନଥିଲ ତୁମେ ଦ୍ରୌପଦୀ ର ଭବିଷ୍ୟ ବେଦନା ?
ପତ୍ନୀ ଆଜି ବିଧ୍ୱସିତା ସ୍ୱାମୀର ସମ୍ମୁଖେ ?

"ଦୁର୍ଯ୍ୟୋଧନ !
ଶାସନର ଗର୍ବଯାତେ ଅଂଧତୁମେ ଆଜି
ଲଳିତ କଳିତ ରୂବା ଭାନୁମତୀ ସ୍ନେହାର୍ଦ୍ର ଇଙ୍ଗିତ
ପ୍ରଭାବିତ କରିନିକି
ପ୍ରାଣେତବ ନାରୀପ୍ରତି ସମ୍ମାନ , ମର୍ଯ୍ୟଦା ?
ପୈଶାଚିକ ଆନନ୍ଦରେ ମାତି
ଦେଶ ଆଜି ଦ୍ରୀପଦୀ ର କରୁଣ କ୍ରନ୍ଦନ !
ଭୀଷ୍ମ ତମେ ପ୍ରତିବାଦ କରୁନ କାହିଁକି
ଗଂଗାର ନାଦନ ପକ୍ଷେ ଅଦ୍‌ଭୁତ ଏ ଆତ୍ମାର ଭୀରୁଣ ।
ଗୁରୁଦେବ ଦ୍ରୋଣ ।
ଜ୍ଞାନର ଉଦ୍‌ବୁଦ୍ଧ ଧାରା ରୁଦ୍ଧ କାହା ପାଇଁ ?
କର୍ଣ୍ଣ ! ଟୁଣ୍ଡେ ଅନ୍ଧ ନିର୍ବାକ୍ କାହିଁକି ?
ବଂଧୁ ଦୁର୍ଯ୍ୟୋଧନ ଆଦି ଉଦ୍‌ଭଟ ଉଦ୍‌ଭ୍ରାନ୍ତ
ଦାନବୀର ମାନସିଂହ ତମେ
କାର୍ଯ୍ୟତାର କରେନିକି ବିବେକ ଦଂଶନ ?
ଉପସ୍ଥିତ ନରେଶ ମଣ୍ଡଳ
ବଂଧୁ ଦ୍ରୋହୀ ହେଲ ତମେ ବିକ୍ଷତ ବିବେକ
ଅଜ୍ଞାନ ବିଜ୍ଞାନ ତମେ ଶୁଣିକି କରୁଣ
ରମଣୀର କରୁଣ କ୍ରନ୍ଦନ
ଲିଂଛିତା ଦ୍ରୀପଦୀ ଡାକେ ସ ହାୟତା ପାଇଁ ।"
ହେ ଦ୍ରୀପଦୀ ରୂପ କର ଆଜି
ବାଧ୍ୟ ତୋତେ ଉଲେଗ୍ନ ହେବାକୁ
କୁରୁସଭା ତଳେ

ଶୁଣୁନ କି ଅର୍ଦ୍ଧ ମୋର ବ୍ରହ୍ମା ଗୁରୁ ଦେବ
ସ୍ମିତ ହାସ୍ୟେ ଦେଖୁଛି କି ରମଣୀର କରୁଣ କ୍ରନ୍ଦନ !
ଶୀତ କଂଠ , ଦିଗମ୍ବର , ଉମାକାନ୍ତ ହେ ଶିବ ଶଂକର
ତରଳ ଗରଳ ପାନେ ଭସ୍ମୀଭୂତ ହେଲେ କି କରୁଣା
ଶୁଣିକି ପାରୁନ ତମେ ଦ୍ରୀପଦୀ ର ମନର ମିନତୀ ।

କାହିଁଗଲେ ଅନ୍ନପୂର୍ଣ୍ଣା , ଲକ୍ଷ୍ମୀ ସରସ୍ୱତୀ
ହାସ୍ୟ ମୟୀ ଲସ୍ୟମୟୀ ଦେବୀ
କାହିଁ ଗଲେ ଦୁର୍ଗେଶ୍ୱରୀ  ଦୁର୍ଗା ଭଗବତୀ ।
ବିଜୟ ଗର୍ବିତ ଭାଗ୍ୟେ ଅନୁକଂପ ଅସୁନିକି ଆଜି
କାନେ କି ପଡୁନି ତବ ଦ୍ରୌପଦୀ  ର କରୁଣ କ୍ରନ୍ଦନ ?

ହେ ଧରିତ୍ରୀ ତମେ ଆଜି ପ୍ରଫୁଲ୍ଲିତ  କିଁ
ସଂ ମିଶ୍ରିତ  ବନଲତା ଅଜପ ମଣ୍ଡଳୀ
ଦେଖୁନି କିଁ ଅନ୍ୟାୟର  ବିଭୀଷିକା ଆଜି ।
ଇନ୍ଦ୍ରପ୍ରଭ  କାନନରୁ ଝରୁନିକି ଦୁଃଖର ଅଂଜଳି
ପଶୁପକ୍ଷୀ ଗଛ ଲତା  ନିଉରେ ନିଶାଚର ଗଣ
ତଟସ୍ଥ ତୁମେ କି ନୁହଁ ଦୁଃଖର ଅଯାତେ
ଅନ୍ୟାୟର ଯାତେ ।

ଦୁସ୍ତର ନିରଧ୍ ଗାଗା ଶୁଖ୍‌ଗଲେ ସରିଗଲେ ଆଜି
ଦୁଃଖର ଦୁର୍ବହ ଜ୍ୱାଳେ ଜଳିଗଲେ ଆଶା ଓ ଅଭିଭାସା
ମଂଜାକିନୀ, ଗୋଦାବରୀ , ଫଲ୍‌ଗୁ କର୍ମ
ବୈତରଣୀ , ଋଷିକୁଲ୍ୟା , କାବେରି ନର୍ମଦା
ଉତ୍ତାଳ ତରଂଗ ସିଂଧୁ ଉଚ୍ଛଳିତ ଅଜସ୍ର ଫଳରେ
ଦେଖ୍‌କି ପାରୁନ ତୁମେ ଅନ୍ୟାୟର ପତଙ୍ଗ ନର୍ତ୍ତନ ।

ହେ ଶକୁନି , ଦୁର୍ଯ୍ୟୋଧନ, ଗାଂଧାରୀର ସମସ୍ତ ସଂତାନ
ଭୀଷ୍ମ ଦ୍ରୋଣ ଶଲ୍ୟ କର୍ଣ୍ଣ  ମହାଶହା ରଥ୍
ଧର୍ଷିତା ଶରୀର ଲୁହ ପ୍ରଭାବିତ କରୁନି ତୁମକୁ
ତୁମେକି ପାରୁନ ଦେଖ୍ ଅନ୍ୟାୟର ତାଣ୍ଡବ ନର୍ତ୍ତନ ।

ଆକାଶ ପଡୁନି ଛିଣ୍ଡି ଫାଟୁନି ପାତାଳ
ଝରୁନି ଅନଳ ଧାରା ଏ ପ୍ରାଣ ଆକୁଳେ
ଦ୍ରୌପଦୀ ର ବୁଥାର କ୍ରନ୍ଦନ
ଶୁଣିକି ପାରୁନ ତୁମେ ଦ୍ୱାରକାର ବିଷ୍ଣୁଭଗବାନ
ଅଶାୟା  ଗୋଟିଏ ଶରୀର
କରୁଣ କ୍ରନ୍ଦନ ତାଳେ
ଥରିଗଲ ଅନନ୍ତର ଫଣା
ଗାଦୀଶ୍ୟୁତ  ଭଗବାନ  ଉଭାହେଲେ କରୁଣା କଟାକ୍ଷେ ।ବିଜୟୀ ହୋଇଲ ଭକ୍ତି ଅନ୍ୟାୟର ହେଲେ ଅବସ୍ଥାନ
ବିବସ୍ତ୍ର ଉଦ୍ୟମେ ରତ ବ୍ୟର୍ଥ ହେଲ ଶତ ଦୁଃଶାସନ ।

( କବିତାଟି ପାଠ କରାଯାଇଥିଲା ଚିକାଗୋର ଓ· ଏସ୍· ଏ ସମ୍ମିଳନୀରେ )

*Hearty Greetings to you all on this joyous occasion of The 33rd Annual OSA Convention 2002 Celebrations !!*

***We are proud to be a part of this memorable event***

# Allied Energy Services International, Inc.

*Specializing in Energy efficient HID Eco friendly Electronic Ballast, Demand Side Management for power industry*

**9326 Lanham Severn Road,**
**Lanham, MD 20706**
**Ph: (301) 306-1995 • Fax: (301) 459-0949**

**1300 Light Street**
**Baltimore, MD 21230**
**Ph: (410) 837-2001**

N-1, 205, IRC Village, Nayapalli, Bhubaneswar-15 Orissa, India,
Ph. No: (0674) 552362, Fax: (0674 ) 413842

Celebrating 12th Anniversary

# WORLD TRAVEL CONNECTIONS







Low Fares From USA To India

| DELHI | BOMBAY | BANGLORE | MADRAS |
|---|---|---|---|
| $ 855 | $ 855 | $ 1095 | $ 1130 |

Some restrictions may apply. Taxes as applicable. Fares are subject to change without notice and are subject to availability.

Also Call For Low Fares To Other Cities

Special Fares From India To USA
Tickets Delivered Free Of Cost

We Specialize In:
Corporate
Meetings & Planning

CRUISES & PACKAGES DOMESTIC & INTERNATIONAL

**Phone: (301) 249 0020 Fax: (301) 249 0662**

info@worldtravelconnect.com
3038 Mitchellville Road
Suite # 204
Bowie, MD 20716.

# ଟୁଇନ୍ ଟାୱାର ତଳେ

- ଶାନ୍ତିଲତା ମିଶ୍ର

ବିବାହ ବେଦୀର ଚାରିକଡେ ।
ମଂଗଳ ଗୀତିର ସ୍ୱରସାଥେ ସ୍ୱରକୁ ମିଶାଇ ,
ଦୁହେଁ ଏକ ସାଥେ ବଞ୍ଚିବା ମରିବା
ଶପଥ ତ ଥିଲେ ନେଇ ।
ସପ୍ତାହେ ବି ହୋଇ ନାହିଁ ॥

ଏତେ ଶୀଘ୍ର ଭୁଲିଗଲେ ସେ ଶପଥ ,
ଆଜି ଚାଲି ଯାଉଅଛ ଏକା
ପଛକୁ ବି ଥରେ ଫେରୁନାହଁ ଚାହିଁ ।
ତେବେ ଏ କିପରି ବ୍ୟବହାର ?
ଅପରାଧ କିଛି କରିଥିବାର ତୁମ ପାଶେ
ମୋର ମନେ ପଡେ ନାହିଁ ।
ଏକା ଏକା ଏପରି ଚାଲିଯିବା ଉଚିତ୍ କି କେବେ ।
କହିଥିଲ ଅଫିସ ରୁ ଫେରିଲା ପରେ
ନେଇଯିବ ନଦୀର କୂଳକୁ
ଜହ୍ନ ତାରାଙ୍କ ଗହଣେ ବସି ।
କହିଯିବା ମନ କଥା ଯାହା କହିପାରିନେ ,
କେବେ ଲାଜ ଓ ସଂକୋଚ ବାଧାରେ ,
ଆଗାମି କାଲି ପାଇଁ କିପରି
ଗଢିବା ଆମେ ସପନ ସଉଧ
କିପରି ଗଢିବା ଏକ ଛୋଟ ସୁନ୍ଦର ନିଳୟ ।
ଅନେକ କିଛି ନ ଥିଲା କହିବାର ।
ଏକ ରାତି ହୋଇ ନଥା'ନ୍ତା ଯଥେଷ୍ଟ
ରାତି ପରେ ରାତି, ଅନେକ ରାତି ଉଜାଗରେ
କରିଥା'ନ୍ତି ଯାଇ ମୋ କଥା ସମାପ୍ତ ।
ତା ପରେ ପାଳି ପଡିଥା' ନ୍ତା କହିବାର ତୁମର
ତୁମେ ବି ନେଇଥା' ନ୍ତ ରାତି ପରେ ରାତି
ଅନ୍ତିମ ରାତି ପର୍ଯ୍ୟନ୍ତ ।
କିନ୍ତୁ ସେ ଅନ୍ତିମ ରାତି ଏତେ ଶିଘ୍ର ଆସିଯିବ
ରାତି ନହେବା ପୂର୍ବରୁ ।
କାହାର ନିର୍ଦ୍ଦେଶେ ରାତି ହେଲା ଅନ୍ତ ।
କିନ୍ତୁ ମୋ ପ୍ରତୀକ୍ଷାର କେବେ ହେବନାହିଁ ଅନ୍ତ ।
ଆଜି ମୁଁ ଏକାକୀ ବିଧ୍ୱଂସ ନଗରୀର
ଧ୍ୱଂସ ସ୍ତୁପ ତଳେ
କୁଢ କୁଢ ଯନ୍ତଣାର ସ୍ତମ୍ଭପରେ ,
ପ୍ରତୀକ୍ଷା କରୁଛି ଫେରି ପାର ତୁମେ ॥

ଘରକୁ ଫେରିଯିବାର ରାସ୍ତା ହରାଇଛି ମୁଁ
'ନ୍ୟୁୟର୍କ' ନୂଆ ପରି ଲାଗେ ମତେ ।
ଏଇ ପଥେ ଚାଲିଛେ ଅନେକ ଥର
ହାତେ ହାତ ଧରି ।
'ଟୁଇନ୍ ଟାୱାର' ର ଉନ୍ନତ ଶୀରକୁ
କେତେ ଥର କରିଛେ ଧୃଷ୍ଟତା

ମଥା ଟେକି ଚାହିଁବାକୁ ।
ପାଦତଳେ ଅସହାୟେ ଭୂଲୁଣ୍ଠିତା
'ଟୁଇନ୍ ଟାୱାର' କୁ ମଥା ଟେକି ଆଜି
ଚାହିଁବାର ଆବଶ୍ୟକତା ନାହିଁ ।
ସେ ବି ଆଜି ତୁମପରି ନିରଜ ନିଶ୍ଚଳ
ବାକ୍ ରୁଦ୍ଧ ହଜାର ବକ୍ଷୁ ଝରାଇ ରୁଧିର ।
ଚିର ନିଦ୍ରାରେ ତୁମ ପରି ସେ ବି ଯାଇଛି ଶୋଇ
ଯେତେ ଉଠାଇଲେ ସେ ଉଠିବ ନାହିଁ ।
ଏତିକି ତଫାତ୍ ସେ ଯାଇନାହିଁ ଏକା ଏକା ତୁମ ପରି ।
ସାଥେ ତାର ନେଇ ଯାଇଛି
ଅନେକ ବନ୍ଧୁ, ସ୍ୱଜନ , ସହଚର ଗଣଙ୍କୁ ।
କିନ୍ତୁ ତୁମେ ଗଲ ଚାଲି , ଛାଡିଦେଇ ମତେ ଏକା ଏକା
ନ ଦେଇ ବିଦାୟ ବାର୍ତ୍ତା , ନ ଦେଇ ଶେଷ ଦେଖା ,
ଆଜି ଶୂନ୍ୟତା ରେ ଭରା ସବୁ କିଛି
ଶ୍ରୀହୀନ ଲାଗେ ଲକ୍ଷ୍ମୀବର ପ୍ରଜା , ଏ ମହା ନଗରୀ ॥

ଯିଏ ନେଇଗଲେ ତୁମକୁ ,
ଅଦିନରେ ଅକାଳରେ ମୋ ଠାରୁ ଛଡେଇ ,
ସେଇ ତୁମର ହେବେ ଆଜିଠାରୁ ରକ୍ଷା କର୍ତ୍ତା
ନିଶ୍ଚିନ୍ତ ମୁଁ ହେଲି ତାଙ୍କ ପଦେ ତୁମକୁ ସମର୍ପି ।
ଏହାଠାରୁ ବଳି ଅସହାୟ ବାର୍ତ୍ତ ,
ଆଉ କିଛି ନାହିଁ ତୁମର ପ୍ରଭୁ ଏ ସଂସାରେ ।
ମତେ ନେଇଯିବା ପାଇଁ ଶିଘ୍ର ତୁମର ପାଖକୁ
ଆବେଦନ କରୁଥିବି ସେ ପଦାରବିନ୍ଦକୁ ॥

## The Misery of Human Kind

***Biplab Panda***

Every day under the blazing fire of the Sun,
the scorching heat, and the unrelenting glare,
an almighty battle occurs.

The clang of armor filling the sky,
oh why do these people have no mercy on their brothers?
Why do these great warriors saturate
the ground with a horrible stench?

Why is it that the perfect meadow,
with beautiful flowers of purple, red, and orange,
turns into a war zone?

Where even the water is foul,
causing diseases?

Why is it that on this Earth,
where every man and woman is born,
there may never be peace?

Why is it that one man has the
most delicious pudding served to him,
where the clink of money is never uncommon,
another man lives on a dingy road, begging for money?

Why, oh why?

*Biplab, a 6th grade in Lovett School, Atlanta, GA lives with his parents Smita, Dilip and brand new brother Vedic. He was placed 3rd in the nationwide spelling Bee contest, 2001, organized by North South Foundation. He was placed 3rd in GA State in National Geographic Bee Contest, 2002. In his spare time he likes to play Piano and read Books.*

# ଆଶା

- ବିଜୟଲକ୍ଷ୍ମୀ ଦାଶ

ପୂର୍ଣ୍ଣମୀର ଚନ୍ଦ୍ରମା ମୁଁ, ଅମାବାସ୍ୟାର ଅନ୍ଧାର...
ଫୁଲର ମହକ ମୁଁ, ନିଜ   ଗନ୍ଧେ ବିଭୋର ॥

ବନର ଚନ୍ଦନ ମୁଁ, ଅରଣ୍ୟ ର  ବିଶାଳ ବୃକ୍ଷ...
ନଦୀର ସ୍ଥିର ଧାରା ଟିଏ ମୁଁ, ସାଗର ମୋ ଲକ୍ଷ୍ୟ ॥

କ୍ଷୁଧାର୍ତ୍ତର କ୍ଷୁଧା ମୁଁ , ମରୁଭୂମିର ମରୀଚିକା
ତୃଷାର୍ତ୍ତର ତୃଷ୍ଣା ମୁଁ , ରୁଦ୍ରର ପ୍ରଖର ରୁଦ୍ରତା ॥

ସନ୍ୟାସୀର ସାଧନା ମୁଁ, ତପସ୍ୱୀର ତପସ୍ୟା...
ଦେବାଳୟର ଦେବୀ ଟିଏ ମୁଁ, ସଭିଙ୍କ ନମସ୍ୟା ॥

ଲୋଡୁନି ମୁଁ ସୁଗନ୍ଧ, ନ ଥାଉ ପଛେ ଲକ୍ଷ୍ୟ...
ମାନବୀଟିଏ ମୁଁ, ଖୋଜୁନି ଆରାଧନା, ମୋକ୍ଷ ॥

ପାଖେ ଥାଇ ପାଶେ ପାଇବାର ଅଭିଳାଷ ମୋର...
ଏକମାତ୍ର "ଆଶା" ଟିକୁ କରିଦିଅ  ସାକାର ॥

(ଶ୍ରୀମତୀ ବିଜୟାଲକ୍ଷ୍ମୀ ଦାଶ ଓ ତାଙ୍କ ସ୍ୱାମୀ ପ୍ରତାପ ଚନ୍ଦ୍ର ଦାଶ ମେରିଲ୍ୟାଣ୍ଡ ରେ ବାସ କରନ୍ତି  - ସଂପାଦକ )

## Dawn to Dusk

***Pratik Dash***

*A teen-ager sees the parallel between the human life and eternal cosmic movement of the sun. A brilliant poetic outpouring. - Editor*

As the sun rises,

A baby is born

When the first ray of light

Pierces the early morn.

When mountains stand tall,

Holding the sun on top

The young, little babe

Begins to walk.

Soon the sun reveals itself,

Whether it be warm or cool,

And there is a young boy

Disobeying every rule.

And the sun stands in front of the clouds,

Preparing for its dive,

And the teen watches the sun

As he learns how to drive.

The sun is in the middle of the sky

As the boy becomes a man

And soon he has a family,

As the sun shines across the land.

Soon the sun begins to leave

Its beautiful, majestic throne

And the man watches his son leave

And he too feels alone.

The sun begins to descend,

Slowly landing on mountain peaks,

And the man grows very old

His muscles fragile and weak.

Soon the sun goes lower and lower

Saying farewell to all it met

And the man lies down in fatigue and pain

And takes his one last breath.

*(Pratik Dash 13 is the son of Prabir and Prajesh Dash of Franklin, TN. He has published several poems in different anthologies and in the Library of Congress.)*

# The Hearts of People

***Shashwati Das***

*A seven year old girl Sashwati desires human hearts to be used for good things. But could we ...? -Editor*

People have great hearts
The hearts care for people that they love
Hearts are not for making people sad
But to make people proud of themselves and look above

Hearts are for people that you care for
Hearts are not to kill or fight
Hearts don't want you to make others cry
But they want you to make their smiles bright

I know sometimes we all get mad
But you should never break anyone's heart
Hearts are to love, to share and to care
Hearts are to forgive friends and again make a good start

*(Shashwati Das is a fun loving seven year old girl who stays in Columbia, Maryland with her two sisters Bagmi and Mrunali, and parents Naresh and Bigyani Das. Shashwati is a student of Odissi dance school Nrityalaya and Gymnasitc Plus of Columbia, MD. )*

# ଦ୍ୱନ୍ଦ୍ୱ

- ଝୀନୁ ଛୋଟରାୟ

ପାଶ୍ଚାତ୍ୟ ମଞ୍ଚରେ ...
ଜନନୀର ଭୂମିକା ଜଟିଳ
ଦିବାନିଶି ମନରେ ମୋ ପ୍ରଶ୍ନ
ଏ ଅଭିନୟ ହେବଟି ସଫଳ ?

ଯୁଗଯୁଗୁ ପ୍ରାଚ୍ୟ ଓ ପାଶ୍ଚାତ୍ୟ
ଦର୍ଶନରେ ସଦା ମତାନ୍ତର
ଏକ କହେ ଶାସନ ଶୃଙ୍ଖଳା
ଆନ ଖୋଜେ ଆଧିକ୍ୟ ସ୍ୱାତନ୍ତ୍ୟ ।

ଏକ ଧ୍ୱନୀ ସଂଯମଶୀଳତା
ସହିଷ୍ଣୁତା, ଧୀର ଓ ନମ୍ରତା
ପ୍ରଗତିର ପ୍ରତିବନ୍ଧକ ଏ
ଆନଟିର ଅଟ୍ଟହାସ୍ୟ ସଦା ।

"It's Friday night mom,
We need to get out
Week days we work so hard ,
you know, it's time to hang out .

We have planned for a party
I will be back by eleven
Don't worry we will be in a group
Brian, Mellissa, Sean, Brie and Lauren."

ଝିଅର ଯୋଜନା ଶୁଣି
ଗମ୍ଭୀରେ ମୁଁ ଦିଅଇ ମନ୍ତବ୍ୟ
"Eleven is too late , ମା
Why not ten o' clock ?"

"No mom , why not, it's not fair
Curfew for everyone but me
is always twelve 0'clock ."

ନିକଟରେ ପାଖୁ ଚାଲିଯିବ
ସଂଗ୍ରାମିକ ବାହ୍ୟ ଦୁନିଆରେ
ଠିକ୍ ଭୁଲ୍ ଜାଣିଲାଣି ସିଏ
ସୁଯୋଗ କେ ନେବେନି ତାହାରେ ।

ଦୃଢୀଭୁତ କରାଇ ନିଜକୁ
ମଙ୍ଗଳାଙ୍କୁ ଡାକେ ଆଖିବୁଜି

ଦେଇଅଛି ନୀତିଶିକ୍ଷା, ଈଶ୍ୱର ବିଶ୍ୱାସ
ହସି ମୁହିଁ ଦିଅଇ ସମ୍ମତି ।

ବିଦ୍ୟାଳୟୁ ଫେରି ମୋ କନିଷ୍ଠ
ଖେଳିବାକୁ ଅନୁମତି ମାଗେ
ଦୁଆରେ ମୁଁ ଦେଖେ ଉପସ୍ଥିତ
ଝିଅ ପୁଅ ସାଙ୍ଗ ସାଥୀ କେତେ ।

ଚାହିଁ ତାର ସରଳିଆ ମୁହଁ
ଉତ୍ତାପେ ମୁଁ କହଇ ଆକଟି
"There are so many girls,
Why do you need boys to play with ?"

"They are just friends, mom
What's the big deal about it
We play in school anyway ,
they are very good kids."

କୋମଳ ମନ ଓ ବୟସ ତା'
ଆଶଙ୍କାରେ ଭରା ମାଆ ମନ
ମଥାକୁ ଆଉଁସି ତା' କହେ
"ଭୁଲ୍ ଠିକ୍ ଜାଣିବୁ ମା' ଯେବେ
I will give permission."
" You are mean--- "
ଫୁଲି କହେ ଝିଅ ଅଭିମାନେ
ଶତାଧିକ ବାର ନିଶ୍ଚିତରେ
ଶୁଣୁଥିବେ ପ୍ରାଚ୍ୟ ମାଆ ମାନେ ।

' How ? ', ' Why ? ' ପ୍ରଶ୍ନର ବାଣରେ
ମର୍ମାହତ ସଦା ପିତାମାତା
ଆମ ପାଇଁ ପ୍ରତ୍ୟୁତ୍ତର ସିଏ
ସେମାନଙ୍କୁ ଉତ୍ତର(ନ୍ୟାୟସଙ୍ଗତ) ର ଲୋଡା ।

ଭାସିଯାଏ ଅତୀତର ସ୍ମୃତି
ପ୍ରଦର୍ଶନେ ମାତାର ଭୂମିକା
ପ୍ରାଚ୍ୟ ମଞ୍ଚେ କୁମାରୀର ଖେଳ
ନୈତିକ ଓ ମାନସିକ ଶିକ୍ଷା ।

ଆଗ୍ରହ ଓ ଉତ୍ସାହ ସହିତ
ଆଲୋଚନା ଶୁଣେ ଅଭିଜ୍ଞଙ୍କ
ବ୍ୟକ୍ତିତ୍ୱର ପରିପୁଷ୍ଟି ପାଇଁ
ସ୍ୱାଧୀନତା ହୁଏ ଆବଶ୍ୟକ ।
ଜୀବନର ନିର୍ଦ୍ଦିଷ୍ଟ ବୟସେ

ଶୁଣେ ପୁଣି ଅନ୍ୟର ମନ୍ତବ୍ୟ
ନିରାପଦ ଭବିଷ୍ୟତ ପାଇଁ
କଟକଣା ଅବଶ୍ୟ ନିଷ୍ଚିତ ।

ଶୃଙ୍ଖଳିତ ଜୀବନର ପାଇଁ
ଅର୍ଥପୂର୍ଣ୍ଣ ଯଦିବା ଶାସନ
ଆଣେ କିନ୍ତୁ ମନେ ମୋର ବ୍ୟଥା
ମୋ ଝିଅଙ୍କ ଦୁଃଖ ଭରା ମନ ।

କେତେ ଦୂର କାର୍ଯ୍ୟକାରୀ ଅବା
ନୀତି ଶିକ୍ଷା ସେ ଚିରାଚରିତ
"Aggressiveness" ଅବଶ୍ୟ ଜରୁରୀ
ପୁରୁଷଙ୍କ ହେଲେ ସମକକ୍ଷ ।

ପ୍ରତିକ୍ଷଣ ମଞ୍ଚରେ ସଂଗ୍ରାମ
ଭୂମିକା ଏ ଅତୀବ ଜଟିଳ
ସୁମାର୍ଗ ତ କରୁଛି ସ୍ମରଣ ?
ଅହର୍ନିଶି ମନରେ ମୋ ଦ୍ୱନ୍ଦ୍ୱ ।

କଷ୍ଟକର ହେଉ ଏ ଭୂମିକା
ପରିଶ୍ରମ କରିବି ଆପ୍ରାଣ
ସର୍ବୋତ୍କୃଷ୍ଟ ପୁରଷ୍କାର ମୋର
(ପୂର୍ଣ୍ଣ) ସଫଳତା ଶେଷ ପରିଣାମ ।

(ଝୀନୁ ଛୋଟରାୟ ଓ ତାଙ୍କ ପରିବାର ବାସ କରନ୍ତି ସେଣ୍ଟରଭିଲ୍ , ଭର୍ଜିନିଆରେ । ସେ ଉତ୍ତର ଆମେରିକାରେ ବାସକରୁଥିବା ଓଡ଼ିଆ ମହଲରେ ଜଣେ ଜଣା ଶୁଣା ଲେଖିକା - ସଂପାଦକ )

# Mrunali's Limericks

***Mrunali Das***

*Let us have a taste of limericks from Mrunali. From mom to concert, her limericks are full of meaning and music. -Editor*

**Lenter McKenter**

There once was a nice kid named Lenter
Who lived in the town of Tormenter
He was treated bad
And therefore was sad
So he left town to be a mentor

***Mrunali's Holi***

There once was a nice kid named Mrunali
Who lived in the town of Chandabali
She woke up one bright day
And couldn't wait to play
For today was the first day of Holi

Mother's Day

There once was a mom named Lily
Who had a daughter named Millie
She woke up one day
On the twelfth of May
In a bed of water lilies

The Concert

There once was a nice kid named Ted
Who played the drums with his drumhead
On one sunny day
He went up to play
On stage he played the bells instead

*(Mrunali Das lives in Columbia, Maryland with her parents Naresh and Bigyani Das. Mrunail, a Gifted, Talented 4th grade student at Guilford Elementary School, Columbia learns Odissi dance and also plays Soccer.)*

# The Last Kiss (Good-bye)

***Amrut Pati***

*A good bye to somebody, near and dear one who is slipping into eternity. How painful is bidding final farewell...!* *-Editor*

As their lips tenaciously embrace,
his mouth trembles,
like an earthquake.
He tries to conceal his true feelings
of fear.

Her eyes release silent tears.
They form a thin stream,
which flows
down her rosy cheeks.
The sun's soft,
red glow
casts upon them.
A gentle breeze
catches their hair.

They gaze deep into one another.
Until his eyes close
Forever...

*(Amrut, a student Glastonbury High School.)*

# These Are a Few of My Favorite Things

***Ananyaa Mishra***

*Let us share with Ananyaa's feelings towards few of her favorite things. - Editor*

I hold in my hand a hamster,
the sound of it's heartbeat makes me feel peaceful.

I hold in my hand a butterfly,
thinking how it's bright, fragile wings support it.

I hold in my hand a goldfish in a bowl,
admiring it's motion and grace.

I hold in my hand a rose,
smelling the beautiful fragrance.

I hold in my hand a snowflake,
amazed at it's unique symmetry.

I hold in my hand a picture of my family,
old memories gradually come to visit me.

If I held in my hand a hummingbird,
I wonder --- what would it be like to fly free?

*(Ananya, daughter of Snigdha and Srikanta Mishra, attends the 4th Grade Talented and Gifted (TAG) program at Pond Springs Elementary in Austin, TX. She loves to read and write, and is also taking Hindustani Classical Music, Piano and Bharatanatyam lessons. )*

# The Journey

***Snigdha Mishra***

I float, weightless in a warm ocean
Touching my toes in the velvet dark.
Her voice murmurs, caressing me
As I drift in my safe cocoon.

Waves ripple through my ocean
Tremors rock my cradle walls.
Her heart beats faster
As I wait uneasy in my cocoon.

Waves crash around me
Tossing me about helplessly
Walls squeeze me in, pulsing
As I lie trapped in my cocoon.

I'm crushed, pushed along
Breathless, I hear Her heart thundering
She screams endlessly
As my cocoon whirls in the storm.

Merciless light burns my eyes.
Freezing cold numbs me.
This loud, new world deafens me.
As I panic – Where is my cocoon?

Her voice caresses me
Her heart beats gentle and slow
Her softness, Her scent envelope me
As I rock again in my warm cocoon.

*(Snigdha Mishra resides in Austin, TX, with her husband and two children. Currently on an extended leave of absence from a financial analyst career, she teaches Hindustani classical music and writes poetry in her spare time.)*

## Kiawah Island

***Alex Kishor Wotring***

Ocean Waves, roaring as you walk on the beach.
What a perfect little island within a short drives reach.

As I feel the sand,
It is cool to my hand.
So off I go with my jacket and hood.
I've decided instead to go to the woods.

In the woods I hear,
Then I see a deer.

This island is indeed splendid.
This island is not to be feared.

I like to ride my bike to the small straw market.
Some days, instead I will decide to hike it.

This island is small, but it has an emerald blue pool.
There is a walk that connects it to the beach and the ocean azul.
Certainly this island has not a fool.

As I go the park, I look at the tree with its bark.
I see woodpeckers pecking at it.
As I felt the bark, it felt rough in my hands tough.

I love this island, but I will leave for another place.
I prepare to go from wonderful Kiawah Island as I pack up my case.

Alex is nine years old and one of the twin grand sons of Ghanashyam and Manorama Mishra, who live in Kiawah Island, SC. Alex and his brother Noah Kumar love to visit their grand parents from their home in North Carolina.

## Have you ever

***Smita Mahapatra***

*Smita is troubled by vices of the world. Iis there really a way out? -Editor*

Have you ever seen the crimson of hatred
As you watch your heart's true desire snatched
mercilessly in a single instant.
Have you ever seen the plum of royalty
As you find yourself showered with a daily display of
praise and flattery, but perhaps not rightly so.
Have you ever seen the forest of envy
As a stranger of a person attains the one dream seen
only by you since the days of your youth.
Have you ever seen the sapphire of sorrow
As the cascade of tears stream down your face,
witnessed by only one silent observer.
Have you ever seen the midnight of depression
As darkness surrounds you one fateful day the barrier
of protection momentarily collapses.
Then, the sun rises once again, adding a hint of light
to the never-ending shades of life.
Forever, in a continuous cycle, leading with a glimpse
of happiness only fully understood after the wall
seems to have caved in

*(Smita, a student of 11th grade is the daughter of Lakshmi C. and Meenakshi Mahapatra of Vincennes, Indiana.)*

## San Francisco

***Noah Kumar Wotring***

I have pity on people who don't like this city.
There are people walking and dogs barking.
There are rusty buildings with many things.

There are shops to fit in a mall.
Everyone is having a ball.
People are talking as they do their shopping.

There are many beggars asking for alms.
Some are reciting a poem.
I have pity on people who don't like San Francisco.

*(Noah is Alex's nine-year-old brother, who lives in North Carolina. Last summer, the twin grand sons of Ghanashyam and Manorama Mishra, visited their aunt Dr. Anita Mishra-Henderson, in San Francisco.)*

## A Collage Called India: From India Gate

***Pratyash Acharya***

To the gateway of India,
Across many cities and villages
Breathes my motherland India.
From pepsodent smiles To beggar's whimpers
From Kashmir – vale of gloom and terror,
To Bollywood and the tale of glamor
India presents many, many faces.
In Konark, Orissa's ancient majesty
In Odissi, the rhythm of grace
In many silent
And suffering faces
Inhales a diverse India.
From eating *Velpuri* in Mumbai's beaches
To sipping coconut juice in Puri's seaside
Drinking *Lassi* in Delhi Haat
Buying *lehngas* from *poonam*
To switching TV channels – Zee to Sony;
From earning teachers' undue wrath
To competing for half a mark
Illiterates to IT jobseekers
Hand fans to air conditioners.
Grabbing a bottle of *Bisleri*
To samosa and chai in railway platforms
From mehndi-painted hands
To shorts and jeans
From Laggan to Harry Potter.

( *Pratyasha Acharya is the daughter of Madhusmita and Ashok Acharya and is in 6th grade. She and her parents live in New Delhi now . They used to be in Toronto, Canada.*)

# Rain

***Niharika (Nilu) Rath***

The world weeping,
as it washes away,
the many memories,
of the past few days.

Washing away hate,
pain and crime,
bringing new flowers,
a new era, a new time.

Rain brings peace,
from the steady drip-drop,
and everyday life,
comes to a stop.

Rain can bring,
bad moods and gloom,
but mostly it brings,
new flowers to bloom.

*(Niharika, daughter of Suchitra and Nigam Rath lives in Missouri.)*

# While I am Sleeping

***Jeeta Mahapatra***

*A beautiful dream to come true! But will it ever happen? -Editor*

While I'm sleeping, I'm most content
The outside pressures seem to vanish away
I imagine people, their faults displayed at a minimum
Dark skies, brightened to the point of blindness
But better, nonetheless
Expectations thrown upon me
Become colorless vapor in my world of dreams
The visions before me
Will they ever become a reality
Are they a foreshadowing of times to come
Or simply one hopeful fantasy

*(Jeeta, a student of 10th grade is the daughter of Lakshmi C. and Meenakshi Mahapatra of Vincennes, Indiana.)*

# Beautiful Orissa

***Lina Nayak***

In the cold, snow laden streets of this strange land,
I reminisce about my own home;
I think back about the tropical sun shining down upon
The crowded open markets of Orissa.

As I push the squeaky shopping cart up and down the rigid aisles,
Tossing in the frozen vegetables and canned fruits,
I think back about the freshly picked, ripe
Golden mangos and the home grown, juicy tomatoes
That I used to carry in a straw basket.

As I flag down a taxi by the sidewalk
And wait in the noisy traffic,
I think back about the long,
Relaxing strolls back home from the market.

As I enter my apartment,
And I turn on the television,
I think back about my childhood days,
Spent laughing and playing with the neighborhood children.

I think back about the sweet guavas eaten
And the bright clothes adorned as a child of Orissa.
Now, in the cold, snow laden streets of this strange land,
I must wear a coat.

**Lina Nayak is living in Chicago, IL**

## My Dream Garden

Prerana Pradhan

Across the field and around the bushes,
into my garden I go.
Along long fields of pink and yellow roses and
behind rows of daffodils, I run
towards the sun.
Past mango groves and apple trees,
by the home of the honey bees,
and onto my favorite rock, I jump.
Over streams and into my dreams,
I leave my qualms and nightmares behind
to the hostile and unfriendly.
I will give my hopes and happiness to the unfortunate
during the days I am with my garden
of my dreams.
While the white swans swim with the crimson lotuses,
I wander out of my dreams,
and I vow to myself that I shall adore this
dream garden I got.

*(Prerana, a 7th grader is the daughter of Chandana & Padmanava Pradhan. She lives in Chapel Hill, NC)*

# କୃତଜ୍ଞତା

- ସୁମୀତ୍ରା ପାଢୀ

ଲୁଚିଲାଣି କାହିଁ ପାଲି ମୈଥେଳୀ କେତେ କେତେ ପ୍ରାଚୀନ ଭାଷା ଗଲାଣି ଲୁଚି
ଲଢି ବାରମ୍ବାର ପଡୋଶୀ ଓ ବିଦେଶୀ ସାଥେ ଓଡ଼ିଆ ଭାଷା ଏବେ ବି ବଞ୍ଚିଛି
କଳାପାହାଡର ନିଷ୍ଠୁର ନିର୍ମମ ନିର୍ଘାତେ ଲିଭିନି ଏ ଓଡିଆ ନାମ ଥରେ
ଓଡିଆ ଗରବ ରଖିବା ପାଇଁ ଗରଜିଛି ପାଇକ ଖୋରଧାର ରଣ ପ୍ରାନ୍ତରେ
ଓଡିଆ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ପଡୋଶୀ ଭାଇ ଯେବେ କରନ୍ତି ଅଳି
ଜାଗିଛି ଫକୀର ଜାଗିଛି ମେହର ଜାଗିଛନ୍ତି କେତେ ସୁଧୀଜନ ଲେଖନି ଟେକି
ବକୁଳବନେ ବିରାଜି ଛନ୍ତି ପଞ୍ଚସଖା ବନବିଦ୍ୟାଳୟେ ଶତ ମସାଲ ଜାଳି
ଦକ୍ଷିଣ ଗଗନେ ଉଇଁ ଶଶିଭୂଷଣ ବଞ୍ଚାଇଛି ଓଡିଆ ଆଶାର ପସରା ଖୋଲି
ସିଂହଭୂମ ବୁକେ ଗଢିଛି ଅନନ୍ତ ଛାପଖାନା, ଗୋଦାବରୀଶ ଟେକିଛି ବିଦ୍ୟାଳୟ
ମଧୁବାବୁଙ୍କର ଉତ୍କଳ ସମ୍ମିଳନୀ ତରଳାଇଛି କେତେ କଠୋର ପାଷାଣ ହୃଦୟ
ଆଧୁନିକ ଯୁଗେ ଛୁପିଲାଣି ଛାପାଖାନା ସାହିତ୍ୟ ସଭା ନଯାଆନ୍ତି କେହି

ପ୍ରବାସୀ ବିଜ୍ଞାନୀ ଓଡିଆ କରୁଛନ୍ତି ସାହିତ୍ୟ ଚର୍ଚ୍ଚା କମ୍ପ୍ୟୁଟର ଦେଇ
କମ୍ପ୍ୟୁଟର ମାଧ୍ୟମେ ରଚନ୍ତି ଅଭିଧାନ ଲେଖନ୍ତି କବିତା ଗଢନ୍ତି ସମ୍ପ୍ରୀତ
ବନ୍ଧୁମହଲରେ ଦେଇ ବହୁ ପ୍ରେରଣା ରଖନ୍ତି ମାତୃଭାଷାର ମହତ
ବଞ୍ଚିବ ଓଡିଆ ଭାଷା ବଞ୍ଚିଥିବ ସିଏ ଥିବାଯାଏ ଚକଡୋଳାର ଆଶିଷ
ବାବୁହେ ଧୀରଚିତ୍ତେ ମାତୃଭାଷା ପାଇଁ କରଗୋ ସାଧନ ନହୋଇ ହତାଶ
ମାତୃଭାଷା ରହିବ ନାହିଁ କଲେ ଶିଶୁ ସମ କ୍ରନ୍ଦନ କିବା କଲେ ବାତୁଳ ଭର୍ତ୍ସନା
ଓଡିଆ ଭାଷାକୁ ରଖିପାରିବା ଆମେ ଦେଇ ଗୁରୁଜନେ ସମ୍ମାନ କରି ସାହିତ୍ୟର ସାଧନା

(ସୁମିତ୍ରା ପାଢୀ ସପରିବାର କାନାଡାର ବର୍ଲିଙ୍ଗଟନ୍‌ରେ ବାସ କରନ୍ତି ।ଓଡିଆରେ କବିତା ଲେଖିବା ତାଙ୍କର ଅଭ୍ୟାସ - ସଂପାଦକ )

## Oh Lord!

***Bhagabat Chandra Sahu***

Oh Lord! Oh Lord! Lord of the Universe
Oh Lord! Oh Lord! The God of Gods.

Oh Lord! Oh Lord! Lord of the downtrodden
Oh Lord! Oh Lord! You are so humane.

Oh Lord! Oh Lord! Lord of the sun and moon
Oh Lord! Oh Lord! The God of air and rain.

Oh Lord! Oh Lord! Lord of the unthinkable
Oh Lord! Oh Lord! You are so powerful.

Oh Lord! Oh Lord! Lord of the sentient
Oh Lord! Oh Lord! Lord of the insentient.

Oh Lord! Oh Lord! Lord of my heart
Oh Lord! Oh Lord! You know what's in my heart.

Oh Lord! Oh Lord! You are the whole
Oh Lord! Oh Lord! You are my soul.

Oh Lord! Oh Lord! The Seer and Preserver
Oh Lord! Oh Lord! To you, I surrender.

*(Bhagabat Sahu is a well known devotee in North America. He has built a Jagannath temple in Athens, AL)*

# ତିଥି ଅତିଥି

- ବୀଣାପାଣି ମହାନ୍ତି

ଅନେକ ବର୍ଷ ବିଦେଶରେ ରହିବା ପରେ ଫେରି ଆସିଥିବା ମୋର ବାଲ୍ୟ ବାନ୍ଧବୀ ଲିତାକୁ ଭେଟିବାପାଇଁ ମୁଁ ଏୟାରପୋର୍ଟ ଯିବାକୁ ଇଛା କରି ମଧ୍ୟ ଯାଇପାରିଲିନି । ହଠାତ୍ ଘରେ ଆସି ପହଞ୍ଚିଲେ ଶାଶୁ, ଶ୍ୱଶୁର । ବଡ କ୍ଳାନ୍ତଶ୍ରାନ୍ତ ମନେ ହେଉଥିଲେ ସେମାନେ । ପୂଝାରୀଟା ତିନିଦିନ ହେଲା ଗାଁକୁ ଯାଇଛି । ଅଗତ୍ୟା ଶାଢୀ ବଦଳାଇ ମୋତେ ରୋଷେଇ ଘରେ ପ୍ରବେଶ କରିବାକୁ ହେଲା । ସେଦିନ ବିରକ୍ତ ଲାଗିଥିଲା ସବୁ କିଛି । ଶାଶୁ ଖାଇଲା ବେଳେ କ ହିଥିଲେ – "କିଲୋ ବୋହୂ ! ମୁହଁଟା ଫଣ ଫଣ କାହିଁକି କରିଛୁ ? ଖବର ନ ଦେଇ ଆସିଲୁ , ତତେ ଦି'ଥର ରାନ୍ଧି ବାକୁ ହେଲା ବୋଲି ମନ କଷ୍ଟ କଲୁକି ?"

ଶ୍ୱଶୁର କଥାଟାକୁ ଉଡେଇ ଦେଇ କହିଲେ- "ତମର ଯୋଉ କଥା । ନିଜେ ପୁଅର ଗୁଣ ତ ଜାଣିଛ । ସକାଳ ହେଲେ ହଜାର ବୋଲ ବଡେଇବ । ଏଣେ ନାତି ନାତୁଣୀ ଦି'ଟା କି ପାଠ ପଢୁଛନ୍ତି ଯେ ତାଙ୍କୁ ଖାଇବାକୁ ବେଳ ନାହିଁ , ସେ ମା'କୁ କ'ଣ ବା ସାହାଯ୍ୟ କରିବେ ? ଆଲୋ ମା' ରିନି ! ତୁ ଖାଇଛୁ ତ ?"

ମୁଁ କଥା ନ ବଢେଇ ମୁଣ୍ଡ ଟୁଙ୍ଗାରି ଦେଲି । ଶାଶୁ ବିଡ୍ ବିଡ୍ ହୋଇ କଣ ଗୁଡେ କହୁଥିଲେ ମୋର ଧୈର୍ଯ୍ୟ ନ ଥିଲା ଶୁଣିବାକୁ ! ସବୁଦିନେ ମୁଁ କେବଳ ସମସ୍ତିଙ୍କ ମନ ନେଇ ଚଳୁଥିବି, ମୋ ମନ କଥା କେହି ବୁଝିବେନି ! ସ୍ୱାମୀ, ସନ୍ତାନ, ଶାଶୁ, ଶ୍ୱଶୁର ଆଉ ବନ୍ଧୁ ବାନ୍ଧବ ସମସ୍ତେ ସ୍ୱାର୍ଥପର । କିଏ କାହିଁକି ମୋ ପ୍ରତି ନଜର ଦେବ । ମୋର ମନ ବୋଲି କିଛି ନାହିଁ, ସଉକ ଗୋଟାଏ କି ପଦାର୍ଥ ମୁଁ ତ କେବେ ଜାଣିନି । ମୋ ଚିନ୍ତାରେ ବାଧା ଦେଇ ଶାଶୁ କହିଲେ – "ବଡ ଶୁଖିଲା ଦିଶୁଛୁ ମା' । ଖାଇଲେ କ'ଣ ହେଲା, ଆ ! ମୋ ସାଥିରେ ଦି'ଟା ଖାଇବୁ । ଗାଁକୁ ତ ଯାଉନୁ, ଗଲେ ସିନା ପିଠାପଣା କରି ଖୁଆନ୍ତି । ଦହି, କ୍ଷୀର, ଛେନା ବାଣ୍ଟି ଦେଉଛି । ତେହିଁକି ତୁ ଘିଅ ବି ପତରରେ ପକଉନା ! କଣ୍ଢେ ଦି'ଖଣ୍ଡ ଦେହରେ ଧରି ଛିଡା ହୋଇଛୁ, ମୁଣ୍ଡରେ ତୋର ଏତେ ବାଳ ଥିଲା କୁଆଡେ ଗଲା ? ହଁ.. ମୁଁ ଜାଣିନିକି ତେଲ ନ ଦେଲେ ବାଳ – ଝଡିପଡେ । ଝୁଂପୁରୀ ମୁଣ୍ଡ କରି ବୁଲୁଛୁ !"

ଶ୍ୱଶୁର ଉଠିଯାଇ ମୁହଁ ଧୋଉ ଧୋଉ କହିଲେ – " ବହୁ ଦିନ ହେଲା ବିରିଆନି ଖାଇନି । ଆଜି ରାତିରେ ଟିକେ କରିବୁତ ମା' ! ତା' ସାଙ୍ଗକୁ ଦହି ପାଣି ବଦଳରେ ମୋର ଦରକାର ଛେନାକ୍ଷିରୀ । "

ଶାଶୁ ଚିଡି ଉଠି କ ହିଲେ –" ତମେ ନ ଆସୁଣୁ ହଜାର କାମ ବରାଦ କରୁଛ । ଖାଲିଖାଇବା ଛଡା ତମର କିଛି ଚିନ୍ତା ଅଛି ?"

"ଆହେ, ତୁଛାକୁ ପାଟି କରୁଛ ! ତମେ ମୋ ଠାରୁ ଦି' ଗୁଣ ଖାଇବ । ବାଟ ସାରା ସେଇ କଥା କହି ଆସୁଥିଲ ନା ରିନିପରି କେହି ରାନ୍ଧିବେ ନାହିଁ କି ପେଟ ଭରି ପରଶିବେ ନାହିଁ , ଅମୃତ ଲାଗେ ତା'ର ହାତ ରନ୍ଧା । "

" କହିଲି ଭଲ କଲି । ମୁଁ ତ ଜାଣି ନଥିଲି ସେ ଏମିତି ହୋଇଗଲାଣି । ଅଧା ଝଡି ହନୁ ହାଡ ଦିଶୁଛି । ଏଣେ ସେ ପୋଡା ମୁଁହା ବାନ୍ଦରଟା ମାସକୁ ଦଶଥର ଘରକୁ ଯିବ । ଆସୁ ସେ ଟୋକା ! "

ମୁଁ ଜାଣିଲି ଏମିତି ଯାତୁ ସାତୁ ଗପୁଗପୁ ଶାଶୁ ଶ୍ୱଶୁର କଳି ଲାଗି ଯିବେ । ପୁଅ ଅଫିସ୍‌ରୁ ଫେରିଲେ କଥା ଜଟିଳରୁ ଜଟିଳତର ହେବ । କେତେ ଦିନ ଏମାନେ ରହିବେ ଜାଣିବା ମୁସ୍କିଲ୍ । ମୁଁ ସବୁ ଦିନ ପରି କିଛି ନ କହି ଚାଲିଗଲି ସେମାନଙ୍କ ଶୋଇବା ଘରକୁ ସଜାଡି ଦେବା ପାଇଁ । ଏହା ପରେ ଆଉ ବିଶ୍ରାମ ନେବି କ'ଣ ।

ଲିତାଟା ମନକଷ୍ଟ କରିଥିବ । ସବୁବେଳେ ଆମେରିକାରୁ ଚିଠି ଲେଖୁଥିଲା, ଭଲ ମନ୍ଦରେ ଫୋନ୍ କରୁଥିଲା । କୋଇ ପିଲା ଦିନର ଆମ୍ବକଷିଖିଆ ସାଥି ସଙ୍ଗାତ ସିଏ । କେତେ ହସ ଖୁସିର ଦିନ କଟିଛି । ତା'ର ବାପା ମା' ତାକୁ ପଢେଇ ଖୁବ୍ ଧନୀଘରେ ବାହାଦେଇଥିଲେ । ପିଲାମାନେ ଏବେ ଫରେନ୍‌ରେ, ସେ ପ୍ରତିବର୍ଷ କିଛିଦିନ ସେମାଙ୍କ ସଙ୍ଗରେ କଟେଇ ଥାଏ । ଏଥର ପ୍ରାୟ ଆଠ ମାସ ରହିଗଲା । ଓଡିଶାରେ ରହିଲେ ବି ଦେଖା ହୁଏନି । ତା'ର ଶାଶୁଘର ଯାଇ ବାରିପଦା । ଅଚାଳାଚଳ ସଂପତିର ମାଲିକାଣୀସେ । ଅବଶ୍ୟ ସ୍ୱାମୀ ସେମିତି କିଛି କରନ୍ତି ନାହିଁ । ସଂପତିଓ ତା'ର ହିସାବ ନିକାଶ ପାଇଁ ଅହରହ ବ୍ୟସ୍ତ ମଣିଷ ସିଏ । ଲିତା ବି. ଏ ପାଶ୍ କରିଥିବା ସତ୍ତ୍ୱେ ଜଣେ ଅଣ୍ଡର ମ୍ୟାଟ୍ରିକ୍‌କୁ ବାହାହେବା ପାଇଁ ଆଦୌ ଅରାଜି ହୋଇ ନଥିଲା ।

ପିଲାଦିନେ ଏକାଠି ଗାଁ ହାଇସ୍କୁଲ୍‌ରେ ପଢୁଥିଲୁ । କେତେ ସକାଳ, ମଧ୍ୟାହ୍ନ ଓ ଅପରାହ୍ନ ଏକାଠି ବିତାଇଛୁ । ମୋର ମନେ ହେଉଥିଲା ଆମେ ଦୁହେଁ ପରସ୍ପରକୁ ଛାଡି ଦଣ୍ଡେ ରହିପାରିବୁନି । ବି.ଏ ପାଶ୍ ପରେ ସେ ବାହା ହୋଇ ଚାଲିଗଲା ହଠାତ୍ କରି । ମୁଁ ଏମ୍.ଏ ପଢି ଦି'ବର୍ଷ ରିସର୍ଚ୍ଚ କଲି । ଆମେରିକା ଯିବାପାଇଁ ମତେ ସ୍କଲ୍‌ରସିପ୍ ମିଳିଥିଲା, ମାତ୍ର ବାପା ବୋଉ ସେ କାଗଜକୁ ଛିଣ୍ଡାଇ ମତେ ବିଭା କରାଇଦେଲେ । ମୁଁ ଆସିଲାବେଳେ ବହୁତ କାନ୍ଦିଥିଲି । ଲିତା ମତେ ଉପହାର ଦେବାକୁ ସଂଗରେ ଦୁଇ ଭରିର ସୁନାହାର ଓ ଗୋଟେ ଡାଇମଣ୍ଡ ଟପ୍ ଥିବା ମୁଦି ମଧ୍ୟ ଆଣିଥିଲା । ପର୍ଯ୍ୟାପ୍ତ ଅଳଙ୍କାର ଓ ପାଟ ଶାଢୀରେ ତା'ର ସୌନ୍ଦର୍ଯ୍ୟ ଅପୂର୍ବ ମନେ ହେଉଥିଲା । ମୋ ସ୍ୱାମୀଙ୍କ ସହ ବେଶ୍ ମଧୁର ଆଳାପ କରି ପ୍ରଥମ ଦେଖାରେ ହିଁ ବଶ କରି ନେଇଥିଲା । ସବୁଦିନ ସମସ୍ତିଙ୍କ ସାଥିରେ ଅନ୍ତରଙ୍ଗ ହୋଇଯିବାକୁ ତାକୁ ସମୟ ଲାଗେନା ।

ଏଇ ବର୍ଷକ ତଳେ ସେ ଲେଖିଥିଲା ଯେ ସାନ ପୁଅ ବୋହୁଙ୍କର ଝଗଡା ଲାଗି ରୀତିମତ ଡାଇଭର୍ସ ପର୍ଯ୍ୟନ୍ତ ଗଲେଣି, ତେଣୁ ସେ ତା'ର ସମାଧାନ କରିବାକୁ ଯାଉଛି । ସେଠି ପହଞ୍ଚି ମାସକ ପରେ ଲେଖିଥିଲା ଯେ ସବୁ ଠିକ୍ ହୋଇଗଲା । ଅଯଥାରେ ପୁଅ ବୋହୁକୁ ଭୁଲ୍ ବୁଝିଥିଲା । ତା'ର ଝିଅ ଜ୍ୱାଇଁ ଖୁବ୍ ଖୁସିରେ ଅଛନ୍ତି । ଘର, ଗାଡି ସବୁ କିଣି ସାରିଲେଣି । ସିଟିଜନ୍‌ସିପ୍ ନେଇ ସେଠି ରହିବେ ବୋଲି ଭାବୁଛନ୍ତି ଇତ୍ୟାଦି.. ଇତ୍ୟାଦି । ଶେଷକୁ ଲେଖିଥିଲା ଯେ ଯଦି ମୋ ପୁଅ ଚୁନୁ ଫରେନ୍‌ରେ ପଢିବାକୁ ଚାହେଁ ତେବେ ତା'ପୁଅ ସୁବନ୍ଦୋବସ୍ତ

କରିଦେବ । ଏନିତିକି ପାର୍ଟ ଟାଇମ୍‌ଜବ୍‌ଟିଏ ମଧ୍ୟ ଯୋଗାଡ କରିଦେବ । ଚୁନୁ ଏ ସମ୍ବାଦରେ ବେଶ୍ ଖୁସି ହୋଇ ଯାଇଥିଲା । ତେଣୁ ଲିତା ମାଉସୀ ଫରେନ୍‌ରୁ ଫେରିଲା ବେଳେ ଏଇବାଟେ ତାଙ୍କ ଡ଼ଗରେ ଦିଦିନ ରହି ଯିବାକୁ ମଧ୍ୟ ଲେଖିଥିଲା । ଦୁର୍ଭାଗ୍ୟକୁ ତାକୁଗୋଟାଏ ଇଣ୍ଟରଭିଉ ଦେବାକୁ ବାଙ୍ଗାଲୋର ଯିବାକୁ ହେଲା । ଆଉ ମୁଁ··ଶତଚେଷ୍ଟା କରି ନଧ୍ୟ ଏୟାରପୋର୍ଟ ଯାଇ ପାରିଲିନି । ସବୁବେଳେ ସବୁଆଡେ ଅସୁବିଧା ଓ ସମସ୍ତଙ୍କର ମନ ନେଇ ମତେ ଚଳିବାକୁ ହେବ ବୋଲି ଯେତେ ସନ୍ତର୍ପଣରେ ଚାଲିଲେ ବି କେହି ମତେ ବୁଝିବାକୁ ଚେଷ୍ଟା କରିନାହାନ୍ତି । ଲିତା କଥା ଭାବିଲେ ବେଳେବେଳେ ଈର୍ଷା ହୁଏ, କେତେ ସୁଖରେ ସେ ଅଛି । ଅନ୍ତତଃ  ଜୀବନର ସବୁ ଇଛାକୁ ମୋ ଭଳି ତାକୁ ପାଦରେ ଦଳି ଦେବାକୁ ହେଇନି ! ଯେତିକିଟା ସମୟ ତା' ସହିତ ଗପ କରେ ସେତିକିଟା ସମୟ ସ୍ୱପ୍ନ ପରି କଟିଯାଏ । ପଇଁଚାଳିଶ ବର୍ଷ ଟପିଗଲେ ବି ତା' ଗାଲ କି କପାଳରେ ଗୋଟିଏ ରେଖା ପଡିନାହିଁ ।

ଆଜି ସେ ଭୀଷଣ ଭୁଲ୍ ବୁଝିଥିବ ମୋତେ । ମୁଇଁ ତୋ ଉପରେ ପଡି ଲେଖିଥିଲି  ଏୟାରପୋର୍ଟରୁ ତାକୁ ମୋ ଘରକୁ ନେଇ ଆସିବି ଦି' ଦିନ ପାଇଁ । ସାଂଗ ହୋଇ ପୁରୀ, କୋଣାର୍କ ଯିବୁ । ଦେ ମୋ ପୁଅର ପଢିବା ବ୍ୟବସ୍ଥା କରିଦେବା ଆମେରିକାରେ । ଚିନୁଟାର କେତେ ଇଛା ବାହାରେ ପଢି ବଡ ଚାକିରୀ କରିବ । ମୋ ଜୀବନରେ ଯେତେ ଅଛିଣ୍ଡା ସ୍ୱପ୍ନ ତା' ମୁହଁରେ ଫୁଲ ହୋଇ ଫୁଟିବ ସେଇ କଳ୍ପନାରେ ମୁଁ ଉଲ୍ଲସିତ ହୋଇଥିଲି । କିନ୍ତୁ ଚାରିଘଣ୍ଟାର ବାଟ ଏୟାରପୋର୍ଟ, ଯାଇ ପାରିଲିନି ଠିକ୍ ସମୟରେ । ଲିତା ମତେ ଭୁଲ୍ ବୁଝିଥିବ । ଅପେକ୍ଷା କରି ସେ ଚାଲି ଯାଇଥିବ । କିପରି ଗୋଟାଏ ବିଷର୍ଣ୍ଣ ଭାବ ମତେ ଆକ୍ରାନ୍ତ କରିଦେଲା । କୋଉବା ଦେଶ ଛାଡି ମୁଁ ବାହାରକୁ ଯାଇପାରିବି ? ଆଉ କିଏ ବା ମତେ ନେବ ? ସ୍ୱାମୀଙ୍କର ସେମିତି କୌଣସି ଦିଗ ପ୍ରତି ନଜର ନାହିଁ । ଅଫିସ୍, ଟୁର୍ ଓ ନିଜ ଫାଇଲ୍ ନେଇ ବ୍ୟସ୍ତ । ହସ, କାନ୍ଦ ପୃଥିବୀର କେବେ ସେ ଧାର ଧାରନ୍ତି ନାହିଁ ।  ଅପରାହ୍ଣ ମଉଳୀ ଯାଉଥିଲା କେତେବେଳୁ । ଚାହୁଁ ଚାହୁଁ ଅନ୍ଧାର ଆସିଯିବ । ତା' ଜଳଖିଆ ପ୍ରସ୍ତୁତ ହେବ । ଚିନୁ ସଂଧ୍ୟା ଟ୍ରେନ୍‌ରେ ଆସିପାରେ ।

ମୁଁ ବ୍ୟସ୍ତ ହୋଇ ଉଠି ଆସିଲି ପୁଣିଥରେ ରୋଷେଇ ଘରକୁ । ଦେଖିଲି ଝିଅ ବିନୁ ଛିଡା ହୋଇ ଗ୍ୟାସ୍ ଚୁଲା ସଫା କରୁଛି । ବାସନ ସବୁ ସଫା କରି ସଜାଡି ରଖିଛି । ରୋଷେଇ ଘର ଚକ୍ ଚକ୍ ଝଟକୁଛି । ବିନୁ ମୋତେ ଦେଖି ମୁରୁକି ହସି କହିଲା – "ବୋଉ" ! ତୋ'ର ସାଙ୍ଗ  ଆମ ଲିତା ମାଉସୀ ଆସିବେ ନା ? ବିଦେଶରେ ବର୍ଷର ଅଧିକାଂଶ ଦିନ କଟାନ୍ତି ପରା ସିଏ ? ତା' ଛଡା କେତେ ବଡ ଲୋକ । ତୋ ମନ ଖରାପ ହେବ ବୋଲି ମୁଁ ସାରା ଖରାବେଳ ଲାଗି ରୋଷେଇ ଘର ସଫା କରିଦେଇଛି ! ଆଉ ଉପର ତିନିଟା ଯାକ ରୁମ୍ ମଧ୍ୟ ଝାଡି ସଫା କରିଦେଇଛି । ଡଇଂ ରୁମ୍‌ର ସୋଫା କଭର୍ ଚେଞ୍ଜ୍ କରିଛି । ଦେଖିବୁ ଚାଲ୍···!"

ବିନୁକୁ ଚାହିଁ ମୁଁ ଅଟକି ଗଲି । ଲିତାର ଝିଅ ବୟସ ହେବ ତା'ର । ଅଥଚ ଲତା ଝିଅ ବାହାହୋଇ ଆମେରିକା ଚାଲିଗଲାଣି । ସେଠି କ'ଣ ଗୋଟେ ସର୍ଭିସ୍ ବିମରୁଛି ଓ ପଢୁଛି । ବିନୁ କିନ୍ତୁ ଦି' ବର୍ଷ ହେଲା ରିସର୍ଚ୍ଚ କରୁଛି ଯେ କରୁଛି ···! ଶେଷକୁ ମୋ ପରି ଚୂଲୀ କରେଇ ଧରୀ ଜୀବନ କାଟିବ !

ଏତିକି ବେଳେ ଅରୁଣ ଅର୍ଥାତ୍ ମୋର ସ୍ୱାମୀ ଘରକୁ ପଶି ଆସିଲେ । ଯୋତା ଖୋଲୁ ଖୋଲୁ ଲହିଲେ , "ଆରେ ମା' ବିନୁ ! ତୋ ବୋଉ ମନ ଆଜି ଭାରି ଖରାପ ନା ! ଲିତା ମାଉସୀ ବମ୍ବେରେ ତାଙ୍କ ଦିଅର ଘରେ ଓହ୍ଲେଇଛନ୍ତି । ଓଡିଶା ଆସିବେ ଚାରିଦିନ ପରେ ।"

ପର୍ବତ ପରି ଜମା ହୋଇଥିବା ଓଜନ ମୋ ଛାତିରୁ କୁଆଡେ ଉଭେଇ ଗଲା ନିମିଷକେ ! ଓଃ ! ଜଗନ୍ନାଥ ! ତମେ ମୋର ମାନ ରକ୍ଷ୍ୟା କଲ ···· !

ବିନୁ କହିଲା , " ଯା, ଯା ବାପା ! ଇଉନିଭରସିଟିରୁ ଫେରି ଦେଖିଲି ଜେଜେ ଓ ଜେଜେ ମା' ହାଲିଆ ହୋଇ ଶୋଇଛନ୍ତି । ବୋଉ ବିଛଣାରେ ମୁହଁ ମାଡି ଶୋଇଛି । ଲିତା ମାଉସୀ ସବୁ କଥାରେ ନାକ ଟେକନ୍ତି । ମୁଁ ସେତିକିବେଳୁ ଘରଝଡା କାମରେ ଲାଗିଛି । ···ପୁଣି ଚାରିଦିନ ପରେ ଝାଡିବି?"

"ବାପା ! ପୁଅ ଝିଅ ବଡ ହେଲେଣି । ତାଙ୍କ ଭବିଷ୍ୟତ ଦେଖିବାକୁ ହେବ । ଆଜିକାଲି ଯୁଗରେ ନିଜେ ଚେଷ୍ଟା ନ କଲେ କିଛି ହେବନି ।"

ଶାଶୁ କହିଲେ –"ତୁଛାକୁ ତୁ ବ୍ୟସ୍ତ ହଉଛୁ । ପିଲାତ ଭଲରେ ପାଶ୍ କଲେ ଆଉ ଚିନ୍ତା କ' ଣ ? ଚାକିରୀ ମିଳିଯିବ ଲୋ ···! ଆଉ ବିନୁଟାକୁ ପାତ୍ର ଅଭାବ ହେବନି ! ଆରଥର ଆସିଥିଲି ଯେ ଟୋକୀ ମୁଣ୍ଡରେ ଗୋଛାଏ ବାଳ ଥିଲା । ଜଟ ଛଡେଇବାକୁ ଘଣ୍ଟେ ଲାଗିଲା । ଏଥର ମୁଣ୍ଡନାଣ୍ଡି, ସାହାବାଣୀ ପରି ବାଳ କାଟି ପକେଇ କି ଅବାଗିଆ ଦିଶୁଛି ?" ବିନୁ ପାଟି କଲା – "ଥାଉ , ଥାଉ ତୋ' ପରି ବୁଢୀ ହେଲାଯାଏ ଗୋଛାଏ ବାଳ ରଖି ମୁଁ ବୋହି ପାରିବିନି । ସେ କଥା ଜେଜେକୁ ସୁନ୍ଦର !"

ମୁଁ ଉଠି ଗଲି ଭିତରକୁ । ଅରୁଣ ଖବର କାଗଜ ଉପରୁ ମୁହଁ ଉଠାଇ କହିଲେ – "ତମ ଦେହ କ'ଣ ଖରାପ ଲାଗୁଛି ? କେବେ ତ କିଛି କୁହନା ତମେ ମୁଁ ଜାଣିବି କେମିତି ?"

"ପାଗଳ ନା କ' ଣ ? ବୋଉ ବାପା ସେମିତି କହନ୍ତି । ଲିତାକୁ ଆଣିବାକୁ ଏୟାରପୋର୍ଟ ଯିବି ବୋଲି ଭାବିଥିଲି ···· ଯାଇ ନ ପାରିବାରୁ ମନ ଖରାପ ହେଲା ! ମୁଁ ତ ଜାଣିନି ଯେ ସେ ବମ୍ବେରେ ଓହ୍ଲେଇଯିବ ।"

"ଆରେ ଯାଃ !  ମୁଁ କହିବାକୁ ଭୁଲି ଯାଇଛି । ସେ କାଲି ସଂନ୍ଧ୍ୟାରେ ଫୋନ୍ କରିଥିଲା । ତମେ ନ ଥିଲ ··· ତା' ପରେ ତ ମୁଁକାମରେ ଚାଲିଗଲି ଯେ ଗଲି । ଆଉ ମନେ ନାହିଁ···!"

ମୁଁ କ' ଣ କହିବି କିଛି ବୁଝି ପାରିଲିନି । ଏତେ ଦିନ ଏକାଠି ଘରକରି ମୋର ମର୍ଯ୍ୟଦା ପ୍ରତି ଲୋକଟାର ଟିକିଏ ବିଜ୍ଞାନ ରହୁନି । ଶାଶୁ ଶ୍ୱଶୁର ନ ଆସିଥିଲେ ତ ମୁଁ ଟ୍ୟାକ୍ସିଟାଏ ନେଇ ଯାଇଥାଆନ୍ତି···! ମତେ କାନ୍ଦ ମାଡି ଆସୁଥିଲା । କିନ୍ତୁ ମୁଁ ନିଜକୁ ରୋକି ନେଇ କହିଲି – "ଦେଖ, ଶେଷଥର ପାଇଁ ମୁଁ କହିଛି ତୁମେ ମୋ କଥା ଯେମିତି ଭୁଲି ଯାଉଛ, ମୁଁ ତମ କଥା ଯଦି ସେମିତି ଭୁଲିଯାଏ ତେବେ ମତେ ଦୋଷ

ଦେବନି।"

କାଗଜ ପୃଷ୍ଠା ଭିତରେ ମୁହଁ ରଖି ଅରୁଣ କହିଲେ–" ହେ, ଏ ଗୋଟେ କ' ଣ ନୂଆ କଥା ତମ ପାଇଁ ? ତୁମକୁ କେବେ ତ ଏତେ ବିବ୍ରତ ହେବାର ମୁଁ ଦେଖିନି?"

ମୁଁ ଅପ୍ରସ୍ତୁତ ହୋଇ କହିଲି– "ଲିତା ଠିକ୍ କେବେ ଆସି ପହଞ୍ଚିବ ? ତମେ ତାକୁ ଯାଇଁ ଏୟାରପୋର୍ଟରୁ ଆଣିବ । ବାପା ବୋଉଙ୍କୁ ତା' ର ଗତି ବିଧି ଭଲ ଲାଗି ନପାରେ । ସେ କଥା ଭାବୁଛି।"

ଅରୁଣ ଏଥର ମତେ ସିଧା ସଳଖ ଚାହିଁ କହିଲେ –"ଲିତା ଆମର ଅତିଥି । ବାପା ବୋଉ ଅତିଥିଙ୍କ ସମ୍ବନ୍ଧରେ ମୁଣ୍ଡ ଖେଳାଇବେ ନାହିଁ । ସେମାନେ ଦୁଇ ଆଠଦିନ ରହିବେ , ଏଇଟା ସେମାନଙ୍କର ଘର ବୋଲି ତୁମେ କେତେଥର ମତେ କହିଛ । ଆଜି ପୁଣି ଦ୍ୱନ୍ଦ୍ୱରେ ପଡି ଯାଉଛ ଯେ ! କିଛି ଅସୁବିଧା ହେବନି । ସେ ଯେଉଁଦିନ ଆସିବ ସେଦିନ ତାକୁ ମାର୍କେଟିଂ ପାଇଁ ନେଇଯିବ । ତା' ପରଦିନ ପୁରୀ ଓ କୋଣାର୍କ । ଫେରିଲା ପରେ ରାତିକ ବିଶ୍ରାମ ନେଇ ସେ ବାରିପଦା ସକାଳୁ ଚାଲିଯିବ । ଚିନୁ ଆସିଯିବ । ସେ ତମମାନଙ୍କ ସାଙ୍ଗରେ ଯିବ… ଦେଖ ସୁବିଧା ହେଲେ ବୋଉ ଟିକେ ଚାଲିଯାଉ…।"

"ନା, ନା ବୋଉ ଓ ବାପାଙ୍କୁ ପରେ ନେବା । ସେମାନେ ଲିତା ସହିତ ଗଲେ କିଛି କଥା ଠିକ୍ ହୋଇପାରିବନି । ଚିନିକୁ ମୁଁ ଯେମିତି ହେଉ ଫରେନ୍ ପଠେଇବାକୁ ଚାହେଁ…ଏଠି ରହିଲେ ସେ ଘୁଷୁରୀ ପରି ଘୁଷୁରୁ ଥିବ !"

ଅରୁଣ ଆଉ କିଛି ନ କହି ଚୁପ୍‌ଚାପ୍ ଚାଲିଗଲେ ତଳକୁ । ବାହାରେ କେତେବେଳୁ ଲୋକେ ତାଙ୍କୁ ଅପେକ୍ଷା କରିଥିଲେ ! ଟିକେ ଅସ୍ୱସ୍ତି ଲାଗିଲେ ବି କିଛି ନିଷ୍ପତ୍ତି ନେଇଥିବାରୁ ମୁଁ ଖୁସିହେଲି । ଭଗବାନ ରକ୍ଷା କଲେ, ଲିତା ବମ୍ବେରେ ଓହ୍ଲେଇ ପଡିଛି । ନଚେତ୍ ଭାବିଥାନ୍ତା ଟ୍ୟାକ୍ସିଟାର ଖର୍ଚ ଦେବାକୁ ପଡିବ ବୋଲି ମୁଁ ଏୟାରପୋର୍ଟ ଗଲିନି । କଥା କଥାକେ ସେ ନିଜ ସଂପଦ ଓ ଆଭିଜାତ୍ୟର ବଡିମା ପ୍ରକାଶ କରେ । ବେଳେବେଳେ ଯେ ମତେ ବାଧି ନ ଯାଏ ସେ କଥା ନୁହେଁ । ତଥାପି ତାକୁ ଆଶ୍ରା ନ କଲେ ମୋ ପୁଅ ଝିଅ ଯେ ଫରେନ୍ ଯାଇପାରିବେନି…!

ଚାରିଟାଦିନ ଅତି ଉଚ୍ଚାଟରେ କଟିଲା । ଚିନୁ ବାଙ୍ଗାଲୋର୍‌ରୁ ଫେରି ଆସି ଲିତା ମାଉସୀ ଆସୁଛନ୍ତି ଶୁଣି ଖୁସିହେଲା । ପୁରୀ, କୋଣାର୍କ ଯିବାର ପ୍ଲାନ୍ କଲା ଆଉ କେମିତି ମା' ମାଉସୀଙ୍କୁ ଖୁସୀବ କରିବ ସେ ବିଷୟରେ ବିନୁ ସହିତ ଗପି ଚାଲିଲା । ଶ୍ୱଶୁର କିନ୍ତୁ ବିରକ୍ତ ହୋଇ ପୁଅକୁ ଓ ମତେ ଶୁଣେଇ କହିଲେ – "କିରେ । ଏ ସବୁ କ' ଣ ଶୁଣୁଛି ? ଚିନୁ କାହିଁକି ଦେଶ ବାହାରକୁ ଯିବ ପଢିବାକୁ ? ତତେ ବି ତ ବାହାରେ ସିଟ୍ ମିଳୁଥିଲା, ମୁଁ ମନାକଲି ତୁତ ପୁଣି କଥା ମାନିଲୁ? ଏ ସବୁ କାହାର ବୁଦ୍ଧି ଶୁଣେ !"

ଅରୁଣ ଖାଇବାରେ ବ୍ୟସ୍ତ ରହି ଉତ୍ତର ଦେଲେନି । ଶାଶୁ କହିଲେ – "କିଲୋ ବୋହୂ ! ତୁ ମନା କରୁନୁ ! ଆଜିକାଲି ଯୋଉ ଯୁଗ । ପିଲାଏ ତେଣେ ଗଲେ ଫେରିବେଟିଆଉ ?"

ମୁଁ ବାଧ୍ୟ ହୋଇ କହିଲି – "ଯୁଗ ବଦଳି ଗଲାଣି । ସମୟ ସିତ ଆମକୁ ତାଳ ଦେଇ ଯିବାକୁ ହେବ!" ଅଧ୍ୟାୟ ସେଇଠି ରହିଲା । ଶ୍ୱଶୁରଙ୍କ ତଣ୍ଟିରେ କ'ଣଟେ ଲାଗିଗଲା ଯେ କାଶି କାଶି ସେ ବେଦମ୍ ହେଲେ ଓ ଶେଷକୁ ପାଣି ମନ୍ଦେ ପିଇ ଉଠିଗଲେ । ତା' ପଛକୁ ଶାଶୁ ଓ ଅରୁଣ ।

ଚିନୁ, ବିନୁ ବସି ଫୁସ୍‌ଫୁସ୍ କଥା ହଉଥା'ନ୍ତି । ମନ ଖୁସି ଏଇଥି ପାଇଁ ଯେ ମା' ସେମାଙ୍କ ପାଇଁ ଶେଷକୁ ଓକିଲାତି କରି ଜିତି ଯାଇଛି ! ମାତ୍ର ଅସ୍ୱସ୍ତିରେ ମୁଁ ଖାଇବାର ଅଭିନୟ କରିଥିଲି ।

ତା' ପରଦିନ ଲିତା ଆସି ପହଞ୍ଚିଲା । ମୋ ବଦଳରେ ଅରୁଣ ଯାଇଥିଲେ ତାକୁ ଆଣିବାକୁ ଏୟାରପୋର୍ଟ ! ପୁଝାରୀଟା ଆସି ଯାଇଥିଲା ଆଉ କୌଣସୀ ମତେ ପରିଚିତ ହୋଟେଲ୍‌ରୁ ଭଲ ଭଲ ଡିସ୍ ତିଆରି କରିବା ପାଇଁ ଜଣେ ଖାନ୍‌ସମା ମଧ୍ୟ ଅରୁଣ ପଠାଇଥିଲେ । ଲିତା ଆସିଲାକ୍ଷଣି ଚହଳ ପଡିଗଲା ଘରେ । ଏଥର ସେ ବାଳ କାଟି ବବ୍ କଟ୍ କରିଦେଇଛି। ଶାଢୀ ବାରମ୍ବାର ଖସି ଯାଉଥାଏ ଶାଶୁଙ୍କୁ ଦେଖି ନମସ୍କାର କଲା , ମାତ୍ର ମୁଁ ଆଶା କରିଥିଲି ସେ ମୁଣ୍ଡ ନୁଆଁଇ ପ୍ରଣାମ କରିବ । ଆସୁ ଆସୁ ଗୋଡ ହାତ ନ ଧୋଇ ମୋ' ଖଟ ଉପରେ ଲମ୍ବ ହୋଇ ପଡିଯାଇ କହିଲା "ରିନା ! ମୋର ମୋଟେ ଶାଢୀ ପିନ୍ଧିବାର ଅଭ୍ୟାସ ନାହିଁ । ମୁଁ ମ୍ୟାକ୍ସି ପିନ୍ଧିଲେ ତମ ଘରେ କିଏ କ' ଣ ଭାବିବେ କି ?"

ମୁଁ ଅପ୍ରସ୍ତୁତ ହୋଇ କହିଲି– "ନା, ନା… ତେବେ ଶାଶୁ ଅଛନ୍ତି, କାଳେ କ' ଣ କହିବେ ମତେ ଖରାପ ଲାଗିବ !"

"ହଉ, ଦେଖିବା । ବୁଢୀକୁ ଟିକେ ପାଲେଇବାକୁ ଚେଷ୍ଟା କରିବି ।" ଶବ୍ଦଗୁଡାକ କଟୁ ଲାଗିଲେବି ମୁଁ ଚୁପ୍ ହେଲି । ରୋଷେଇ ଘର ଖବର ନ ବୁଝିଲେ ନ ଚଳେ । ମୁଁ ମନମରା , ଆତଙ୍କିତ ହୋଇଗଲି । ଖାଇବା ଟେବୁଲ୍‌ରେ ବସି ଲିତା କଣ୍ଟା ଚାମଚ ମାଗିଲା , ତା'ର କୁଆଡେ ହାତରେ ଖାଇବା ଅଭ୍ୟାସ ନାହିଁ । ଅରୁଣ ଉଠିଯାଇ ଆଲମାରୀରୁ କାଢି ବଢେଇ ଦେଲେ । ଲିତା ହସିହସି କହିଲା -"ଚିନୁ, ବିନୁ ! ତୁମେ ଦୁହେଁ ମୋ ପରି ଖାଇବା ଅଭ୍ୟାସ କର । ତମେ ତ ଶିଖି ନ ଥିବ । ଏଠି ତ ବଡ ହୋଟେଲ୍ ନାହିଁ, ନଇଲେ ସେଠିକି ନେଇ ଶିଖାଇ ଦିଅନ୍ତି ଟେବୁଲ୍ ମ୍ୟାନରସ୍ !"

ଚିନୁ କହିଲା, "ନା , ଆଣ୍ଟି ! ମୁଁ ବାପାଙ୍କ ସଂଗରେ ବାହାରକୁ ଯାଇ ଖୁବ୍ ବଡ ବଡ ହୋଟେଲ୍‌ରେ ଖାଇଛି ।"

"ଆରେ , ଆମେରିକାରେ ତତେ ରଷ୍ଟିକ୍ ଇଣ୍ଡିଆନ୍ କହିବେ…ଆଗ ତୋର ଟ୍ରେନିଂ ହବା ଦରକାର । ନ ହେଲେ ମୋ ପୁଅକୁ ଭୀଷଣ ଖରାପ ଲାଗିବ ।"

ଶ୍ୱଶୁର ଗମ୍ଭୀର ହୋଇ ଅନ୍ୟ ଟେବୁଲ୍‌ରେ ଖାଉଥିଲେ ଶାଶୁଙ୍କ ସହ । ସବୁ ଶୁଣି ସେ କହିଲେ–"ଟେବୁଲ୍ ମ୍ୟାନରସ୍‌ଟା ବଡ କଥା ନୁହେଁ ମା' ! ବଡ କଥା ହେଲା ଭଦ୍ରତା, ମଣିଷପଣିଆ !"

ଶାଶୁ କହିଲେ – "ହେ ଝିଅ ! ତୁ ଖାଇଲାବେଳେ ଏତେ ଭଟ୍ ଭଟ୍ କିଆଁ ହଉଛୁ ? ହଜମ ହେବ ନାହିଁ ଖାଇଲା ପଦାର୍ଥ !" କେଜାଣି କାହିଁକି

ଶାଶୁଙ୍କ ଉପରେ ମତେ ରାଗ ମାଡିଲା । ଶ୍ୱଶୁରଙ୍କର ସବୁବେଳେ ଉପଦେଶ ଭଲ ଲାଗେନି । ଏତିକି ବେଳେ ଏମାନଙ୍କର ଆସିବାର ଥିଲା ! ଭଦ୍ରତା ଟିକେ ରଖୁ ନାହାନ୍ତି । ଶାଶୁ ଉଠି ବେସିନ୍‌ରେ ହାତ ଧୋଇଲା ବେଳେ ଲିତା ତାଙ୍କ ପଛରେ ଛିଡା ହୋଇ କହିଲା-"ଆଣ୍ଟି ! ଆପଣଙ୍କ ନଖ ଏତେ ମଇଳା ! ମଇଳା ପେଟକୁ ଗଲେ ରୋଗ ହୁଏ ବୋଲି ଜାଣନ୍ତି ନାହିଁ ? ଇଣ୍ଡିଆନ୍ ଉଇମେନ୍ ଆଉ ଆଗେଇ ପାରିବେନି ! ବୁଝିଲୁ ରୀନା ! ବିନୁ ଏଠି ମ୍ୟାରେଜ କଲେ ରଟ୍ କରି ପଡିଥିବ ତୋରି ଭଳି । ସେବା କରୁ ଥିବ ଶାଶୁ, ଶ୍ୱଶୁରଙ୍କର ଖାଲି ।"

"ହାଓ ନାଷ୍ଟି ରଷ୍ଟିକ୍ ଆଇଡିଆ ! ଓଃ ରୀନା ! ତୁ ଏମାଙ୍କୁ ଟିକେ ବି ଶିକ୍ଷା ଦେଇପାରିନୁ ? ଏତେ ଟିମିଡ୍‌ହେଲେ ଚଳିବ । ଆପ୍‌ଟର ଅଲ୍ ଶାଶୁ, ଶ୍ୱଶୁର, ପୁଅ ସଂଗରେ ରହିବା କଥାଟା ଏଥିପାଇଁ ଆମେରିକା, ଇଂଲଣ୍ଡରେ କେହି ପସନ୍ଦ କରନ୍ତିନି । ଇଣ୍ଡିଆରେ କେବେ ଯେ ଓଲଡ୍ ହୋମସ୍ ଲାର୍ଜ ସ୍କେଲରେ ଅପରେଟ୍ କରିବ ମୁଁ ଜାଣିପାରୁନି !"

ବିନୁ ଚଟା ପଟ୍ ପ୍ରଶ୍ନ କଲା- "ଆଣ୍ଟି ! ଆପଣ ତେବେ ପୁଅ ଝିଅଙ୍କ ପାଖରେ ରୁହନ୍ତି କେମିତି ?"

"ମୁଁ ଯେବେ ରହେ କେବଳ ଗେଷ୍ଟ ଭାବରେ ରହେ । ବେଶୀଦିନ ହେଲେ ମୁଁ ଟଙ୍କା ଦେଇଦିଏ । କିଏ କାହା ଉପରେ ବର୍ଡନ୍ ହେବା ଆଦୌ ଭଲ ନୁହେଁ । ତା' ଛଡା, ପ୍ରତ୍ୟେକ ଲୋକର ଫ୍ରିଡମ୍ ରହିବା ଉଚିତ୍ !" ଅରୁଣ ଓ ଶ୍ୱଶୁର ସେତେବେଳକୁ ଉଠି ଯାଇଥିଲେ । ଶାଶୁ ଆରପଟେ ଘରେ ବସି ପାନ ଭାଙ୍ଗୁଥିଲେ । ତାଙ୍କ କାନକୁ ଭଲ ଶୁଭେ ନାହିଁ ସେତିକି ଯାହା ସାନ୍ତ୍ୱନା । ମୁଁ ଅସ୍ୱସ୍ତିରେ ଟିକେ କ' ଣ ଖାଇ ଉଠିଗଲି । ଲିତା ପଚାରିଲା- "ଏଠି କୋଉଠି ନିକଟରେ ବିଉଟି ପାରଲର୍ ନାହିଁ ? ଖରାରେ ମୋ ଗାଲ ସାରା ର୍‍ୟାସ୍ ବାହାରିଗଲାଣି ।" ମୁଁ ଚଟାପଟ୍ କଥାଟାକୁ ଏଡାଇ ଯାଇ କହିଲି- "ତୁ ଟିକେ ବିଶ୍ରାମ ନେ । ଆଜି ସୁବିଧା ହେଲେ ପୁରୀରେ ରହିଯିବା । ତା' ପରେ ସବୁ ବ୍ୟବସ୍ଥା ହେବ !" ସେ ସ୍ଲିପର୍ ଘୋଷାଡି ଯାଉ ଯାଉ କହିଲା-"ଶୋଇବି କ' ଣ ? ମୁଁ ଭାବିଥିଲି ତୋ' ଘର ଏୟାରକଣ୍ଡିସନ୍ ହୋଇଥିବ, ମଶା ମାଛି ନ ଥିବେ । ହେଲେ ଘର ଚାରିପଟେ ତ ଅଳିଆ ନର୍ଦ୍ଦମା ରହିଛି ।"

ଚିନୁ ହସି ମୋ ପାଇଁ ଉତ୍ତରଦେଲା-"ଆଣ୍ଟି ଖାଲି କ' ଣ ଆମର ? ଆମର ବରଂ କମ୍ । ଅନ୍ୟମାନଙ୍କ ଘର ଭିତରେ ତ ଅଳିଆ ଜମା ହୋଇଛି ।"

ଲିତା କହିଲା- "କିଛି ଭାବିବୁନି ରୀନା ! ଖାଇଲାବେଳେ ଟେବୁଲ୍ ପାଖରେ ମାଛି ଉଡୁଥିଲା । ଏସବୁ ଦେଖିଲେ ମୋତେ ବାନ୍ତି ଲାଗେ । ଭାବୁଛି ଶୀଘ୍ର ଫେରିଯିବି ।"

"ଆଣ୍ଟି ! ତମେ ପରା ମୋ ପାଇଁ ସେଠି ସିଟ୍ କରିଦେବ କହିଥିଲ । ମୁଁ ତମ ସାଙ୍ଗରେ ଚାଲିଯିବି--!"

"ଆଉ ମୁଁ ? ମୁଁ କ'ଣ ଏଇ ଅଳିଆ ନର୍ଦ୍ଦମାରେ ପଡି ମରୁଥିବି ? ବାପାଙ୍କର କିଛି କରିବାକୁ ବେଳ ନାହିଁ । ବୋଉଟା ପାଠ ପଢିଲେ ବି କୋଉ କଥା ଇଛାକଲେ କ'ଣ ହେବ, ସେତ ମୋଟେ ସ୍ମାର୍ଟ ହେଉନି ! ଭାରି ଡରକୁଳୀ ! ଆଉ ଜେଜେ , ଜେଜେମା' ଆମକୁ କୁଆଡେ ଛାଡିବାକୁ ନାରାଜ । ଲିତା 'ଆଛା' 'ଏ' ଆଛା' କହି ଚାଲିଗଲା । ମୁଁ ରୋଷେଇଘରେ ଝର୍କା ଦେଇ ଚାହିଁଲି । ସତରେ ଚାରିଆଡେ ଗଛ – ନିମ୍ବ, ବେଲ, କାଗଜି ଲେମ୍ବୁ, କଦଳୀ ଓ ଆମ୍ବ ଗଛ । ତୁଳସୀ ଗଛ ବୁଦାବୁଦା ହୋଇ ଦଶ ବାରଟା ରହିଛି । ଦାଣ୍ଡରେ ସେମିତି ଫୁଲଗଛ ଭର୍ତ୍ତି, କିଛି ପ୍ଲାନ୍ ହୋଇ ନଥିବାରୁ ଅରମା ଦିଶୁଛି । ଅରୁଣଙ୍କୁ ଏସବୁ ଦେଖିବାକୁ ବେଳ ନାହିଁ । ଲିତା ମିଛ କିଛି କହୁନି ।

ଯଥାରୀତି ସବୁ କାମ ସାରି ଆମେ ପୁରୀ ବାହାରିଲୁ । ଆମେ ଇଛା ହେଲେ ସେଠି ରାତିରେ ରହିଯିବୁ । ସେ ବନ୍ଦୋବସ୍ତ ଅରୁଣ କରି ସାରିଥିଲେ । ସକାଳେ କୋଣାର୍କ ଯିବୁ, ଫେରି ଏଠି କେଉଁ ହୋଟେଲ୍‌ରେ ଲଞ୍ଚ୍ ଖାଇବୁ । ଘରେ ଶାଶୁ, ଶ୍ୱଶୁର ଥିଲା ବେଳେ କିଛି କ'ଣ ହାଲ୍‌କା ମନରେ କରିହୁଏ ? ମୁଁ ତ ଆଜୀବନ ବନ୍ଦିନୀ । ସମସ୍ତିଙ୍କୁ ଖୁସୀ କରି ନିଜ କଥା ବୁଝିବାକୁ ମତେ ବେଳ ନାହିଁ ?

ଧଉଳି ଶାନ୍ତିସ୍ତୁପ ଦେଖିବାକୁ ଲିତା ଚିନୁ ସହିତ ଚାଲିଗଲା । ମୁଁ ଗାଡିରେ ବସି ରହିଲି । ଲିତାର ଚାଲି ଚଳଣରେ ଅନେକ ପରିବର୍ତ୍ତନ ଆସିଛି, ତଥାପି ସେ ମୋର ବାଲ୍ୟବନ୍ଧୁ ଓ ଅତିଥି । ମୋ ପୁଅ ଝିଅଙ୍କ ସୁବର୍ଣ୍ଣ ଭବିଷ୍ୟତ ତା'ଉପରେ ନିର୍ଭର କରୁଛି । ଏଇ ଦୁଇ ଦିନ ମୁଁ ତାକୁ ଚେଷ୍ଟା କରିବି ଆପ୍ରାଣ ଖୁସି କରେଇବା ପାଇଁ ।

ସେମାନେ ଖୁବ୍ ଶୀଘ୍ର ଫେରି ଆସିଲେ । ଲିତା କହିଲା- "ଚାରିଆଡୁ ଗୋଟେ ଗନ୍ଧ କ'ଣ ଆସୁଛି, ରୀନା ? ଏଠି କେହି କ୍ଲିନ୍ କରିବାକୁ ଲୋକ ନାହାନ୍ତି?"

"ହେ, ଇଏତ ଖୁବ୍ ପରିଷ୍କାର ପରିଚ୍ଛନ ଯାଗା ! ପାହାଡ ଉପରେ--!"

"ଥାଉ--ଥାଉ । ତୋର କିଛି ଆଇଡିଆ ନାହିଁ । ଚିନୁଟାର କଥାବାର୍ତ୍ତା ବି ରଷ୍ଟିକ୍ । ଇଂରାଜୀ ମିଡିୟମରେ ପଢିଛି, ଏଣେ ଟପ୍ କରିଛି ଇଉନ୍‌ଭରସିଟିରେ, କିନ୍ତୁ କମନ୍‌ସେନ୍‌ସର ଖୁବ୍ ଅଭାବ ।"

"ପିଲାଟା ନା ! ଶିଖି ଯିବନି ? ପାଠ ଛଡା ସେ ଆଉ କିଛି ଜାଣେନା !"

ଲିତା ରୁମାଲ୍‌ଟେ ନାକରେ ଚାପି ବସିଲା ।

ଗାଡି ଚାଲିଲା ଆଗକୁ । ଦୁଇ ପଟରେ ସବୁଜ ଶ୍ୟାମଳ କ୍ଷେତ । ଦଳ ଦଳ ଧଳା ପକ୍ଷୀ ଉଡି ଯାଉଛନ୍ତି ଶୂନ୍ୟରେ । ମଝିରେ ମଝିରେ ନୀଳ ପାଣିରେ ଲାଲ୍ ରଙ୍ଗର କଇଁ ଫୁଲ, ପୁଣି ଧଳା ରଙ୍ଗର । ଶୀତଳ ଶାନ୍ତ ଅପରାହ୍ନ ବେଶ୍ ସୁନ୍ଦର ଲାଗୁଥାଏ । ହଠାତ୍ ଚମକାଇ ଦେଇ ଲିତା କହିଲା- "ଏଇ ଗାଡିଆ ପାଣିର ଗନ୍ଧ ଦେହରେ ପଶିଲେ ଆଉ ବଞ୍ଚିବ ମଣିଷ !"

ଚିନୁ କହିଲା- "ଆଣ୍ଟି ଲାଲ୍ କଇଁ ତୋଳି ଆଣିବି ?"

"ଛି, ଛି ପଙ୍କ ମଇଳାରେ ଭର୍ତ୍ତି ଗାଡିଆ । ସେ ଫୁଲ ମୁଁ ଛୁଇଁବିନି । ତୋ'ର ଏଇ ଟେଷ୍ଟ ନେଇ ତୁ ଫରେନ୍ ଯିବୁ ! ସେଠି ଯାହାକୁ ଯେତେ ଫୁଲ--!"

ମୁଁ ସମ୍ଭାଳି ନ ପାରି କହିଲି- "ଏ ଲିତା ! ତୋର କ'ଣ ହୋଇଛିଲୋ ! ସବୁ କଥା ଆମ ଦେଶର ତତେ ଗନ୍ଧଉଛି । ଜଗନ୍ନାଥ ରୋଡ୍‌ରେ ଆଗେ ଲୋକମାନେ ଗଡି ଗଡି ଯାଇ ବଡ ଦାଣ୍ଡରେ ପହଞ୍ଚୁଥିଲେ । ଏଇ ପରା ସାରା ବିଶ୍ୱର ପୁଣ୍ୟ କ୍ଷେତ୍ର । ଏ ମାଟି, ଆକାଶ ଆଉ ପବନ...!"

"ଥାଉ ରୀନା ! ମୁଁ ଭକ୍ତି ଭାବ ନେଇ ଆସିନି ପୁରୀ, ଏବେ ସେଥିରେ କିଛି ପରିବର୍ତ୍ତନ ହୋଇଛି କି ନାହିଁ ! ଯାହା ଦେଖୁଛି...!"

"ପୁରୀ ତ ସବୁଦିନେ ପୁରୀ ! ଏତେ ଲୋକ ଯିବା ଆସିବା କରନ୍ତି ଯେ...!" ମୁଁ ଚୁପ୍ ହୋଇଗଲି । ଲିତାର ମୁହଁରେ ବିରକ୍ତି !

ଚିନୁ କହିଲା-" ଆଣ୍ଟି ମୁଁ ବହିରେ ଆମେରିକା, ଇଂଲଣ୍ଡ ଦେଶ ବିଷୟରେ ସବୁ ପଢିଛି । ସେଠି ଅବଶ୍ୟ ପରିଷ୍କାର ପରିଚ୍ଛନ୍ନତା ଉପରେ ବେଶ୍ ଯୋର ଦିଆଯାଏ ! ଆମ ଲୋକମାନେ ଅଶିକ୍ଷିତ...।" ଲିତା କହିଲା-"ତୁମେମାନେ ତ ଶିକ୍ଷିତ ! ତୋ ବାପା ଜଣେ ବଡ ଅଫିସର । ତୋ ମା' ଶିକ୍ଷିତା । କିନ୍ତୁ ଘରଦ୍ୱାର ସବୁ କି ମଇଳା ! ପରିବେଶ ବିଷୟରେ ତମର କିଛି ଜ୍ଞାନ ନାହିଁ ! ଯିଏ ଯେଉଁଠି ପାରିଲା ଘର କରୁଛନ୍ତି, ଗଛ ସବୁ ପାନ୍ କରି ଲଗଉ ନାହାନ୍ତି । ତମେ ଆଗ ନିଜ ଘର କଥା ଦେଖୁନ ?"

ମୁଁ ଭୀରୁ କଣ୍ଠରେ କହିଲି- "କ'ଣ ହେଇଛି କି ?"

"ସେଇ ବୁଢା ବୁଢୀ ମ ! ବୁଢା ଯୋଉ ମଇଳା ସାର୍ଟ ପିନ୍ଧିଛି, ସେଥିରେ ପୁଣି ଚିନୁ ମୁହଁ ପୁଞ୍ଛି ଗେଲ ହେଉଛି । ବୁଢୀର ନଖରେ ବୋଝେ ମଇଳା । ଅପରିଷ୍କାର ଶାଢୀ, ବାଉଜ୍, ସାୟା ନାହିଁ...ଇଃ, ମୁଁ କାହିଁକି ଏ ଦୃଶ୍ୟ ଦେଖିଲି କେଜାଣି !" ସେ ପୁଣି ନାକରେ ଲୁଗା ଦେଲା । ଚିନୁ ଥରେ ମୋ ମୁହଁକୁ ଚାହିଁ ଆଉଥରେ ଲିତା ଉପରେ ଆଖି ବୁଲେଇ ନେଇ କହିଲା-"ଆମ ଦେଶରେ ତ ଓଲ୍ଡ ଏଜ୍‌ହୋମସ୍ ନାହିଁ । ଆଚ୍ଛା, ଆଣ୍ଟି ଫରେନ୍‌ରେ ଓଲ୍ଡ୍ ପ୍ୟାରେଣ୍ଟସ୍‌ଙ୍କୁ କେହି ଦେଖିବାକୁ ଯାଆନ୍ତିନି ? ସେମାନଙ୍କର ମନ କଷ୍ଟ ହେଉଥିବ ! ନୁହେଁ ?"

"ସେ ଗୁଡା ବାଜେ ଇମୋସନ୍ । ଟଙ୍କା ପଠେଇଦେଲେ ହେଲା । ଟଙ୍କାରେ ତ ପୃଥିବୀ ଚାଲୁଛି ! ମୁଁ ମୋ ଶାଶୁ, ଶ୍ୱଶୁରଙ୍କୁ ଗାଁରେ ରଖିଦେଇଛି, ଟଙ୍କା ମାସକୁ ମାସ ଯାଉଛି ।"

ମୋ ଛାତି ଭିତରଟା କେମିତି ରଟ୍ ରାଟ୍ ହୋଇ ମକଛିହେଲା । ସବୁ ଯେମିତି ମୋର ଅନିଚ୍ଛାରେ ବିଗିଡି ଯାଇଛି । ଲିତା ମୋର ସଜଡା ପୃଥିବୀକୁ ଭାଙ୍ଗି ଦେଇଛି ନା କ'ଣ ?

ହଠାତ୍ ଗାଁ ଭିତରେ ଗାଡି ପଶିଲା । ଲଙ୍ଗଳା ଛୁଆଗୁଡାକ ବାଲି ଘର କରି ଖେଳୁଥିଲେ । ପାଟି ମୁହଁ ସବୁ ଧୂଳି ଧୂସର । ଗାଡିର ଗତି ମନ୍ଥର ହେଲା । ଲିତା ଚିତ୍କାର କଲା- "ଛି, ଛିଃ ଆଇ ହେଟ୍ ଦିସ୍ କଣ୍ଟ୍ରି !

ମୁଁ କହିଲି - "ଆସ୍ତେ କୁହ । କିଏ ଶୁଣିଲେ କ'ଣ ଭାବିବ ?" ଡ୍ରାଇଭର୍ ସମ୍ଭାଳି ନ ପାରି କହିଲା - "ମା" ! ଲୋକଗୁଡାକ ଆମର ଭାରି ଗରିବ । ତେହିଁକି ସବୁରି ଘରେ ମୋଞ୍ଚା ମୋଞ୍ଚା ପିଲା । ବଡ ଲୋକ ଘର ପିଲା ସିନା ପାର୍କରେ ଖେଳ ବୁଲ କରିବେ କି ସିନେମା ଥିଏଟର୍ ଯିବେ, ଟିଉସନ୍ ମାଷ୍ଟ୍ର ତାଙ୍କୁ ପଢେଇବେ ନଇଲେ ଦେଶ ବିଦେଶ ଯିବେ, ହେଲେ ଆମ ଗରିବ ଘରେ ବଖରାଏ ଘରେ ସେଇଠି ବୁଢାବୁଢୀ, ବାପା ମା' ଆଉ ଛୁଆପିଲା ଗେଞ୍ଜା ଗେଞ୍ଜି ହୋଇ ରହିବେ । ଟିକେ ସୁବିଧା ପାଇଲେ ଛୁଆ ଧୂଳି ଦାଣ୍ଡକୁ ଚାଲି ଆସନ୍ତି...।"

"ଆଣ୍ଟି ଏଇଟା କ'ଣ ତୁମ ଦେଶ ନୁହେଁ ? ଆମ ଦେଶ ଏତେ ଗରିବ ଯେ...!"

ଚିନୁର କଥା ଉପରେ ଲିତା ଝାମ୍ପି ପଡି କହିଲା-"ଗରିବ ପଣିଆକୁ ଆଡଭର୍ଟାଇଜ୍ କଲେ ଦେଶ ଚାଲିବ ? ତୁ ବି ପାଠ ପଢିଛୁରେ ? ଫରେନ୍‌ରେ ତୁ ଲାଷ୍ଟ ଆଡୁ ଟପ୍ କରିବୁ ଦେଖୁଛି ।"

ଚିନୁର ମୁହଁ ଲାଲ୍ ପଡିଗଲା । ମୋ ଭିତରେ ଅଚାନକ ଏକ ଭୂମିକମ୍ପ ସୃଷ୍ଟି ହେଲା । ମୁଁ ମୁହଁ ଉପରେ ହାତ ବୁଲାଇ ଆଣିଲି । ମନ୍ଦିର ଦିଶିଲାଣି ଗଛ ଗହଳି ଭିତରେ ! କେବେ ମୁଁ ନମସ୍କାର କରେନି, ଏବେ କିନ୍ତୁ ହାତ ଉଠିଗଲା ଉପରକୁ । ଡ୍ରାଇଭର କହିଲା- "ମନ୍ଦିର ଦିଶିଲାଣି ମା' !"

"ତମେ ଶୀଘ୍ର ଚଲାଅ ଗାଡି । ସନ୍‌ସେଟ୍ ହୋଇଗଲେ ସମୁଦ୍ର ଦେଖିବାରେ ମଜା ନ ଥାଏ । ମନ୍ଦିର , ଜଗନ୍ନାଥ ହୋଇ ତମେମାନେ ପାଗଳ ହେଇଯିବ ଦେଖୁଛି !" ଲିତାର ଆଦେଶ ଅନୁଯାୟୀ ସମୁଦ୍ରକୂଳକୁ ଆଗେ ଗାଡିଗଲା । ସଙ୍ଗେ ସଙ୍ଗେ ସେ କାର୍‌ରୁ ଓହ୍ଲାଇପଡି ଚିନୁର ହାତ ଧରି ସମୁଦ୍ର ପାଣିକୁ ପଶିଗଲା ! ଚିନୁକୁ ଧରି ବୁଡି ବୁଡି ଗାଧୋଇ ପଡିଲା ଢେଉ ଭାଙ୍ଗି । ମୋ ଛାତି ଧଡ୍‌ପଡ୍ ହେଲା । ଚିନୁ ପହଁରା ଜାଣେନି । କେତେବେଳେ କୋଉ କଥା । ହେ ଜଗନ୍ନାଥ ! ରକ୍ଷା କର !

କୂଳର ଯାତ୍ରୀମାନେ ଲିତାର ଓଦା ଦେହକୁ ଚାହିଁଥାନ୍ତି । ସଂଗରେ ଶାଢୀ ନାହିଁ ଯେ ବଦଳି ପକାଇବ । ଲାଜରେ ମୁଁ ସଢିଗଲି । ଚିନୁଟା ଆଶ୍ଚର୍ଯ୍ୟ ହୋଇ ତା' ଦେହ ମୁଣ୍ଡକୁ ଚାହିଁଥାଏ । ତା'ର ମା' ଭଉଣୀ ବାଥ୍‌ରୁମ୍‌ରେ ଗାଧାନ୍ତି । ନାରୀ ଶରୀର ଉପରେ କିଛିଟା ବହିପଢା ଧାରଣା ଥିଲେ ବି ପ୍ରତ୍ୟକ୍ଷ ଧାରଣା ତ ନାହିଁ । ମୁଁ ସହ୍ୟ ନ କରିପାରି ତା' ଗାଲରେ ଚାପୁଡାଟାଏ ପକେଇ କହିଲି-"ସାଙ୍ଗରେ ସାର୍ଟ, ପ୍ୟାଣ୍ଟ ଆଣିନୁ , ଥଣ୍ଡା ଧରିବ । ତୋ ଜେଜେ ଶୁଣିଲେ ଆଉ ରଖିବେଟି ?"

ଶାଢୀରୁ ପାଣି ଚିପୁଡୁ ଚିପୁଡୁ ଲିତା କହିଲା- "ତୋର ତେବେ ବୁଢା ବୁଢୀଙ୍କୁ ଭାରି ଡର, ସେଇ ପ୍ରାଗ୍‌ଐତିହାସିକ ଯୁଗରୁ ତୁ ରଷ୍ଟିକ୍ ହୋଇ ରହିଯାଇଛୁ ! ଆରେ ଚିନୁ ! ତୁ ଫରେନ୍ ଗଲେ ମୁଁ ତତେ ପ୍ରଶାନ୍ତ ମହାସାଗରରେ ନେଇ ଗାଧୋଇବି । ମୋର ଗୋଟେ କଂପାନୀ ଦରକାର । ଥଣ୍ଡା ପାଇଁ ତୁ ଡରନା... ମୋ ପର୍ସରେ ବ୍ରାଣ୍ଡି ଅଛି । କାଲିଫର୍ଣ୍ଣିଆ ବ୍ରାଣ୍ଡି !"

ମୁଁ ଲିତା ପାଟିରେ ହାତ ଦେଇ କହିଲି "ଦେଶ କାଳ ପାତ୍ର ଜ୍ଞାନ ତୋର ରହୁନି , ଲିତା । ଦେଖିଲୁ, ଚାରିଆଡେ ଲୋକମାନେ କେମିତି ଆମ କଥା ଶୁଣି ହସୁଛନ୍ତି !"

"ବାଃ ସେମାନେ ହସନ୍ତୁ ! ସମୁଦ୍ରକୂଳରେ, କ'ଣ ହୁଏ ମୁଁ ଜାଣିନି । ପୁରୀରେ ସମୁଦ୍ରକୂଳରେ, ବଡଦାଣ୍ଡରେ, ଆଉ ଜଗନ୍ନାଥ ମନ୍ଦିରରେ ଯାହା ହୁଏ ମୁଁ ଜାଣେ । ଆଗେ ଲୁଚେଇ କରୁଥିଲେ, ଏବେ ତ ସବୁ ଖୋଲା ।"

ମୁଁ ଆଉ ଯୁକ୍ତି ନ କରି ତାକୁ ଭିଡି ଭିଡି ନେଇ ଆସିଲି ଗାଡି ଭିତରକୁ ଓ ଶୀଘ୍ର ମନ୍ଦିର ପାଖକୁ ଗାଡିନେଇ ଯିବାକୁ ଡ୍ରାଇଭରକୁ ଇଂଗିତ ଦେଲି । ମନ୍ଦିର ପାଖରେ ପହଞ୍ଚି ଲିତା ଏଣେତେଣେ ଚାହିଁ ରହିଲା-"କାହିଁ କିଛିତ ପରିବର୍ତ୍ତନ ହୋଇନି ! ବରଂ କୁଷ୍ଠ ରୋଗୀ, ଭିକାରୀଙ୍କ ସଂଖ୍ୟା ବଢ଼ିଛି । ଛିଃ, ଛି, ମୁଁ ବାନ୍ତି କରି ପକେଇବି । ମୁଁ ଗାଡିରେ ବସୁଛି, ତମେମାନେ ଯାଇ ବୁଲି ଆସ । ଡ୍ରାଇଭରକୁ ସାଙ୍ଗରେ ନେଇଯାଅ । ପଣ୍ଡାଙ୍କର ଜ୍ୱାଳା ମୁଁ ସହି ପାରିବିନି! ମୂର୍ତ୍ତି ଦେଖିବାକୁ ମୁଁ ଚାହେଁନା··· ।" ମୁଁ ଦେଖିଲି ତା' ଶାଢୀ ଏବେ ବି ଓଦା । ମୁଣ୍ଡରେ ସିନ୍ଦୁର ଲିଭିଯାଇଛି। ତା 'ର ହିସାବୀ ବୁଦ୍ଧି । ଚୂଡି ଓ ହାତ ଘଡି ପର୍ସରେ ରଖି ସେ ଗାଧୋଇ ଯାଇଥିଲା । ବଡ ଅପରିଷ୍କାର, ବିଭତ୍ସ ମନେ ହେଲା ତା' ମୁହଁଟା ! ଭୂମିକଂପ ହୋଇଥିବା ଘରଟା କେତେବେଳକୁ ଭାଙ୍ଗିରୁଜି ପଡିଲାଣି ସେ କଥା ସେ ଜାଣେନା ।

ମୁଁ ଚିନୁର ହାତ ଧରି ଚାଲିଗଲି । ଏମିତି ମୋର ଶାଶୁଙ୍କୁ ସଂଗରେ ନେଇ କେତେଥର ଆସିଛି । ସେ ବାଇଶି ପାହାଚରେ ଧୂଳି ନେଇ ମୁଣ୍ଡରେ ମାରନ୍ତି, ପାଦୁକ ପିଅନ୍ତି । ମୁଁ ସେ ସବୁ କରେନା, ସେ କେବେ କିଛି କହନ୍ତି ନାହିଁ ! ଆଜି ମୁଁ ପାଗଳ ହୋଇଗଲି । ମୋ ଛାତିକୁ ଚାପିଧରି ନଇଁ ନଇଁ ସବୁ ପାହାଚର ଧୂଳି ମୋ ମଥାରେ ଦେଲି ଆଉ ପାଦୁକ ଆଣି ପିଇଲି । ଚିନୁ ମୋ ମୁହଁକୁ ବକ୍‌ବକ୍ ଚାହିଁଥାଏ, ମାତ୍ର ଚୁପ୍‌ଥାଏ ।

ଭାଗ୍ୟକୁ ମନ୍ଦିରରେ ଗହଳି ନଥିଲା । ମୁଁ ଆଣ୍ଠେଇ ପଡି ପ୍ରାର୍ଥନା କରିବି କି ମୁଣ୍ଡିଆ ମାରିବି ଜାଣି ନ ପାରି କାନ୍ଦିଉଠିଲି କଇଁକଇଁ । ଡ୍ରାଇଭର୍ ଓ ଚିନୁ ବ୍ୟସ୍ତ ହୋଇ ମୋତେ ଉଠେଇ ଯେତେ ଲୁହ ପୋଛିଲେ ମୁଁ ସେତେ ଯୋରରେ କାନ୍ଦିଲି । ଲୁହ ଲାଳରେ ମୋ ଶାଶୁ ଶ୍ୱଶୁରଙ୍କ ନିରୀହ ଆଖି, ରାସ୍ତାର ଲଙ୍ଗଳା ପେଟ ଖଙ୍କଳା ଛୁଆ ଆଉ ଅରୁଣଙ୍କର ଶୁଖିଲା ମୁହଁ ମୋତେ ଦିଶୁଥାଏ କେବଳ !

ଚିନୁ ହଠାତ୍ କହିଲା- "ତୁ କାହିଁକି କାନ୍ଦୁଛୁ, ବୋଉ ! ମୁଁ ଫରେନ୍ ଯିବିନି, ତୁ ବ୍ୟସ୍ତ ହ'ନା ! ଏଇ ଆମ ଦେଶରେ ରହି ଯାହାକିଛି ଗୋଟେ କରିବି । ବାପାତ ପୁଣି କଂପିଟିଟିଭ୍ ଦେଇ ସର୍ବୋଚ୍ଚ ପୋଷ୍ଟରେ ରହିଛନ୍ତି । ମୁଁ କଣ ପାରିବିନି ଯେ ତୁ ମିଛରେ ମୋତେ ବାହାରକୁ ପଠାଇବାକୁ ଏତେ ଚିନ୍ତାକରି ବ୍ୟସ୍ତ ହେଉଛୁ ।"

ମୋ ଭିତରେ ଭୂମିକଂପର ଗର୍ଜନ ବନ୍ଦ ହୋଇଗଲା ! ମୁଁ ଚିନୁକୁ କୋଳକୁ ଟାଣି କହିଲି- " ମୋ ଧନଟା ପରା ! ମୁଁ ତୋତେ ଛାଡି ରହି ପାରିବିନି ! ତୋତେ ଜଗନ୍ନାଥ ବୁଦ୍ଧିଦେବେ ରେ ପୁଅ ! ମୁଁ ମୋ ଜାଲରେ ଛନ୍ଦ ହୋଇ ଏମିତି ମରୁଛି !" ଚିନୁ ମୋର ହାତ ଧରି ନେଇ ଆସିଲା ବେଳେ ଡ୍ରାଇଭର ପଚାରିଲା -"ରାତିରେ ଏଠି ପରା କଉଠି ରହି ସକାଳେ କୋଣାର୍କ ଯିବେ । ବର୍ତ୍ତମାନ କୁଆଡେ ଯିବା ଆଜ୍ଞା !" ମୁଁ କିଛି କହିଲିନି ।

ଗାଡି ପାଖରେ ପହଞ୍ଚି ଦେଖିଲି ଲିତା ଗୋଟିଏ କୋଣକୁ ମୁଣ୍ଡ ରଖି ଶୋଇ ଯାଇଛି । ବିରାଟ ହ୍ୟାଣ୍ଡ ବ୍ୟାଗ୍ ମୁକୁଳା ପଡିଛି । ବୋତଲ ଟାଏ ମୁଣ୍ଡ ଟେକି ଖତେଇ ହଉଛି ଆମକୁ । ଗାଡି ଭିତରେ ମଦର ବାସ୍ନା । ଡ୍ରାଇଭରକୁ ମୁଁ କଠୋର କଣ୍ଠରେ କହିଲି-"ଗାଡି ଶୀଘ୍ର ଘରକୁ ନେଇଚାଲ ।"

ଚୁପ୍ ଚାପ୍ ରାସ୍ତାରେ ଘଣ୍ଟାଟିଏ କଟିଗଲା । କେମିତି ଲତାକୁ ନେଇଯିବି ଜାଣିପାରୁନି । ଘର ସାମ୍ନାରେ ଅଦ୍ଭୁତ କାଣ୍ଡ । ଆଉ ଗୋଟାଏ ଗାଡି ଠିଆ ହୋଇଛି । ଶାଶୁ ଶ୍ୱଶୁର ବାରଣ୍ଡାରେ, ସେମାନଙ୍କର ସବୁ ସୁଟ୍‌କେଶ୍, ବ୍ୟାଗ୍ ଆଣି ପୁଝାରୀ ଦାଣ୍ଡରେ ରଖିଛି । ଏମାନେ କଣ ଚାଲି ଯାଉଛନ୍ତି କି ? ମୁଁ ଧଡାସ୍ କରି ଗାଡିର ଗେଟ୍ ଖୋଲି ବାହାରି ଆସି କହିଲି ବାପା । ଏତେ ରାତିରେ ଆପଣ କୁଆଡେ ଯାଉଛନ୍ତି ? ବୋଉ··!"

" ନାଇଁଲୋ ମା' ! ତମର ଘରେ କୁଣିଆ, ଆମେ ଅଡୁଆ ହେବୁ କାହିଁକି ? ଆମେତ ମଫସଲିଆ, ଗାଁ ମାଟି ଆଉ ସେଇ ଚାଳ ଘର ଆମର ସ୍ୱର୍ଗ । ଆମେ ଯାଉଛୁ ମା' , ଦେହପା' ଜଗି ଚଳିବୁ । "

ଚିନୁ ଯାଇ ଜେଜେବାପାଙ୍କ କୋଳ ଭିତରେ ମୁହଁ ଗୁଞ୍ଜି କାନ୍ଦି ଉଠିଲା । ଦୁଇଟି ପାହାଚ ଉପରେ ମୋ ପାଦ ଅଟକି ଗଲା । କାନ୍ଦି କାନ୍ଦି ଚିନୁର ଆଖି ଫୁଲି ଯାଇଛି । ସବୁଦିନ ପରି ଅରୁଣ ଆର୍ମଚେୟାରରେ ବସି ଖବର କାଗଜଟା ମୁହଁ ଉପରେ ଢାଙ୍କି ଧରିଛନ୍ତି । ଚାରିଆଡେ ଗୋଟାଏ ଥମଥମ ଭାବ ।

ଶାଶୁଙ୍କ ହାତଧରି ଶ୍ୱଶୁର ଗୋଟିଏ ପାହାଚ ଓହ୍ଲାଇ ଆସିଲେ । ମୋ ଭିତରେ ସ୍ୱପ୍ନର ସଂସାର ସବୁ ଭାଙ୍ଗିରୁଜି ଚୁର୍‌ମାର ହୋଇ ଯାଉଛି । ମୁଁ କଣ କରିବି ? କଣ କରିବି?

ଏତିକି ବେଳେ ଲିତା ଗାଡିର ଗେଟ୍ ଖୋଲି ଗୋଟିଏ ପାଦ ପଦାକୁ ପକାଇଛି କି ନାହିଁ, ମୋ ପାଟିରୁ ଅଚାନକ ଶବ୍ଦ ବାହାରିଲା " ଲିତା! ତୁ ଏଠି ଓହ୍ଲାନା । ତୁ ସେଇ ଗାଡିରେ ହୋଟେଲ କୁ ଫେରି ଯା । ଏଠି ତୋର କଷ୍ଟ କରି ରହିବାର ଆଉ ଆବଶ୍ୟକତା ନାହିଁ । ଚିନୁ ବାପାଙ୍କୁ କହ ହୋଟେଲରେ ରୁମ୍ ରିଜର୍ଭ କରିଦେବେ ଫୋନରେ ! ଏୟାର କଣ୍ଡିସନ୍‌ଡ ରୁମ ।"

ତଥାପି ଶାଶୁ ଶ୍ୱଶୁର ସେମିତି ଛିଡା ହୋଇ ଥାନ୍ତି । ମୁଁ ହଠାତ କୋହରେ ଭାଙ୍ଗି ପଡି କହିଲି-" ବୋଉ ! ଲିତା ମୋର ଦୁଇ ଦିନର ଅତିଥୀ, କିନ୍ତୁ ଆପଣମାନେ ତ ମୋର ତିଥୀ, ନକ୍ଷତ୍ର, ଧ୍ରୁବତାରା ! ଥରେଅଧେ ବାଟ ଭୁଲିଗଲି ବୋଲି ଏତେ ରାଗିବେ ମୋ ଉପରେ?"

ଚିନୁ ଶାଶୁଶ୍ୱ ଶୁରଙ୍କ ହାତ ଘୋଷାଡି ଘର ଭିତରକୁ ଟାଣି ନେଉନେଉ କହିଲା -" ବୋଉ ଟା ବଡ କାନ୍ଦୁରି ନୁହେଁ ? କିଏ କହିଲା ତାକୁ ମୋତେ ଫରେନ୍ ପଠାଇବାକୁ କେଜାଣି? ଖାଲି କାନ୍ଦୁଛି ଦିନରାତି ! ଜଗନ୍ନାଥ ଦେଉଳରେ ଏମିତି କାନ୍ଦିଲା ଯେ ଲୋକ ଜମିଗଲେ ପରା ।"

ଶାଶୁ ଆଖି ପୋଛି ବଡ ପାଟିରେ କହିଲେ-" ମା'ଆ କୁ ଥଟ୍ଟା କରନ୍ତିନି ବାପ ! ମା'ଆ ମନ କିଏ ବୁଝିବରେ ? ଠାକୁରେ ତ ଜାଣି ପାରନ୍ତିନି ।"

ମୁଁ ପାହାଚ ଉଠିଲା ବେଳେ ଜାଣିଲି ଲିତାକୁ ନେଇ ଗାଡି ପୋର୍ଟିକୋ ଛାଡିଲା । ଚତୁର୍ଦିଗରେ ସ୍ୱସ୍ତିର ଏକ ଝଲକ ଯେମିତି ଖେଳିଗଲା । ଅରୁଣ ଉଠିଆସି ମୋ ହାତରୁ ଭୋଗ ଡାଲା ନେଉନେଉ କହିଲେ-" ଲିତାପାଇଁ ଗତ କାଲିଠୁ ରୁମ୍ ରିଜର୍ଭ ହୋଇ ରହିଛି ! "

( ବୀଣାପାଣି ମହାନ୍ତି ଆମ ସମୟର ଓଡିଶାର ଅନ୍ୟତମ ଲବ୍ଧ ପ୍ରତିଷ୍ଠିତା ଗାଳ୍ପିକା । ଅନେକ ଗଳ୍ପ ଓ ଗଳ୍ପ ପୁସ୍ତକର ରଚୟିତା ବୀଣାପାଣି ଦେବୀ ଏବେ ନିକଟ ଅତୀତରେ ଓଡିଆ ଗଳ୍ପ ପାଇଁ ସମ୍ମାନ ଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ତାଙ୍କର ଏ ଗଳ୍ପଟି "ସଚିତ୍ର ବିଜୟା"ରେ ପ୍ରକାଶ ପାଇଥିଲା । ତାଙ୍କର ଅନୁମତେକ୍ରମେ ଏଠାରେ ପୁଣିଥରେ ପ୍ରକାଶ ପାଉଛି - ସଂପାଦକ )

Best Wishes
to the
ORISSA SOCIETY of the AMERICAS
on their
33rd ANNUAL CONVENTION

**DRAPER &Mc GINLEY, P.A.**
Certified Public Accountants

365 West Patrick
Frederick, Md. 21701
Phone: 301-694-7411

# ଝିଅ

- ପ୍ରସନ୍ନ ହୋତା

(୧୯୭୨ ରୁ ୧୯୭୪ ମୁଁ ଆମେରିକାରେ ପଢୁଥିଲି । ଆପଣ ମାନଙ୍କ ମଧ୍ୟରୁ ଅନେକଙ୍କୁ ଜାଣିଛି, ସେଦିନ ଠାରୁ ସ୍ନେହର ଋଣଭାର ବଢ଼ି ଚାଲିଛି । ଏବେ ମୋ ମଝିଆ ଝିଅ ରୁପା ବାହା ହୋଇ ସିଆଟଲ୍‌ରେ । ତେଣୁ ମୋ ମନ ଆହୁରି ଆହୁରି ଅଧିକ ଭାବେ ଏଠାରେ ଏବଂ ମୋର ଏହା ସ୍ପଷ୍ଟ ମତ ଯେ ମାତୃଭୂମୀ ଓଡିଶାର ଉନ୍ନତୀର ଏକ ମୂଳା ଧାର ହେବ N.R.O ମାନଙ୍କ ଅବଦାନ । ଚାଇନାର ଉନ୍ନତି ଏହା ପ୍ରମାଣ କରିଛି ।

ଆପଣ ମାନଙ୍କ ପାଇଁ ଏ ଗପ । ଆମେରିକାନ ଲେଖିକାଙ୍କ ମୂଳ ଗପ "Girl" ଏହାର ଅନୁବାଦ - ଝିଅ । ଅନୁବାଦ କରୁ କରୁ ଅନୁଭବର ପ୍ରାବଲ୍ୟ ସୃଷ୍ଟି କରିଛି ୨- ଝିଅ ପିଲା । ଆମ ସଂସ୍କୃତିର ପରିପ୍ରେକ୍ଷୀରେ ଏକ ସମାନ୍ତ ରାଳ ଗପ ଏବଂ ଏ ଉଭୟ ଗପର ଅନୁବାଦ ଓ ଅନୁସୃଜନ ହେଉ ହେଉ ମୋ ମନରେ ଭାରତୀୟ ତଥା ପୃଥିବୀ ର ମାତୃ ଜାତୀ ପ୍ରତି ଜାଗରିତ ହୋଇଛି ଏକ ସ୍ୱତଃପୂର୍ଣ୍ଣ ସମ୍ମାନ - ଏତେ ବାରଣ ସତ୍ୱେ, ସେମାନେ ସୃଷ୍ଟିର ପ୍ରକୃତ କର୍ତ୍ତ୍ରୀ, ପରିପୋଷଣକାରୀ । ମୁଁ ମାତୃଜାତି ସମ୍ମୁଖରେ ମୁଣ୍ଡ ନୁଆଁଇଛି ।
ଶକ୍ତି - ୩ ।
ତା'ପରେ ବ୍ୟକ୍ତିଗତ । ପାରିବାରିକ ସ୍ୱର ପାଠକ । ବିଭିନ୍ନ ମଣିଷ ଅଲଗା ଜଣାପଡନ୍ତି । କେତେ ଦେଶ, କେତେଜାତି । ବିଦେଶୀ ଗଳ୍ପ ବିଦେଶୀ ଲୋକଙ୍କର । କିନ୍ତୁ ସ୍ନେହର ନିଗୂଢ ଦୃଷ୍ଟିରେ ଦେଖନ୍ତୁ - ସମସ୍ତେ ଅଳ୍ପ ବହୁତ ପାର୍ଥକ୍ୟ ସତ୍ତ୍ୱେ ମଣିଷ ପଣିଆରେ ସମାନ । ମୋର ଅନୁବାଦ ସଙ୍କଳନ ଯୁଗଳବନ୍ଦୀର ଏଗାରଟି ଗଳ୍ପରୁ ଏହା ଅନ୍ୟତମ । ଆମେ ଓଡିଆ ଜାତିର ଉନ୍ନତି କଥା ଭାବିବା ସଙ୍ଗେସଙ୍ଗେ ଏହା ଗ୍ରହଣ କରିବା ଉଚିତ୍ - "ବସୁଧୈବ କୁଟୁମ୍ବକମ୍" । ଓଡିଆ କେବେ ସଙ୍କୀର୍ଣ୍ଣମନା ନୁହେଁ। ଲେଖକ)

ଧଳାଲୁଗା ସବୁ ସୋମ ବାରକୁ ଓ ପଥର ଗଦା ଉପରେ ଥୋଇବୁ, ରଙ୍ଗଲୁଗା ସବୁ ମଙ୍ଗଳବାର ଦିନ ଧୋଇବୁ ଓ ଲୁଗାଶୁଖା ଦଉଡିରେ ଶୁଖିବାକୁ ଧାଡିକରି ଟଙ୍ଗେଇ ଦେବୁ; ଖରାରେ ଖୋଲା ମୁଣ୍ଡରେ ଚଲାବୁଲା କରନା; କଖାରୁ ପକୋଡି କଡକଡିଆ ଗରମ ମିଠା ତେଲରେ ଭଲ ହୁଏ; ତୋର ସାନଲୁଗା ସବୁ ପାଲିଟିବା କ୍ଷଣି ବତୁରାଇ ଦେବୁ; ନିଜପାଇଁ ଖଣ୍ଡେ ସୁନ୍ଦର ବ୍ଲାଉଜ୍ କରିବା ପାଇଁ ସୂତା କପଡା ବାଛିକରି କିଣବୁ, ଦେଖିବୁ ଯେମିତି ସେଥିରେ ମଣ୍ଡ ନ ଥିବ, ତା' ନହେଲେ ଗୋଟେ ଧୁଆରେ ଝୁଲି ପଡିବ; ଲୁଣି ମାଛକୁ ରାତିରୁ ବତୁରାଇ ରଖିଲେ ରନ୍ଧା ଠିକ୍ ହେବ; କିଏ କହୁଥିଲା ତୁମେ ସବୁ ରବିବାର ଗୀର୍ଜା ସ୍କୁଲ୍‌ରେ ସିନେମା ଗୀତ ଗାଉଛ ? ଠିକ୍ ଢଙ୍ଗରେ ଖାଇବୁ ଯେ ତୋ' ଖାଇବାରେ କେହି ନଜର ଲଗାଇବ ନାହିଁ; ରବିବାର ଦିନ ଅନ୍ତତଃ ସେ ବଜାରୁଣୀ ଢଙ୍ଗ ରଙ୍ଗ ଛାଡି ଭଲ ଘର ସ୍ତ୍ରୀ ଲୋକଙ୍କ ପରି ଚାଲିବା ଶିଖ୍; ରବିବାର ଗୀର୍ଜା ସ୍କୁଲ୍‌ରେ ଶସ୍ତା ଗୀତ ଗାଇବା ବନ୍ଦ, ସେ କୁଳ ଲଫଙ୍ଗା ଟୋକାଦଳ ସଙ୍ଗେ କଥାବାର୍ତ୍ତା ନାହିଁ । ସେମାନେ ରାସ୍ତା ଠିକଣା ପଚାରିଲେ ବି କିଛି ଉତ୍ତର ଦେବା ଦରକାର ନାହିଁ; ରାସ୍ତାରେ ଫଳ ଖାଇବା ଠିକ୍ ନୁହେଁ, ପଛେ ପଛେ ମାଛି ଉଡିବେ; ହେଲେ ମୁଁ ତ କେବେ ଗୀର୍ଜା ସ୍କୁଲ୍‌ରେ ଆଉ ସାରା ରବିବାର ସିନେମା ଗୀତ ବୋଲେ ନାହିଁ; ଦେଖ୍, କେମିତି ବୋତାମ୍ ଲଗାହୁଏ ଶିଖ୍; ଏଇ ଦେଖ୍ ,ଯେଉଁ ବୋତାମ୍ ଏବେ ଲଗାଇଲୁ ତାର କାଜ ଏମିତି ହୁଏ; ଶିଖ୍ ଲମ୍ବେଇ କରି ସିଲେଇ କଲେ ବାଗ ଲାଗେ, ତୋ'ର ଦିନରାତି ବଜାରୁଣୀ ଢଙ୍ଗରେ ମନ, ଠିକ୍ ଠାକ୍ ବାଗ ଶିଖ୍ ; ବାପାଙ୍କ ଖାକି ସାର୍ଟ ଏମିତି ଠିକ୍‌ରେ ଇସ୍ତ୍ରୀକର, କୁଞ୍ଚ ରହିବ ନାହିଁ, ବାପାଙ୍କ ଖାକି ପ୍ୟାଣ୍ଟ କେମିତି ବାଗରେ ଇସ୍ତ୍ରୀ କଲେ କୁଞ୍ଚ ରହିବ ନାହିଁ ଦେଖ୍ ; ବୁଟ୍ ଭେଣ୍ଡି ପଟାଳି କେମିତି ଲଗାହୁଏ- ଘରଠୁଁ ଦୂରକୁ ପଟାଳି କରାହୁଏ , କାରଣ ଭେଣ୍ଡିରେ ବେଳେ ବେଳେ ପିଂପୁଡି ବସା ବାନ୍ଧନ୍ତି, କନ୍ଦମୂଳ ଲଗାଇଲେ ବେଶୀ ପାଣି ମଡାଇବୁ, ନହେଲେ ତା'କୁ ଖାଇଲେ ତଣ୍ଟି ଗଲୁ କରିବ; ଘରକଣ କେମିତି ସଫା କରାହୁଏ ଦେଖ୍ ; ଏମିତିକା ପୂରାଘର ଓଳା ହୁଏ; ଅଗଣା ସଫା ଦେଖ୍; ଏଇ ଦେଖ୍ ଯାହାକୁ ବେଶୀ ପସନ୍ଦ କରୁ ନ ଥିବୁ , କେମିତି ବାଗରେ ହସିବୁ; ଶିଖ୍ ଯାହାକୁ ବିଲ୍‌କୁଲ ପସନ୍ଦ ନାହିଁ ତା' ଆଡକୁ କେଉଁ ବାଗରେ ହସିବୁ, ଆଉ ଏ ହେଲା ବାଗ, ଯାହାକୁ ପୂରା ପସନ୍ଦ କରୁଥିବୁ ତା' ଆଡକୁ କିପରି ହସିବୁ; ଟେବୁଲ୍‌ରେ ଚାହା ଜଳଖିଆ ଏପରି ସଜଡା ହୁଏ; ରାତି ଖାଇବା ପାଇଁ ଟେବୁଲ୍ ସଜଡା ବାଗ ବି ଦେଖିନେ; ବଡଲୋକ ଘରକୁ ଖାଇବାକୁ ଆସିଲେ ଟେବୁଲ୍‌କୁ ଏହି ପ୍ରକାରରେ ସଜାଇବୁ; ଦ୍ୱିପ୍ରହର ଖାଇବା ପାଇଁ ଟେବୁଲ୍ ସଜଡା ମଧ୍ୟ ଦେଖିନେ; ସକାଳ ଜଳଖିଆରେ ଟେବୁଲ୍ ସଜଡା ଏହି ପ୍ରକାରର; ଅଚିହ୍ନା ଲୋକଙ୍କ ଆଗେ ତୁମ ବ୍ୟବହାର ଏପରି ହେବା ଦରକାର; ତତେ ବାରବାର ମନା କରିଛି ବଜାରୁଣୀ ଢଙ୍ଗ ରଙ୍ଗ କଥା, ଏହି ବାଗ ଶିଖିଲେ ସେମାନେ ଜାଣି ପାରିବେ ନାହିଁ; ଦେଖ୍, ସବୁଦିନେ ନିଷ୍ଟୟ ପରିଷ୍କାର ହୋଇ ଗାଧୋଇବୁ , ପାଣି ନ ଥିଲେ ପଛେ ଛେପରେ ହେଲେ ମୁହଁ ପରିଷ୍କାର କରିବୁ ; ପାଦ ଉପରେ ଟେକି ହୋଇ ବସି ବାଟି ଖେଳିବୁ ନାହିଁ - ତୁ'ତ ଜାଣୁ ତୁ' ପୁଅପିଲା ନୁହଁ ; ଏଠୁ ସେଠୁ ଲୋକଙ୍କ ଫୁଲ ଉଠାଇ ନେବୁ ନାହିଁ-କ'ଣ ବେମାରୀ ଡେଇଁ ପାରେ ; କଳା ଚଢେଇକୁ ଟେକା ପକେଇବୁ ନାହିଁ, ସେଟା କଳା ଚଢେଇ ନ ହୋଇ ପାରେ; ଦେଖ୍ କେମିତି ପୁଡିଙ୍ଗ୍ ତିଆରି କରାହୁଏ; ଲାଉ ଦଅଣା ଏମିତି ତିଆରି ହୁଏ; ସିମ୍‌ଲା ମରିଚ ଦେଇ ଏମିତି ରନ୍ଧାହୁଏ ; ସର୍ଦ୍ଦି ଧରିଲେ ଦେଖ୍ କେମିତି ଭଲ ଔଷଧ ତିଆରି କରାଯାଏ; ପିଲା ରହିବା ପୂର୍ବରୁ ପିଲା ନଷ୍ଟ କରିବା ପାଇଁ ଜାମ ଦେବା ଔଷଧ ଏହିପରି ବନାଯାଏ; ଏମିତି ମାଛ ଧରାହୁଏ; ଯେଉଁ ମାଛ ପସନ୍ଦ ନ ଲାଗିବ, ତାକୁ ଏ ବାଗରେ କାଢି ପୁଣି ପାଣିକୁ ପକାଇଦେବୁ- ଏନିତି କଲେ ଆପତ୍ତି ବିପତ୍ତି ପଡିବ ନାହିଁ; ଶିଖ୍, କେମିତି ପୁରୁଷକୁ ସାବାଡ କରାଯାଏ ; ଜାଣିଥା', ଏହି ପ୍ରକାରରେ ପୁରୁଷ ତତେ ଦବଇବାକୁ ଚାହିଁବ ; ଶୁଣ୍, ପୁରୁଷକୁ କିପରି ଭଲ ପାଇବାକୁ ହୁଏ, ଏ ବାଗରେ ନ ହେଲେ ଆଉ ଅନ୍ୟ ଉପାୟ ଅଛି, ସେ ବି କାମ ନ ଦେଲେ, ଛାଡିବାକୁ ପଡିଲେ ମନ ଖରାପ କରିବାର କିଛି କାରଣ ନାହିଁ; ସଂସାରକୁ ଛେପ ପକାଇବାକୁ ମନ ହେଲେ, ଏମିତି ମୁହଁ ଟେକି ଥୁକିବୁ, ତେବେ ସହଳ ଘୁଞ୍ଚି ଯିବୁ, ତୋ' ଉପରେ ଫେରସ୍ତ ପଡିବ ନାହିଁ ; ଶିଖ୍, ଏପରି

ଗୁଜୁରାଣ ମେଣ୍ଟାଇବୁ; ପାଉଁରୁଟି କିଣିଲେ ସଜ ଅଛି କି ନାହିଁ ଜାଣିବାକୁ ସଦାବେଳେ ଚିପିକରି ଦେଖିବୁ; କହିଦେଲ ତ, କିନ୍ତୁ ଯଦି ଦୋକାନୀ ମତେ ପାଉଁରୁଟିକୁ ପରଖିବାକୁ ଦେବନାହିଁ, ତେବେ ? କ'ଣ କହିଲୁ, କ'ଣ କହିଲୁ, ତତେ ଏତେ ବଡେଇଲା ପରେ, ଏତେ ଶିଖେଇଲା ପରେ ତୁ' ଏମିତି ଗୋଟେ ମାଇକିନା ହେବୁଯେ ତତେ ଦୋକାନୀଟେ ରୁଟିଟାର ପାଖ ପଶିବାକୁ ଦେବ ନାହିଁ ?

୨-ଝିଅପିଲା

କ'ଣ କହିଲୁ, କିଲାସ ଉଠା ପରୀକ୍ଷାରେ ଫାଷ୍ଟେ ହେଲୁ , ହଉ ରାମାୟଣ , ମହାଭାରତ ପଢି ଜାଣିଲେ ହେଲା; ସର ଢଙ୍ଗ ରଙ୍ଗ ଛାଡ୍, ଇସ୍କୁଲ୍ ବନ୍ଦ - କିଲାସ ପାଇଁ ବଡ ଇସ୍କୁଲ୍ ବସ୍‌ରେ ଯିବାକୁ ହେବ, ପୁରୁଷ ଲୋକ ଗାଡି ଚଲାଇବେ, ମାଷ୍ଟ୍ରାଣୀ ଥିଲେ କ'ଣ ହେଲା ? ଘର ଯୋଗ୍ୟ ଝିଅ, ଘରେ ମନ ଲଗାଇବା ଶିଖ୍; ଆଲୋ ଘରେ ରହିଲୁ ଯଦି ଦିନ ଘଡିଏ ଯାଏଁ ଏ କ'ଣ ହିସାବ ? ବହିଟେ ସକାଳୁ ହାତରେ ଧରିଲେ ସଣ୍ଢଣା କ'ଣ ଶିଖିବୁ, କାମ କ'ଣ ଶିଖିବୁ ? ଦେଖ୍ ଭାଇକୁ କେମିତି ଜଳଖିଆ ବାଢି ଦେବୁ , ନ ହେଲେ ସେ ନଖାଇ ସ୍କୁଲ୍ ପଳାଇବ ; ଶିଖ୍, ଏମିତି ରାତିରୁ ତା' ଜିନିଷ ସଜାଡି ରଖିବୁ; ଏମିତି କାନି ଗୁଡେଇ କରି ଦେହ ଚାରିପଟେ ପକାଇବୁ , ସେ ଅଣ୍ଡିରା ଚଣ୍ଡୀମାନଙ୍କ ଗୁଣ ଶିଖି କାନି ଛାଡି ଦୁମ୍‌ଦୁମ୍ ଚାଲିବା ବନ୍ଦ କର; ହସ୍ ନା' - ଏତେ ହସିବା ଠିକ୍ ନୁହେଁ, ଦେଖ୍ ଝିଅପିଲା ମୁହଁରେ ଲୁଗା ଦେଇ ଧୀରେ ହସିବା କଥା, ଦାନ୍ତ ଦିଶିଲେ ଅନ୍ତ ଦେଖାଯିବ; ଆଲୋ , ଝରକା ବାଟେ ଏତେ ଆକାଶକୁ କାହିଁକି ଚାହିଁଛୁ, ଇସ୍କୁଲ୍ ନଗଲୁ ବୋଲି କ'ଣ ବସି ରହି ବାହାରକୁ ଝାଙ୍କିବା କଥା; ଦେଖ୍ କେମିତି ଜାଇ ରଗଡା ହୁଏ, ବିରିବଟା ହୁଏ ; ଆଲୋ , ଭୋକ କ'ଣ ! ସ୍ତ୍ରୀ ଲୋକଙ୍କୁ ଭୋକ ଲାଗିଲେ ଏମିତି ତୋରାଣି ଟିକେ ପିଇ ଚଳାଇବାକୁ ହୁଏ - ବାପ ଭାଇ ଆଗରୁ ଖାଇବା ଓଲେଇ ଢଙ୍ଗ ଛାଡ୍; ସଫାରେ ଅଳପ ପାଣିରେ କେମିତି ଗାଧୋଇ ହୁଏ ଦେଖ୍; ପୋଖରୀରେ ମିଣିପ ତୁଠ ପାଖରେ ଥିଲେ ଥାନ ଅଥାନ ଜଗି ଓଦା ଲୁଗା କେମିତି ବଦଳା ହୁଏ ଶିଖ୍; ମିଣିପେ ନ ଥିଲେ କେମିତି ପହଁରା ଶିଖିବୁ ଦେଖ୍; ବିପଦ ଆପଦରେ ପହଁରା କେମିତି କାମରେ ଆସେ ଦେଖ୍- ମାଇପି ଲୋକ, କେତେ କଥା ଜାଣିବା ଦରକାର, କେତେବେଳେ କ'ଣ ଲୋଡା ତିଆରି ଥିବା ଦରକାର; ଆଲୋ, କାବା ହୋଇଗଲୁ ନା କ'ଣ ମ ? କେତେ କେତେ ଆଖିରେ ଚାହିଁବା ଠିକ୍ ନୁହେଁ, ଅଚିହ୍ନା ଲୋକ ଭମା ହୋଇଜିବେ, ବଜାରୀ ଛତରାଙ୍କ ହାବୁଡରେ ପଡିଯିବୁ ; ଦେଖ୍, କେମିତି ମଦୁଆ ବଜାରୀଙ୍କୁ ଆଗରୁ ବାଟ କାଟି ରାସ୍ତା କଡରେ ଚାଲିବାକୁ ହୁଏ; ଶିଖ୍, କେମିତି ବାଛି କରି ପରିବା କିଣିବାକୁ ହୁଏ- ଠକ ଦୋକାନୀର ପୋକା ବାଇଗଣ ଆଡେଇ ଦିଆଯାଏ; ଶିଖ୍, ଅଳ୍ପରେ କେମିତି ସବୁଜିନିଷ କିଣି ଘର ଖର୍ଚ୍ଚ ଚଳାଇବାକୁ ପଡେ; ଘରେ କେମିତି ସବୁ ଜିନିଷକୁ ଆଦାୟ କରିବୁ ଦେଖ୍; ହାଣ୍ଡିରୁ କାଢି ରୋଷେଇ ଘରେ ଚାଖିବୁ ନାହିଁ, ହାଣ୍ଡି ଓଲେଇ କହିବେ; ବଜାରକୁ ଜିନିଷଟେ ଆସିଲେ ଥାଳିରେ ରଖି ଓଳିତଳେ ପଣତ କାନିରେ ଘୋଡେଇ କରି ମୁହଁ ବୁଜି ଏମିତି ଖାଇବୁ - ପୁରୁଷ ପିଲାଙ୍କ ପରି ହାତ ପୂରାଇ ଖାଇଯିବୁ ନାହିଁ; ମାଛ ବେସର ଶିଖ୍; ପୁରୁଷ ପିଲା ଗାଧୋଇବାକୁ ତେଲ ନେଇ ଗଲେ, କମ୍ ହେଲେ, ମାଛ ହଳଦୀ ପାଣି କିପରି କରାହୁଏ ଦେଖ୍; ଭାତ ଗାଳିବା ଶିଖ୍; ପେଜ ରଖି ପରେ କାଞ୍ଜି କରିବା ଶିଖ୍; ପେଜ ପଡି ପୋଡିଗଲେ ଆଳୁବାଟି କେମିତି ଲେପ ଦିଆହୁଏ ଶିଖ୍; ଡକ୍‌ତର ? ଆଲୋ ପୁଅଲୋକ ଦେହରେ ହାତ ଦେବ ? ମରିଗଲାଠୁଁ ବଡ ! ନିଜ ଚିକିତ୍ସା ନିଜେ ଶିଖ୍; ଅଳ୍ପ ତରକାରୀକୁ ଘରକର୍ତ୍ତା ପାଇଁ ଅଲଗାରେ ରଖି ସମସ୍ତଙ୍କୁ ଖୁସୀ କଲାପରି କିପରି ବଢାଯାଏ ଦେଖ୍ । କ'ଣ କହିଲୁ କାହିଁ ତରକାରୀ ରଖୁଛି, ଆଲୋ ଯେତେ କଳି କଲେବି ଠିକ୍‌ରେ ଖୁଆଇ ପିଆଇ ବରକୁ ଖୁସୀ କରି ରଖିବା ଶିଖ୍; ତୋ ବାପା ପାଞ୍ଚଦିନ କହି କେଉଁଆଡେ ଗଲେ କ'ଣ ହେଲା, କେବେ ଆସି ପହଞ୍ଚିଗଲେ ସବୁ ଜିନିଷ ସଜାଡି ରଖିଥିବା ଦେଖ; ତୋଟାରୁ ଗଛ କଞ୍ଚା ଡାଳ ଲଟ ନ ଭାଙ୍ଗି ଶୁଖିଲା ପଡିଥିବା ପତ୍ର ଡାଳରୁ ଜାଳ ଚଳାଇବା ଶିଖ୍; ଯାହାତାହା ସଙ୍ଗେ କଥା ନ ହୋଇ ଲୁଗାପଟା ଚଉତିବା ଶିଖ୍; ସଂଧ୍ୟାହେଲେ ବିଛଣା ଚଦର କେମିତି ମୁଁ ସଜାଡୁଛି କାହିଁ ଦେଖୁଛୁ, କ'ଣ ନା କାହିଁ ପାଞ୍ଚ ଦିନ ହେଲା ଆସି ନାହାନ୍ତି ? ଆଲୋ, ଏମିତି ଅପେକ୍ଷା କରିବା ଶିଖ୍; ସଂଧ୍ୟାଦୀପ କେମିତି ଚଉରାମୂଳେ ଦିଆହୁଏ ଶିଖ୍; ଦିଅଁଙ୍କ ଘରେ କେମିତି ସଂଧ୍ୟା ଦେବା ଶିଖ୍; ହାଁ ହାଁ, ଛୁ'ନା ଛୁ'ନା, ମାରା ହୋଇଯିବ, ଏବେ ତୋ' ଦେହ ଅସଜ ବେଳେ ମନା, ଲୁଗା କାଚିଲୁ, ପତଳାକରି କୁରାଢୀରେ କାଠ ଚିରିଲୁ- ସେ ମନା ନାହିଁ । ସ୍ତ୍ରୀ ଲୋକ ଲୁଚେଇ ଦା' କୁରାଢୀ କେମିତି ଚଳାହୁଏ ଶିଖିବା ଦରକାର, କେତେ ବେଳେ କେଉଁ କଥା ; ଶାଶୁଘରେ କେହି ସାହା ନହେଲେ ବି , ମରଦ ମାସେ ଅଧେ ବାହାରେ ବୁଲିଲେ ବି , ସାହି ଛତରା ନଜର ପକେଇଲେ ବି ନିଜ ଟାଣ ରଖି କେମିତି ଚଳିବା ସିଖ୍; ଜହ୍ନ ଆଡେ ନ ଚାହିଁ କେମିତି ଝୋଟି ପକାଉଛି ଦେଖ୍, ହେନା ଫୁଲ ବାସ୍ନାକୁ ନାକ ନ ଦେଇ ତରକାରୀ କଷା ବାସ୍ନା କେମିତି ଜାଣିବ ଦେଖ୍, ସମସ୍ତେ ଖାଇ ଶୋଇଲା ପରେ ବଳିବା ଖାଇ ଏମିତି ଶୋଇବା ଦେଖ୍; ନିଦ ନ ଲାଗିଲେ କାନ୍ଦ ମାଡିଲେ, ଏମିତି ଟିକେ ଝରକା ଖୋଲି ଜହ୍ନକୁ ଟିକେ ଦେଖି ଫୁଲର ବଳକା ବାସ୍ନାକୁ ଏମିତି ଶୁଙ୍ଘି ନିଜକୁ ନିଜେ ଧୀରେ ଗୀତ ଗାଇ କେମିତି ଶୁଆ ହୁଏ ଦେଖ୍; ମା' ଘର ମନେ ପଡିଲେ କିଛି ଅନିଦା କିଛି ସପନ ଦେଖି ଏମିତି ଶୋଇବା ଶିଖ୍; କ'ଣ କହିଲୁ ବାଡି ପଟକୁ ଯିବାକୁ ଡର ଲାଗୁଛି, ମୁଁ କ ଣ ସବୁଦିନ ଲଣ୍ଠନ ଦେଖାଇବାକୁ ଥିବି; କ ଣ କ ହିଲୁ ଅଲକ୍ଷଣୀ, ଏତେ ତିଆରିଲା ପରେ ଏତେ ଗାଳି ଦେଲା ପରେ କ ହୁଛୁ ମତେ ଛାଡି କୁଆଡେ ଯିବୁନି; ଦେଖ୍ ଝିଅ ଜନମ ପର ଘରକୁ ଏ କଥା ଶିଖ୍; ସଂସାର କରିବୁ, ପିଲା ପାଳିବୁ, ମା' ହୋଇ ଘଣ୍ଟ ଘୋଡାଇ ରଖିବାକୁ ଶିଖ୍; ଧଇର୍ଯ୍ୟ ରଖିବା ଶିଖ୍; ପୁରୁଷେ ଆସୁଥିବେ ଯାଉଥିବେ, ସେମାନେ କ'ଣ କିଛି କାମର, ଘର ତୋର, ସାରା ସୃଷ୍ଟିକୁ ଦାୟିତ୍ୱରେ ଚଳାଇବା ଶିଖ୍ ।

ଶକ୍ତି - ୩

"ଇତେରନ୍ତେ ହ୍ବେ୍ୟ କାମ୍ୟେ ଚନ୍ଦ୍ରେ ଜ୍ୟୋତେ

ଅଦିତେ ସରସ୍ୱତି ମହି ବିଶ୍ରୁତି ।
ଏତୋ ତେ ଅଘ୍ନେ ନା ମାନି
ଦେବେଭ୍ୟୋ ମା ସୁକୃତଂ ବୃତାତ୍"
( ଯଜୁର୍ବେଦ-୮, ୪୩ )

"ହେ ନାରୀ ! ହେ ସ୍ତୁତି ଯୋଗ୍ୟ, ରମଣୀୟା, ଆହବନୀୟା, କମନୀୟା, ଆହ୍ଲାଦ ଦାୟିନୀ , ଜ୍ୟୋର୍ତିମୟୀ, ଅବିନାଶିନୀ, ବିଦୁଷୀ, ମହତୀ, କୀର୍ତ୍ତିମୟୀ ! ତୁମର ଏହି ସବୁ ନାମ । ହେ ଅହିଂସନୀୟେ ! ଉତ୍ତମ ଜୀବନ ପାଇଁ ମୋତେ ଉତ୍ତମ କର୍ତ୍ତବ୍ୟ କର୍ମ କୁହ ।"

ମୋ' ଶାଶୂଙ୍କ ବର୍ତ୍ତମାନ ପ୍ରାୟ ୭୩ ବର୍ଷ । ତାଙ୍କୁ ଆଣ୍ଟିଗୁଆ ( ୱେଷ୍ଟିଣ୍ଡିଜ୍ ଦ୍ୱୀପପୁଞ୍ଜ )ରେ ଜନ୍ମିତ ଏବଂ ବର୍ତ୍ତମାନ ଆମେରିକାର ପ୍ରସିଦ୍ଧ ପତ୍ରିକାର 'ଦି' ନ୍ୟୁୟର୍କର 'ରେ ଲେଖିକା ହିସାବରେ କାମ କରୁଥିବା ଶ୍ରୀମତୀ ଜାମାଇକା କିନ୍‌କେଡ୍‌ଙ୍କ ରଚିତ, 'ଗାର୍ଲ'-'ଝିଅ' ଗପଟି ପଢ଼ି ଶୁଣାଇଲି । ଓଡ଼ିଆ ସଂସ୍କୃତିର ପ୍ରତିଫଳନରେ ଏହିପରି ଘଟଣା ଗୁଚ୍ଛ ବଖାଣିବାକୁ ବିନୀତ ଅନୁରୋଧ କଲି; ପାଠକ ମାନେ ବାସ୍ତବ ଜୀବନରେ ଏକ ନିଚ୍ଛକ ବର୍ଣ୍ଣନାରେ ଆଣ୍ଟିଗୁଆ ସଂସ୍କୃତିର ଗନ୍ଧକୁ ଗଭୀର ଭାବେ ଅନୁଭବ କରି ପାରିବେ ବୋଲି ଭାବିଲି ! ଶାଶୂ କିଛି ସମୟ ଚୁପ୍ ରହିଲେ, କେତେ କଥା କହିଲେ, ଅଧା ମଝିରେ ଅଟକି ଯାଇ କହିଲେ, "ଏ କଥା ସତରେ ତୁମେ ଲେଖିବ ? ଏବର ପିଲା ବିଶ୍ୱାସ କରିବେ ନାହିଁ । ଯୁଗ ବଦଳି ଗଲାଣି । ଆମେ କେତେ ଆକଟରେ ବଢ଼ିଥିଲୁ ! ତେବେ ଏ ଗପ ସବୁ ତଳେଇ ବିଚାରିଲେ ଏବେ ବି ସତ । ଝିଅ ଜନମ ଏବେ ବି କଷ୍ଟ ! ମା'ମାନଙ୍କୁ ସଂସାର କେବେ ଟିକେ ସୁଖ ଦେଇ ଶିଖିବ । ସେ ଦିନ ଯାହାଙ୍କ ଲେଖା ପଢ଼ିଥିଲଟି ? ଆଇଡାକ୍ ସିଙ୍ଗର୍- ୟୁହୁଦୀ ଜାତିର ଉନ୍ନତି ସେ ଜାତିର ମା' ମାନଙ୍କ ଧର୍ମ ରକ୍ଷାଯୋଗୁଁ ସମ୍ଭବ ବୋଲି ଏତେ ବଡ ଲେଖକ କହିଛନ୍ତି । ମତେ ସିନା ମୋ' ବୋଉ ସାତ କ୍ଲାସର ପଢ଼ା ଛଡାଇ ଦେଲା । ତୁମ ଶଶୁର ଘରେ ଲାଇବ୍ରେରୀ ରଖିଥିଲେ - ବାହା ପରେ ସଭିଁଏ ଦ୍ୱିପରେ ଶୋଇଗଲେ ମୁଁ ସୁବିଧାରେ ଅନେକ ବହି ପଢ଼ି ପକାଇଥିଲି ।..."

( ସଂପ୍ରତି ଦିଲ୍ଲୀରେ ରହୁଥିବା ଭାରତୀୟ ପ୍ରଶାସନିକ ବିଭାଗର ବରିଷ୍ଠ ଅଧିକାରୀ ଶ୍ରୀ ହୋତା ନିକଟ ଅତୀତରେ 'ଯୁଗଳବନ୍ଦୀ' ନାମରେ ଏକ ଗଳ୍ପ ସଂକଳନ ପ୍ରକାଶ କରି ଓଡ଼ିଆ ସାହିତ୍ୟରେ ଅନୁବାଦ ଓ ମୌଳିକ ସୃଷ୍ଟିର ଏକ ମଧୁର ସମନ୍ୱୟ ଆଣି, ଓଡ଼ିଆ ପାଠକଙ୍କୁ ନୂତନ ସ୍ୱାଦ ଚଖାଇଛନ୍ତି । ତାଙ୍କର ଅନୁମତି କ୍ରମେ ଏ ଗଳ୍ପଟରି ପୁନଃପ୍ରକାଶନ କରାଯାଇଛି - ସଂପାଦକ )

## When the Rain Came Thundering Down

***Srikanta Mishra***

*This semi-autobiographical story of Srikanta a definitely a glorification of Platonic love! Let us see how he finally reaches his beloved. -Editor*

"Ladies and gentlemen, the captain has indicated our final descent into the Seattle area. Please make sure your seat belt is securely fastened, your seatback and tray tables ...."

The syrupy voice of the flight attendant drones on, waking me from my reverie. The cabin crew is scurrying back and forth the aisle, making a final pass at trash collection. As I look out the window, the majestic visage of Mt. Rainier comes into view. I marvel at the glorious interplay of colors created on the snow-capped mountain by the rays of the setting sun. A stray cloud suddenly engulfs us in its milky embrace, and when we emerge the nose wheel of our aircraft is almost ready to kiss the tarmac.

An hour later, I am fighting rush hour traffic headed north on Interstate 5. I am in town for a few days to attend a conference, and also to visit Jayant. My mentor in the debating club, quiz team and sundry such "literary" activities during our undergraduate days in India. Jayant, Stanford MBA and VP of marketing for a profitable biotech company, the husband of Purnima and father of little Priya. My good old friend, whom I haven't seen in years. We have set up a date for dinner the night I will be leaving.

A few days later, I find myself ringing the doorbell of Jayant's house, with an Elmo plush toy and a bottle of chilled California Riesling. When the door opens, it reveals a partially wet and disheveled Jayant who promptly grabs me in a bear hug. "So, *Masterji*, welcome to Seattle! Come in, come in. Purnima and I are giving Priya a bath, and should be done shortly. Why don't you sit down and relax, while my cousin Archana keeps you company?"

Jayant dashes off upstairs before I can say a word, and a young woman clad in jeans and a University of Washington t-shirt comes out from the kitchen area. An awkward silence reigns for a moment, before I introduce myself.

"Hi, I am Prakash – an old friend of Jayant."

"Hello," she replies. "I am Archana, his cousin. Please, have a seat."

Both of us sit down, and struggle through our impromptu opening gambits.

"So, what are you studying at UW?"

"I'm a graduate student in the Biochemistry department".

"How long have you been in Seattle?"

"This is my fourth year. My original goal was to do a PhD in Chemistry, but then a couple of years later, I changed my major to Biochemistry."
"You must be close to finishing your masters then."

"Yes, I graduate in a few months, at the end of summer."

The going is tough. Fortunately, Jayant et al. decide to re-enter the scene. Priya comes bouncing down the stairs until she sees me and immediately hides behind her mother. I stand up to get a hug from Purnima. Priya takes the Elmo toy, and says "Thank you, welcome" all in the same breath. Then she loses interest in me and goes over to Archana. Purnima inquires about my trip, comments on the few pounds I have put on since we last met, and urges everyone to move to the dinner table.

Purnima has made chicken enchiladas with a black bean sauce. I compliment her on the dish. The Riesling I brought goes well with Purnima's spicy creation, and Jayant approves of my choice. Archana eats quietly and sips her wine sparingly, exchanging an occasional word with Purnima, while Jayant and I catch up with each other's happenings. Jayant's company has been doing well, and its stock has seen a sharp uptick over the last month because of rumors that a major drug company might acquire them. Jayant is sanguine about such prospects. I get the feeling that he would prefer to forego the potential near-term bonanza and remain a big fish in his small pond.

Unlike Jayant's business-savvy post-graduation strategy, I have taken the academic route – completing my PhD in Operations Research and then accepting a faculty position at the University of Pittsburgh. The last four years have been busy developing new course materials, writing grant proposals and research papers, and generally burning the midnight oil in search of that holy grail of the young academic, the tenure. However, I just won a big NSF grant and had several papers published in prestigious journals. My plans are to apply for tenure a year ahead of schedule in the coming Fall. Jayant is very happy to hear all this. He has known about my academic aspirations since the time we were undergraduate students – hence his nickname for me, *Masterji*.

After dinner, we clear the table and stack the dishes in the sink while Jayant loads the dishwasher. In a few minutes, Priya is also ready to be taken upstairs by her parents. Purnima wants Archana to make some coffee and also thaw the cheesecake which is in the freezer. Archana busies herself in the kitchen, while I pick up a copy of *The Economist* from the magazine rack and flip through its pages. Dinner was excellent, and it has been nice seeing Jayant and his family. But my thoughts keep going back to Archana. There is a sense of déjà vu, as if I have seen her somewhere before – although I cannot quite remember when or where.

Purnima and Jayant are back. We take steaming mugs of coffee and slices of cheesecake into the family room, and talk about this and that. Purnima is a part-time social worker. She is very low-key by nature, and the horrors that she encounters during her work seem to be giving her a sense of detachment. Jayant is the perfect complement

– extrovert, talkative, enjoying every minute of life no matter what cards he is dealt with. He picks on Archana a lot, trying to provoke her with seemingly outrageous comments about her university, her love of Hindustani classical music, her new hairstyle – anything to get her riled. I admire Archana's composure as she steps away adroitly from each minefield. A smile flits through her face every now and then when she figures she has the better of the exchanges. A dimple comes and goes from her left cheek. In between talking to Purnima about how Priya is growing up, I try hard not to stare at Archana's pretty profile. I get the feeling that this brother-sister act is being engineered by Jayant for my benefit. Not that I want to complain, as it inadvertently provides glimpses into Archana's personality.

The jangle of the telephone interrupts our tranquil scene, and Jayant picks up the phone. The news from the other side is clearly disturbing. Jayant's face is ashen as he mumbles "My God, when did this happen?" He listens for a little while, abruptly says "I'll come over immediately," and hangs up. Turning to us, he says, "My boss had a sudden heart attack. I'll have to go the hospital." Purnima wants to go with Jayant. Archana volunteers to stay the night to keep an eye on Priya. Jayant apologizes for having to run out on me. I have a couple of hours to kill before heading for the airport to catch my red-eye flight, and both Purnima and Jayant insist that I spend those hours relaxing in their house rather than at the airport. I hesitate, not knowing how to handle being thrown together with Archana like this, alone, late at night. No one else seems to mind, though. So it is settled.

It is turning nasty outside as Jayant and Purnima leave. Flashes of lightning bounce off the distant mountain ranges. The wind has picked up quite a bit in the last hour or so. I step out onto the patio to get a feel for the impending thunderstorm. Big raindrops come splattering down the rooftops. Archana joins me on the patio, and like Wodehousian characters struggling to break the ice, we start talking about the weather.

"I thought the only kind of rain seen in Seattle is a slow and steady drizzle."

"That is normally the case. In fact, I have seen only a few thunderstorms as bad as this during the last few years."

"It almost reminds me of the monsoons back in India," I say with a touch of nostalgia in my voice.

We watch sheets of water come cascading down, accompanied by thunder and lightning. The wind changes its direction often, looking for something more pliable than the last object it encountered. As I observe this sudden fury of nature, the answer to the question that has been lingering in my mind since dinner suddenly comes to me.

"*Garajata barasata sawana aayo re,*" I murmur, almost to myself.

"Sorry?" Archana says, trying to figure out this cryptic statement.

"You were singing this song the first time I saw you," I explain.

Archana is completely taken aback with this revelation. She flounders for an answer, without much success. "Where?" she mumbles, blankly staring at me.

"It was almost, what, eight years ago. You were singing this song in the light classical competition at the Springfest of your Institute. Don't you remember?"

"What were you doing there?"

"I was there with our quiz team."

"How did your team do?"

"We drew the table between St. Xavier's and Marine Engineering College, who finished first and second. Considering that, our fourth place finish wasn't too shabby. What about you?"

"I think I came second," she replied, trying to relive those memories. "I was only a fresher then, you know".

We are both silent for a while, trying to digest the significance of my remembering this chance event from almost a decade ago.

"Your memory is amazing," Archana says. I can see that she is also pleased.

"Did you have a pink *salwar-kameez* then?" I ask, digging some more into my memory banks. Archana is stunned.

"It was my favorite outfit," she replies in a whisper, as if she is talking to herself. Slowly, she walks inside to the kitchen, pours herself a glass of water, and comes back sipping from her glass. Almost as an afterthought, she asks me, "Would you like something to drink?"

"No, thanks. I am fine."

The rain is still heavy, although the wind has subsided some. We continue standing side-by-side on the patio in companionable silence, watching the night sky punctuated by lightning strikes. Our inner feelings are in a whirlwind, in sync with the chaos reigning outside. The rumble of the garage door opener breaks our trance, and we turn to see Jayant and Purnima walk into the house. We step inside and join them.

"That was rather quick," I say.

"The hospital is only a mile away from our house," explains Jayant.

"How's your boss?"

"He appears to be in stable condition. They will operate on him first thing tomorrow morning. What have you two been up to?"

"Oh, nothing much. Just talking about this and that," I reply, trying to sound suitably nonchalant. I look at my watch. "I should get going. It was really wonderful seeing you guys. Now you should seriously think about paying me a visit."

Purnima smiles, as Jayant says "Not until you get married. We want real hospitality, you know, none of your *altu-faltu* bachelor stuff."

Farewell time. Before stepping out the door, I turn to Archana and tell her "It was very nice to meet you. I hope our paths will cross again." She smiles back in reply. Jayant unfolds a huge umbrella and walks me out to the car. As I get in, he slaps my back, and says in a hideous Genie-of-the-Lamp type Arabic accent, "Be careful what you wish for, my friend, for it might come true."

I am back in my digs, with thoughts of Archana swirling in my head. I have a feeling she will not mind hearing from me again. A little Google-aided sleuthing on the web uncovers her e-mail address at UW. I fire off a short e-missive and anxiously wait for her reply. It takes a few days before that happens. Archana is indeed happy to be in touch. And so begins our version of "You've Got Mail."

I write to Archana about my life in the old steel city at the confluence of the three rivers, now in the throes of revitalizing itself. She talks about her Hindustani music club with an American tabla player and a fellow Indian sitar novice. I am all praise for the Ethiopian food I had during my last trip to Washington. She describes how the lamb curry she cooked for the departmental potluck lasted all of five minutes. We are like fencers, subtly probing each other's lives, trying to explore the nooks and crannies of the inner persona. I have rarely experienced such extreme emotions. There is the joy of developing a relationship with an intelligent, articulate and multi-faceted young woman. There is also an unreasonable fear of losing her, perhaps to someone in close proximity.

A couple of months go by. Archana writes to tell me that she has accepted a 1-year research position at her current lab. I mull over the significance of this announcement. She came to the US four years ago, and has just completed her studies. Ergo, her parents must be seriously thinking about her marriage. What if she has decided to marry someone on her own? Scratch that thought, I tell myself, for Jayant would have definitely navigated you away from his cousin under that scenario. So Archana is committed to staying at UW for a year. And, in a year, I will most probably be tenured at my current university. The path forward is suddenly clear to me. Tomorrow, this is how I'll reply to Archana's e-mail.

"Will you think about coming to Pittsburgh?" I will ask.
"When should I come?" she will respond.
"As soon as you finish your 1-year contract," I will reply back.

"How should I come?" she will want to know.

"Flying is the obvious choice. But I would recommend taking Amtrak's *Empire Builder* from Seattle to Chicago, and then connecting with the *Pennsylvanian* to Pittsburgh. It will probably take you four days, but you get to see wonderful views of the great American landscape," I will advise.

"Why should I come?" will be her final question.

"There is an old Chinese saying about how the journey of a lifetime begins with a small step," I will say. "I would like you to come to Pittsburgh so that we may take that step together."

I hope she will say yes. I want her to say yes. And I am looking forward to sharing that journey with her, in sickness and in health, in poverty and in wealth, in sunshine and in rain - especially when the rain comes thundering down. She might even sing "*Garajata barasata sawana aayo re.*"

*(Srikanta Mishra, an engineer lives in Austin, TX.
This semi-autobiographical story was a finalist in the 2001 Spring Romance Contest organized by Sulekha.com -- a popular online community for Indians worldwide.)*

# ଆତ୍ମ ଉପଲବ୍ଧି

- ତାପସ ରଞ୍ଜନ ସାହୁ

ଛୁଇଁ ନହେବାର ଦୂରତ୍ୱରେ ସେ ପହଞ୍ଚିବ । ପହଞ୍ଚି ନ ହେବାର ଉଚ୍ଚତାରେ ସେଇ ଦୂରତ୍ୱ, ସେଇ ଉଚ୍ଚତାରୁ, ସେ ସମସ୍ତଙ୍କୁ ଦେଖିବ, ପରଖିବ । ବିଶ୍ୱାସର ସୂର୍ଯ୍ୟ ସେ ଜଳିବ । ଚିହ୍ନା ଦେବନି କି ଛୁଆଁ ଦେବନି । ବହ୍ନିଭେଦ କରି କେହି ଦେଖିବ ତ, ଦରତ୍ୱରୁ ଜହ୍ନିପରି କେ ହିଛୁଇଁବତ, ପରୋକ୍ଷରେ ।ସେ ଚିହ୍ନିବ ତା' ର ପୂର୍ଣ୍ଣ କ୍ଷମତାର ପରିଧିକୁ। ଉପଲବ୍ଧି କରିବ ବିଭବ ଶୀଳତାର ପରିସରକୁ । ସେଇ ଉପଲବ୍ଧି ଆଣିଦେବ ଉନ୍ମାଦନାର ଏକ ବିଦ୍ୟୁତ୍ ପ୍ରବାହ । ନିଜକୁ ଚିହ୍ନିବାରେ ଲାଗିପଡିବ ସେ ।

ବର୍ତ୍ତମାନର ଅଧିକାଂଶ ଯୁଦ୍ଧରେ ସେ ହାରିଯିବ, ସେ ଜାଣେ । ଯେଉଁଠି ଜିତିବ ସେଇଠି ଲଢିବ କେବଳ । ଯେଉଁଠି ପ୍ରତିକ୍ଷପ ଦୁର୍ବଳ ମନେହେବ, ସେ'ଠି ସେ ଅଧିକ ଶକ୍ତି ଲଗାଇବ । ଫଳରେ ବିଜୟ ହେବ ଅଧିକ ସୁଦୃଢ଼ । ସେଇ ଦୁର୍ଗ ଉପରେ ସେ ଗର୍ବର ସହ ଠିଆ ହେବ । ସେଇଠି ଥାଇ ଲଢିବ । ଯେଉଁଠି ପରାଜୟ ନିଶ୍ଚିତ, ସେ'ଠି ସେ ନିଜ ସହ ଲଢିବ । ଧୂଳିରେ ହଜିବ, ବର୍ଷାରେ ଭିଜିବ; ନିଜ ବହ୍ନିରେ ନିଜକୁ ପରଖିବ । କଷଟି ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହେବ ତ ବାହରକୁ ଆସିବ; ଶତ୍ରୁସହ ଲଢିବ । ଲଢେଇ ଚାଲିବ ଅନନ୍ତ କାଳଯାଏ । ସୂର୍ଯ୍ୟରୁ ସେ ବଢିବ । ଆହୁରି ଦୂରକୁ, ଆହୁରି ଉପରକୁ ।

ଭବିଷ୍ୟତର ଅଧିକାଂଶ ଯୁଦ୍ଧରେ ଯେମିତି ସେ ଜିତିବ । ତାଭିତରେ ବିଭିନ୍ନ କିସମର ଉପାଦାନ ଅଛି । ସବୁଗୁଡିକ ନିଜ ନିଜ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ସ୍ତରର । ସେ ଅନେକ ଲଢୁଆ ଦେଖିଛି । ଆଜି କାଲି ସମସ୍ତେ ଛାତି ଫୁଲାଇ ଚାଲନ୍ତି । ସେଥିରୁ ତାକତ କଳି ହୁଏନି । ପଂଝା ଲଢାଇରେ ଅନୁମାନ କିଛିଟା ପକ୍କା ହୁଏ । ଶିଂଘରେ ମାଟି ଚାଡିଲେ ହିଁ ସବୁ ଜଣାପଡେ । ଯିଏ ମାଟି ଚାଡିଛି ସେ ନିଜ ଶକ୍ତି ଜାଣିଛି । ହେଲେ ମାଟି ଚାଡୁଛି ବା କିଏ ? ସେ ଯେବେଠୁ ମାଟି ଚାଡିଲାଣି ସେବେଠୁ ଦେଖୁଛି ତା ଆଗରେ ଠିଆ ହେଲାଭଳି ମୁଣ୍ଡ ବହୁତ କମ୍ । ତା' କୁ ଘେରିଥିବା ଲୋକଙ୍କଠାରୁ ସେ ଅନେକ ଆଗରେ । ଦୟା ଲାଗେ ସେମାନଙ୍କୁ ଦେଖି । ଅଳ୍ପ ପାଣିରେ ଲାଞ୍ଜ ପିଟି ସମୁଦ୍ରରେ ପହଁରୁଥିବାର ଘୋଷଣା କରୁଥିବା ଶୁଣି ହସ ଲାଗେ ଶିଡିର ପ୍ରଥମ ପାହାଚ ପରି ଉଚ୍ଚତା ସେମାନଙ୍କର । ବିଚାର କୂପ ମଣ୍ଡୁକର । ବଡଅସହାୟ ମନେ ହୁଅନ୍ତି ସେମାନେ ତା' ଆଖିରେ । ସହାନୁଭୂତିର ବୀଜଟିଏ ଅଙ୍କୁରିତ ହୁଏ ତା' ହୃଦୟରେ । ଯାହା ଜୀବନ୍ତ କରାଇଦିଏ ତା'ଭିତରର କଂପ୍ଲେକ୍ସକୁ । ତା' ଭିତରେ କଂପ୍ଲେକ୍ସଟିଏ ଅଛି । ସ୍ପର୍ଶକାତରତାର ଭୟଙ୍କର କଂପ୍ଲେକ୍ସଟେ । ଅନ୍ଧକାରରେ ସଢୁଥିବା ଲୋକଙ୍କୁ ସେ ଆଲୋକ ଦେଖାଏ । ଆଲୁଅରେ ମୁହଁ ଚିହ୍ନିହୋଇଯାଏ । ଭିତରଟା ସେମିତି ଅନ୍ଧାରିଆ ଥାଏ । ତା' ଆଲୁଅ ସେଠି ପହଞ୍ଚିପାରେନା । ସେଇ ଅନ୍ଧାରରେ କିଛି ମୁକ୍ତା ଭଳି ଜିନିଷ ଥିବାଭଳି ସେ ଭାବୁଥାଏ । ଯାହାକୁ ଛୁଇଁବ ଛୁଇଁବ ବୋଲି ସେ ଅହରହ ଖୋଜୁଥାଏ; ଛୁଇଁଲାଭଳି କିଛି ତାକୁ ମିଳେନା । ଛୁଆଁ ହେବନି ହେବନି ସେ ଦୂରେଇ ରହୁଥାଏ; ଅତି ସହଜରେ କିନ୍ତୁ ଛୁଆଁ ହୋଇଯାଏ । ଛୁଆଁ ହେବାରୁ ଦୁର୍ବଳତା ଆସେ । ଦୁର୍ବଳତା ରୁ ହାରିଯିବାର ଭୟ । ସେ ନିଜ ଭିତରକୁ ପଶିଯାଏ । ନିଜ ସହ ଲଢେ ।

ଅନ୍ଧାରରେ ଥିବା ଲୋକମାନଙ୍କୁ ସେ ଆଲୋକ ତଥାପି ଦେଖାଇବ । ଜହ୍ନପରି କୋମଳ ହେବନି ତା' ଆଲୋକ । ଆଲୋକରେ ମତୁଆଲା ହେବାର ନିଶା ରହିବନି । ରହିବ ଜଳାଇ ଦେବାର ଶକ୍ତି । ଯିଏ ଜଳିପାରିବ, ସେ ବାହରକୁ ଆସିବ, ଛୁଇଁବ । ଯିଏ ନ ପାରିବ ସେ ଅନ୍ଧାରରେ ସଢିବ । ଯିଏ ଛୁଇଁବାର ଅପଚେଷ୍ଟା କରିବ, ସେ ଭସ୍ମ ହୋଇଯିବ । ତା' ଉତ୍ତାପ କମିବନି; ସେ ଦୁର୍ବଳ ହେବନି; ସୂର୍ଯ୍ୟପରି ଜଳିବ । ତା'ର ଏ ଅଭିନବ ଲଢେଇରେ ସେ ହେବ ଏକାକୀ ସୈନିକ । ନିର୍ବିକାର ହେବ, ସାଧକ ସେ । ଶୈଳୀ ଏକାନ୍ତ ମୌଳିକ; ଲକ୍ଷ୍ୟ ନୂତନତ୍ୱ । କୌଣସି ଅପମିଶ୍ରଣକୁ ସେ ପ୍ରଶୟ ଦେବନି । ଏ ଲଢେଇ କେବେ ସରିବ ଜଣାନାହିଁ । ତା' ପୂର୍ବରୁ ହୁଏତ ସମୟ ସରିଯିବ । ନେପଥ୍ୟରୁ ଅହରହ ଗରିଲା ଯୁଦ୍ଧରେ ମାତିଥିବା ସମୟ ତା'କୁ ଧ୍ୱଂସ କରିବା ପୂର୍ବରୁ ସେ ନିଜର ସମସ୍ତ ଦୁର୍ବଳ ଅଙ୍ଗକୁ ନିଜେ ଧ୍ୱଂସ କରିଦେବ । ଲଢେଇ ପରେ ଲଢେଇ ଜିତିବା ତା' ର ସାମୟିକ ଲକ୍ଷ୍ୟ । ସୂର୍ଯ୍ୟର ଉଚ୍ଚତାରେ ପହଞ୍ଚିବା ତା'ର ଅନ୍ତିମ ଲକ୍ଷ୍ୟ ନୁହେଁ । ଅଛୁଆଁ, ଅଦେଖା ରହିବାର ଚିରନ୍ତନ ଦୂରତ୍ୱ ତା' ଅନ୍ୱେଷଣର ଅନ୍ତ ।

ସମୁଦ୍ରର ବିଶାଳ ବକ୍ଷରେ ସେ ପହଁରିବ । ଗଭୀରତା ଚିହ୍ନିବ ରଙ୍ଗରୁ, ତରଙ୍ଗରୁ । ଅଗଭୀରତା ପୃଷ୍ଠକରେ ତରଙ୍ଗ। ସେ ଲହରୀକୁ ଡରିବନି ଗଭୀରତା ତା' ର ଅନ୍ୱେଷଣ । ଗଭୀରତା ଅବିଚଳିତ ସ୍ଥିତିର ପ୍ରତୀକ ; ଧ୍ରୁବ ସ୍ଥିରତାର ପ୍ରତୀକ । ସାଗର ଗଭୀରତମ ଅଂଶ ସେ ଖୋଜି ପାଇବ । ବୁଡିବ ଭିତରୁ ଭିତରକୁ । ଆବିଷ୍କାର କରିବ ଭିତରର ସମସ୍ତ ଗୋପନ ତଥ୍ୟ । ନଭଶ୍ଚୁମ୍ବୀ ପର୍ବତର ଶିଖରରେ ସେ ପହଞ୍ଚିବ । ବିଶାଳତାକୁ ଆବୋରିବ । ମେଘର ସଂସ୍ପର୍ଶରୁ ପାଇବ ଦୃଢତ୍ୱ, ଔଦାସ୍ୟରୁ ଶିଖିବ ସଂଯମ । ଆକାଶର ଅନନ୍ତ ବିସ୍ତୃତିରୁ ନେବ ଉଦାରତା; ସବୁଜିମାରୁ ସ୍ଥିତିସ୍ଥାପକତା । ବଢାଇବ ଜ୍ଞାନର ପରିସର ।

ପାରିପାର୍ଶ୍ୱିକ ଘଟଣାବଳୀ ପ୍ରତି ସେ ନିର୍ବିକାର ରହିବ, ଋଷିପରି । ଗବେଷଣା ତା' ର ଚାଲିବ ଗୋପନରେ । ଆତ୍ମ-ଉପଲବ୍ଧିର ଏ ଦୀର୍ଘ ଯାତ୍ରାରେ ସେ ହୁଏତ ଭେଟିବ ଅନେକ ପ୍ରତାରଣାର ଦୋ'ଛକି । ମଝି ରାସ୍ତାରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଯାଇଥିବାର ମରୀଚିକା, ଅଥବା ବିଜୟୀଭାବରେ ଘୋଷିତ ହେବାର ପ୍ରଲୋଭନ । ନିଜକୁ ତିଳତିଳ କରି ଚିହ୍ନି ଚିହ୍ନି ଯିବାର ପରୀକ୍ଷା ଏ । ପ୍ରତ୍ୟେକ ପରମାଣୁରୁ ନିଃଶେଷିତ ଶକ୍ତିକୁ ଉପଯୋଗିତାର ଶୀର୍ଷରେ ପହଞ୍ଚାଇବାର ପ୍ରଚେଷ୍ଟାଏ । ଭରି ରହିଥିବ ପ୍ରତ୍ୟେକ ପଦକ୍ଷେପରେ ପ୍ରଚଣ୍ଡ ଆତ୍ମବିଶ୍ୱାସର ପ୍ରତିଶ୍ରୁତି । ଶକ୍ତି ରହିଥିବ ଅମାପ ପାଦତଳର କଣ୍ଟାଝଟାକୁ ଦଳି ଚକଟି ଧ୍ୱଂସ କରିଦେବାର ଦୃଷ୍ଟି ରହିଥିବ ଆଗକୁ ଆଗକୁ । ଅନନ୍ତ ଥିବ ଯା'ର ପରିସୀମା ।

ଭବିଷ୍ୟତରେ ଏଭଳି ଏକ ଯୁଦ୍ଧରେ ଅବତରିତ ହେବାର ସାମାନ୍ୟତମ ସୂଚନା ବି ନଥିଲା ତ ଅତୀତରେ । ଫୁଲଭଳି ରାସ୍ତା ସବୁ ଥିଲା କୋମଳ । ଦଉଡିହେଉଥିଲା ଆଖିବୁଜି ଦିଗହଜା ଭାବରେ । ଯେଉଁ ସଂଯମ ରକ୍ଷା କରିବାର ଭାର ଛନ୍ଦି ହୋଇଛି ପାଦରେ ଏବେ, ସେତେବେଳେ ଏତେ ଟିକେ ଦରକାର ନ ଥିଲା ତ ! ଯେଉଁ ଏକାକୀତ୍ୱର ବହ୍ନିପ୍ରତିଜ୍ଞାର ଭାର ଉଠାଇବାକୁ ପଡୁଛି କାନ୍ଧରେ ଏବେ, ସେତେବେଳେ ସ୍ୱପ୍ନରେ ନଥିଲା ତ ! ପ୍ରଶ୍ୱାସ ନେବାର ଶୈଳୀରେ ପରିବର୍ତ୍ତନର ଏ ଭୀଷଣ ବିସ୍ଫୋରଣକୁ ଆବୋରିନେବା ପାଇଁ ଜୀବନର ମୂଳଦୁଆକୁ ସେତିକି କଠିନ କରିଗଢାଯାଇ ନଥିଲା ତ ! ଅତୀତ ସହ ସେ ଲଢିବନି । ପାରିବ ତ ଲଢିବ ଭବିଷ୍ୟତ ସହ, ସାମ୍ନା ସାମ୍ନି । ଭବିଷ୍ୟତ ବର୍ତ୍ତମାନରେ ପରିବର୍ତ୍ତିତ ହେବା ପୂର୍ବରୁ, ସେ ତା' ବାଟ ଓଗାଳିବ । ନିଜ ହାତରେ ତା'କୁ ଆକୃତି ଦେବ । ନିଜ ରଙ୍ଗରେ ରଙ୍ଗେଇଦେବ । ଆତ୍ମାର ଦର୍ପଣରେ ନିଜର ପ୍ରତିବିମ୍ବକୁ ନିରେଖି ଦେଖିବ ସେ । ପାର୍ଥିବ ଜଡତ୍ୱର ଗନ୍ଧ ଭରି ରହିଥିବ ସେ' ଠି । ପରସ୍ତ ପରସ୍ତ ବସିଥିବ ମ୍ୟାଟେରିଆଲିଜିମ୍‌ର ସ୍ତର । ଏ ଜଡତ୍ୱରୁ ମୁକ୍ତି ଦରକାର ଖୁବ୍ ଶୀଘ୍ର ଅନେକ ବିଳମ୍ବ ହେଲାଣି । ସ୍ୱାଗତ ମୁଦ୍ରାରେ ବାହୁ ପସାରି ରହିଥିବ ଆକାଶ । ନିଃଶେଷ କରିଦେବାକୁ ଜ୍ଞାନର ଗନ୍ତାଘର ଅପେକ୍ଷା କରିଥିବ ସାଗର । ଦୂରରେ, ବହୁତ ଦୂରରେ ଯେଉଁଠି ଦିଗନ୍ତର ସବୁଜିମା ଆକାଶର ନୀଳିମା ସହ ମିଶି ଏକ ହୋଇଥିବ, ସେଇଠିକୁ ଦୌଡାଇଦେବ ସେ ମନଘୋଡାକୁ ଲଗାମ୍ ଛଡାକରି ।

ଯେଉଁଠି କେହି ପହଞ୍ଚି ପାରିବେନି ସେଇଠି ସେ ପହଞ୍ଚିବ ।

(ଶ୍ରୀ ତାପସ ରଂଜନ ସାହୁ ଇଣ୍ଟରନେଟ୍‌ରେ ପ୍ରକାଶିତ ଓଡିଆ ପତ୍ରିକା 'ସଂବିତ୍'ର ସଂପାଦକ । ସେ ସପରିବାର ବର୍ତ୍ତମାନ ଡାଲାସ୍ ଅଞ୍ଚଳରେ ବାସ କରୁଛନ୍ତି । ତାପସବାବୁଙ୍କର ଆତ୍ମ ଉପଲବ୍ଧି ରେ ଆତ୍ମପ୍ରତ୍ୟୟର ସ୍ୱର ସୁସ୍ପଷ୍ଟ । ଏହା ତାଙ୍କର ଅନ୍ତରଙ୍ଗ ଅଭିବ୍ୟକ୍ତି - ସଂପାଦକ )

# ଉପଯାଜକ

– ଶ୍ରୀମତୀ ଆରତୀ ମିଶ୍ର

ଆଜି ସକାଳୁ ପୁଣି ସେଇ କୁରୁକ୍ଷେତ୍ରର ପୁନରାବୃତ୍ତି । ବିକାଶ ହାତରେ ନିଜପାଇଁ ଓ ରୂପାପାଇଁ ଦୁଇ କପ୍ ଗରମ କଫି ଧରି ବେଡ୍‌ରୁମ ଦୁଆର ମୁହଁରେ ପହଞ୍ଚିଛନ୍ତି । ଭିତରୁ ଟିକେ ଚଢା ଗଳାରେ ଶୁଭିଲା, 'ସୁ, ପାଞ୍ଚ ମିନିଟ୍ ଭିତରେ ରେଡି ହୋଇ ତଳକୁ ଆସ୍ । ମୋର ଡେରି ହୋଇ ଯାଉଛି । ରୂପା ତର ତର ହୋଇ ଅଫିସ୍ ପାଇଁ ରେଡି ହୋଇ ଆରସି ଆଗରେ ଠିଆହୋଇଛି । ନିଜଉପରେ ଟିକେ ରାଗ ହେଲା ରୂପାର । କେତେ ସୁନ୍ଦର ରୂପ ଓ ରଙ୍ଗ , ଯତ୍ନ ଅଭାବରୁ ଜଣ ହେଲାଣି ଆସି । ବାଳସବୁ ଝଡି ଗଲାଣି । କହରା ପଡିଗଲାଣି । ଆଖି ତଳେ ସ୍ଥାୟୀ କଳା ଦାଗ । ମୁହଁରେ ସରୁ ସରୁ କୁଞ୍ଚ ପଡିଗଲାଣି । ସବୁ ଡ୍ରେସ୍ ଅଣ୍ଟାପାଖରେ ଟାଇଟ୍ ହେଲାଣି । ବାଳପାଇଁ, ମେକପ୍ ପାଇଁ ଓ ଫେସିଆଲପାଇଁ ଟିକେ ସମୟ ନାହି । ସପ୍ତାହରେ ପାଞ୍ଚଦିନ ତ ଗଲା ଏମିତି । ବାକି ଶନିବାର ରବିବାର ଲୁଗା ସଫା, ଘର ସଫା, ବଜାର-ହାଟ, ରନ୍ଧା-ବଢା । ପିଲାମାନଙ୍କର ଅଧିକା ହୋମଓ୍ୱାର୍କରେ ଗଲା । ଅନେକ ଦିନ ହେବ ବିକାଶଙ୍କ ସାଙ୍ଗରେ ଟିକେ କୁଆଡେ ବାହାରି ଯିବା, ଏକାଠି ବସି ଅଳସ ଭାବରେ କଥାବାର୍ତ୍ତା କରିବାକୁ ମଧ୍ୟ ସମୟ ନାହିଁ । ବିକାଶ ମଧ୍ୟ ଗ୍ୟାରେଜ ସଫା, ଗାଡି ସଫା,ବଗିଚା, ଘାସକଟା, ପୁଅର ଟେନିସ ଓ ଫୁଟବଲ୍ ମ୍ୟାଚ୍, ବିଲ୍ ଓ ସଂଚୟର କାଗଜ ପତ୍ର ନେଇ ଶନି-ରବିବାର ବ୍ୟସ୍ତ ରହିଲେ ।

ହଠାତ୍ ରୂପାର ଧ୍ୟାନ ଭାଙ୍ଗିଲା । ସୁ' ଓରଫ୍ ସୁଜାତାର କାନ୍ଦ କାନ୍ଦ ସ୍ୱର 'ଜେଜେମା' ଯେ ବାଥ୍ ରୁମ୍" କଥାରେ । ରୂପା ଅଧୈର୍ଯ୍ୟ ହୋଇ ଡାକି ପକାଇଲେ ଯେ ତଳ ବାଥ୍‌ରୁମକୁ ଚାଲିଆ । ସୁଜାତା ଆଉ ଟିକେ ଚଢା ଗଳାରେ କହିଲା, 'ମୋର ସବୁ ଥିଙ୍ଗସ୍ ଯେ ମୋ ବାଥ ରୁମ୍ ରେ ' । ବିକାଶଙ୍କ ହାତରୁ କଫି କପ୍ ନେଉ ନେଉ ରୂପା କହିଲା, 'ଆଚ୍ଛାନାଟଲାଗିଲା । ସବୁଦିନ ସକାଳୁ' ମା' ଙ୍କୁ କହିଲେ ଟିକେ ପରେ ବାଥ୍‌ରୁମ୍ ଗଲେ ହୁଅନ୍ତା ନାହିଁ । ଏହି ସମୟରେ ପୁଅ ରନ୍ ଓରଫ ରଣଜିତ୍ ତରତର ହୋଇ ପଶିଆସି କହିଲା," ମମ୍, ଆଜି ମୁଁ ଡ୍ରାଇଭ୍ କଲେ ହୁଅନ୍ତାନି" । ପନ୍ଦର ବର୍ଷ ବୟସରେ ପାଦ ଦେଇଥିବା ଏହି ରନ୍ ବିକାଶଙ୍କ ଠାରୁ ଲମ୍ବା ଓ ରୂପାଠାରୁ ଅନେକ ସୁସ୍ଥ ସବଳ । ରୂପା ତା' ଆଡକୁ ନ ଚାହିଁ କ ହିଲେ "ମୋର ଆଜି ଚାରି ମିନିଟ୍ ଡେରି ହୋଇଗଲାଣି । ତୁମ ଦୁହିଁଙ୍କୁ ସ୍କୁଲ-କ୍ରସିଙ୍ଗରେ ଛାଡି ମୁଁ ସିଧା ପଳାଇ ଯାଇପାରନ୍ତି । ତୁ ସ୍କୁଲ ପାର୍କିଂ ଲଟ୍‌ରେ ଗାଡି ପୂରାଇବୁ । ପୁଣି ଡ୍ରାଇଭର୍ ସିଟ୍‌କୁ ବଦଳେଇ, ସିଟ୍ ବେଲଟ୍ ଲଗାଇ ସେଠୁ ବାହାରିବାକୁ ମୋତେ ଆଉ ସାତ-ଆଠ ମିନିଟ୍ ସମୟ ଲାଗିବ । ଆଜି ଥାଉ, କାଲିପାଇଁ ମୁଁ ପ୍ରମିସ୍ କରୁଛି । କାଳେ ପୁଅର ମନ ଖରାପ ହୋଇଯିବ । ଏହି ସମୟରେ 'ସୁ' ଉପରୁ ତରତର ହୋଇ ଓହ୍ଲାଇ ଆସୁ ଆସୁ କହୁଥାଏ" ମମ୍, ମୁଁ ରେଡି । ଚାଲ୍‌ଚାଲ୍ ।" ରୂପା ବିକାଶଙ୍କ ଉଦ୍ଦେଶ୍ୟରେ ଗୋଟାଏ 'ବାଏ' ଫୋପାଡିଦେଇ ପର୍ସ ଚାବି ଇତ୍ୟାଦି ଧରି ତରତର ହୋଇ ବାହାରିଗଲା । ବିକାଶ କଫି କପ୍ ହାତରେ ଧରି ଜୁଳୁ ଜୁଳୁ ହୋଇ ଚାହିଁ ରହିଲେ ।

ପଛରୁ ପାଦ ଶବ୍ଦରେ ବିକାଶଙ୍କର ଧ୍ୟାନ ଭାଙ୍ଗିଲା । ପଛକୁ ଚାହିଁ ଦେଖିଲେ ଯେ ମା' ଆସ୍ତେ ଆସ୍ତେ ସିଡିରେ ଧରି ଧରି ଓହ୍ଲାଉଛି । ଧଳା ଫୁର୍‌ଫୁର୍ ପାଚିଲା ବାଳ । ଦୁର୍ବଳ ଶରୀର । କ୍ଳାନ୍ତ ଆଖିରେ ବିଗତ ଜୀବନ ସଂଗ୍ରାମର ପ୍ରତିଛବି । ଖାଲି ହାତ, ଖାଲି ବେକ, ଖାଲି କାନ, ସଂପୂର୍ଣ୍ଣ ନିରାଭରଣା । ବିକାଶଙ୍କୁ ଏକା ଦେଖି ଆଖିରେ ଖୁସି ଭାବ । ମୁଁହ ଖୋଲିଲେ," ତୁ ଚା'ଖାଇଲୁଣି ?" ହଠାତ୍ ବିକାଶ ଅନେକ ବର୍ଷ ପଛକୁ ଚାଲିଗଲେ । ଗୁରୁବାର ଦିନ ସକାଳୁ ସଦ୍ୟସ୍ନାତା ଏଇ ମା' ରଙ୍ଗୀନ ଶାଢୀ ପିନ୍ଧିଥାଏ, ଓଦା ବାଳ ଛାଡିଥାଏ । ମୁଣ୍ଡରେ ସିନ୍ଦୂର ଟୋପା, ଗୋଡରେ ଅଳତା , ଘରସାରା ଝୋଟି-ଚିତା, ନିଦ ଭାଙ୍ଗିଲା ବେଳେ ଧୂପର ଗନ୍ଧ ଓ ଗୁଣୁ ଗୁଣୁ ସ୍ୱରରେ ଲକ୍ଷ୍ମୀ ପୁରାଣର ଗୀତ । ଘାଲେଇ ବିଛଣାରେ ପଡିଥିବା ବେଳେ ମଧ୍ୟ ମା' ଥାଳିଆରେ ଉଖୁଡା, କଦଳୀ ଓ ଛେନା ଚକଟା ଧରି ବିକାଶ ଓ ସାନ ଭାଇ ବିଜୟକୁ ହଲାଇ ହଲାଇ ଉଠାଏ । "ଉଠ ଉଠ । ଅଳସୁଆ ଗୁଡା । ଦାନ୍ତ ଘଷି ଆଗ ଭୋଗ ଖାଅ ।" ସେ ତରତର ହୋଇ " ନାଁ ନାଁମୋର ଡେରି ହେଲାଣି । ମୁଁ ଯାଉଛି କହି ବାଥ ରୁମ୍‌ଆଡେ ମୁହାଁଇଲେ । ଯାଉ ଯାଉ ମା 'ର ବେକରେ ନଜର ପଡିଗଲା । ଚାରିସରିଆ ବଡ ହରଡ ଫାଳିଆ ହାରଟି ବେକରେ ଝୁଲୁଥିବାର ବିକାଶ ଜନ୍ମରୁ ଦେଖିବାରେ ଅଭ୍ୟସ୍ତ ।"

ବାଥ୍ ରୁମ୍ ଆଡେ ଯାଉ ଯାଉ ବିକାଶ ପୁଣି ଅନ୍ୟମନସ୍କ ହେଲେ । ମୁଁହସଞ୍ଜର ଝାପ୍‌ସା ଆଲୁଅରେ ମା' ସଂନ୍ଧ୍ୟା ଦେଇ, ବାପାଙ୍କ ରୁମ୍‌ରେ ପଶିଲା । ବାପା ଖଟ ଉପରେ ଚିତ୍‌ହୋଇ ଶୋଇଥାନ୍ତି ଓ ହାତ ଆଖିଉପରେ ଥାଏ । ପାଖ ରୁମ୍‌ରେ ବିକାଶ ତାଙ୍କର ଓ ବିଜୟର ଇଜିମାଲୀ ରୁମ୍‌ରୁ ନିଜ ବହିପତ୍ର ଓ ଲୁଗାପଟା ଇତ୍ୟାଦି ସଫା କରୁଥାନ୍ତି । ମାଁର ଚାପାଗଳା ଶୁଭିଲା ।" ଶୋଇ ରହିଲେ କ'ଣ କିଏ ଦୁଆରେ ଆଣି ଥୋଇ ଦେଇଯିବ ? କିଛି ଗୋଟାଏ ବନ୍ଦୋବସ୍ତ କରୁନା ! ବାପାଙ୍କର ଉତ୍ତର ଶୁଭିଲା, କଣ ଦୁଇଚାରି ହଜାର ଟଙ୍କା ହୋଇଛି ଯେ କୋଉଠୁ ବନ୍ଦୋବସ୍ତ କରି ପକେଇବି ? ଏକାବେଳକେ ପଚାଶ ଷାଠିଏ ହଜାର ଟଙ୍କା କିଏ - ମୁଁ କିଏ ! ଏପରିକି ଏଇ ଘର ଖଣ୍ଡିକ କରିବାରେ ଓ ଦୁହିଁଙ୍କୁ ପାଠ ପଢଇବାରେ ମୋର ପ୍ରୋଭିଡେଣ୍ଟ୍ ଫଣ୍ଡ୍ ମଧ୍ୟ ଶେଷ ।" ମା'ର ଟିକେ ଚଢା ଗଳାରେ ଶୁଭିଲା" ମୋ'ପୁଅ ଭଲ ପାଠ ପଢି ଆମେରିକା ଯିବ । କାହିଁ ଆଉ ତ କେହି ଯାଉ ନାହାନ୍ତି । ସେ କେତେ ଚାକିରୀ କରିବ । କେତେ ଟଙ୍କା ଛାଣି ଆଣିବ, ଦୁଃଖ କଣ ରହିବ ? ଆଉ ଅଭାବ ହେଲେ ଏଇଠି ମାଟି କାମୁଡି ପଡିବ । ଆମ ଭଳି ଯାହା ରୋଜଗାର କରିବ ଖଡିକି ପାଇଲେ ପେଡିକି ନାହିଁ । ମୋ ନାଁରେ ଯେଉଁ ଜମି ପାଞ୍ଚ ମାଣ ଅଛି, ତାକୁ ଛାଡି ଦିଅ । ଚାଉଳ ଆଉ ଏମିତି କେତେ ଯେ କିଣି ନେବା ।" ବାପାଙ୍କ ଉତ୍ତର ଶୁଭିଲା, " ସେ ଜମି ପାଞ୍ଚ ମାଣରେ ଛେନା ଗୁଡ ହେବ ।" କିଛି ସମୟର ନୀରବତା । ତା' ପରେ ବାପାଙ୍କର ଚଢା ଗଳା ।

-ଇଏ କଣ ବେକ ହାତ ଖାଲି କରି ପକାଉଛ ଯେ ? ମା'ର ଚାପା ଗଳାରେ ଉତ୍ତର-"ଏମିତି କାହିଁକି ହେଉଛ ? ମୋ ସୁନା ମୋ' ଇଛା

ହେଲେ ରଖିବି ନ ହେଲେ ନାହିଁ । ଠାକୁରେ ଚାହିଁଲେ କାଲି ସକାଳେ ପୁଅ ମୋ'ର କେତେ କଣ କରିବ । ଏକୋଇଶ ବର୍ଷର ଯୁବକ, ବିକାଶ ମୁଣ୍ଡପୋତି ମନେ ମନେ ଚାକିରି କଲାପରେ ନିଶ୍ଚେ ମା'ର ଚୁଡି ଗଢାଇ ଦେବାକୁ ପ୍ରତିଜ୍ଞାବଦ୍ଧ ହେଲେ । ହେଲେ କଣ କେମିତି ହେଲା । ଏବେ ଯାଏ ବି ମାର ହାତ ବେକ ଖାଲି ।

ଆମେରିକାରେ ପହଞ୍ଚିବାର ପ୍ରଥମ ପାଞ୍ଚ ବର୍ଷ ବିକାଶଙ୍କର କଠିନ ପରିଶ୍ରମ ସହିତ ଅଳପ ଧନ ବିକଳ ମନ ଅବସ୍ଥା । ମଝିରେ ମଝିରେ ପଡିଶା ଘର ଫୋନ୍‌କୁ ଫୋନ୍ କରି ମା'ସହିତ କଥାବାର୍ତ୍ତା କରନ୍ତି । ମାସକୁ ଥରେ, ମା' ହାତ ଲେଖା ଚିଠି ଖଣ୍ଡିଏ ପାନ୍ତି, ତହିଁରେ ନିଜକଥା ଅପେକ୍ଷା ବିଜୟର କଥା ଉଲ୍ଲେଖ କରନ୍ତି– ସାନ ପୁଅର ଶେଷ ବର୍ଷ ପରୀକ୍ଷା । ତାକୁ ଅଧିକ ପଢାଇବାକୁ ଆଉ ଆମର କ୍ଷମତା ନାହିଁ । ତୁ ତା'ପାଇଁ କିଛି ବନ୍ଦୋବସ୍ତ କରିବାକୁ ଅନୁରୋଧ । ବିକାଶ ତାଙ୍କର ସାମନ୍ୟ ଗଚ୍ଛିତ ଧନରେ ବିଜୟକୁ ଆମେରିକାର ଗୋଟିଏ ସାଧାରଣ ଇଉନିଭରସିଟିରେ ପାର୍ଟ ଟାଇମ୍ ଚାକିରି ଓ ପାଠର ବନ୍ଦୋବସ୍ତ କରାଇପାରିଲେ । ମାତ୍ର ଥରେ ହେଲେ ଆଉ ଇଣ୍ଡିଆ ଯାଇ ପାରିବାର ରକମ୍ ଯୋଗାଡ କରି ପାରିଲେ ନାହିଁ । ବାପାଙ୍କ ସହିତ ଶେଷ ଦେଖା ଆଉ ହୋଇ ପାରିଲାନାହିଁ । ବିଜୟ ଆସିବାର କିଛି ଦିନ ପରେ ସାମନ୍ୟ ୨/୪ ଦିନ ଜ୍ୱରରେ ବାପା ହଠାତ୍ ଚାଲିଗଲେ । ଶେଷକୃତ୍ୟ ପାଇଁ ମଧ୍ୟ ବିକାଶ ଯାଇ ପାରିଲେ ନାହିଁ । ନୂଆ ଚାକିରୀ । ଛୁଟି ନାହିଁ । ହଠାତ୍‌ରେ ଶସ୍ତା ଟିକଟ୍ ମିଳିଲା ନାହିଁ। ରାସ୍ତା ଖର୍ଚ୍ଚପାଇଁ ପଇସା ନାହିଁ । ମା' ସବୁ ଚଳେଇ ନେଲା । ପର ଚିଠିରେ ମା' ବିକାଶକୁ ଘରକୁ ଆସିବାକୁ ଓ ବାହା ହେବାକୁ ଅନୁରୋଧ କଲା । ଆମେରିକା ଆସିବାର ୧୧ ବର୍ଷ ପରେ ବିକାଶ ଘରକୁ ଗଲେ । ସବୁ ବଦଳି ଯାଇଛି । ଘର ଖଣ୍ଡିକ ଓ ବାପାଙ୍କର ସାମାନ୍ୟ ପେନ୍‌ସନ୍ ଟଙ୍କା ସମ୍ବଳ ପରି ପଡି ରହିଛି ।

ବିଖ୍ୟାତ କଣ୍ଟ୍ରାକଟର୍ ଅର୍ଜୁନ ସାମନ୍ତରାୟଙ୍କର ସୁନ୍ଦରୀ କନ୍ୟା 'ରୂପା' ସହିତ ବିକାଶଙ୍କର ବିବାହ ମଧ୍ୟ ହେଲା । ରୂପା କିଛି ଦିନ ବାପଘରେ ରହି ଆମେରିକା ଚାଲି ଆସିଲା । ସେ ସୁନ୍ଦରୀ ଓ ଶିକ୍ଷିତା । ଏଠାକାର ଚାକିରି ଓ ପାରିବାରିକ ଜୀବନକୁ ସେ ଅଭ୍ୟସ୍ତ ହୋଇଗଲା । ସାଙ୍ଗେ ସାଙ୍ଗେ ରଣ୍‌ଜିତ୍‌ର ଆବିର୍ଭାବ । ବିକାଶ ନିଜ ଜୀବନ ଛଡା ଆଉ କିଛି ଭାବିବାକୁ ସମୟ ପାଇଲେ ନାହିଁ । ଏହା ମଧ୍ୟରେ ବିଜୟ ସହପାଠିନୀ ଲିନା ନାମକ ଆମେରିକାନ୍ ଝିଅକୁ ସ୍ୱଇଚ୍ଛାରେ ବିବାହ କରିଛି । ଘର ବା ବିକାଶଙ୍କ ସହିତ ତା'ର ବିଶେଷ ସଂପର୍କ ନାହିଁ। କେବେ କେବେ ଫୋନ୍‌ରେ ବିକାଶଙ୍କ ସହିତ ଯାହା କଥାବାର୍ତ୍ତା ହୁଏ ବର୍ଷକୁ ଥରେ ଅଧେ ସୁଜାତାର ଆଗମନପରେ ବିକାଶ ଓ ରୂପା ପିଲାଙ୍କ ଜୀବନ ଗଠନ , ନିଜର ଚାକିରୀ, ଘର ଓ ପାରିବାରିକ ସମସ୍ୟାରେ ବୁଡି ରହିଲେ । ପଡିଶା ଘରକୁ ଫୋନ୍ କରିବା ବହୁତ ଦିନରୁ ବନ୍ଦ ହୋଇ ଯାଇଥିଲା । ଧିରେ ଧିରେ ମା' ର ହାତ ଲେଖା ଚଠି ମଧ୍ୟ ବନ୍ଦ ହୋଇଗଲା ।

ବିକାଶ ବେଳେବେଳେ ମାନସିକ ଦ୍ୱନ୍ଦ୍ୱ ଓ ଗ୍ଲାନୀର ଶିକାର ହୋଇପଡନ୍ତି ଅନିଚ୍ଛାସତ୍ୱେ। ସେପ୍ରକାର ଭାବନା ଓ ଅନୁଭବ ତାଙ୍କର ଏକାନ୍ତ ନିଜସ୍ୱ । ମନର ଅନ୍ଧାର କୋଠରୀ ଭିତରେ ଏକାନ୍ତ ମୂହୁର୍ତ୍ତରେ ସେ ଅନୁଭବ ତାଙ୍କୁ ତିଳ ତିଳ କରି ଜାଳେ । କୋଠରୀକୁ ରୂପାର ମଧ୍ୟ ପ୍ରବେଶ ନାହିଁ । ହଠାତ୍ ଦିନେ ରାତିରେ ସେ ରୂପାକୁ କହିଲେ ଯେ ମା'କୁ କିଛି ଦିନ ପାଇଁ ଏଠାକୁ ଆଣିପାରିଲେ ଭଲ ହୁଅନ୍ତା ନି ? କେତେଦିନ ସେ ବା ଆଉ ବଞ୍ଚିବ ?

ରୂପା ନୀରବ ରହିଲା । "ତୁମେ କ' ଣ ତାଙ୍କ ଜାତକ ଦେଖିଛ ?" କଥାଟିକୁ ବହୁତ କଷ୍ଟରେ ମନରେ ଅଟକାଇ ରଖିଲା । ଯେ କଥା ଯେତେବେଳେ ଉଠିଲାଣି ଅଯଥା ବିକାଶଙ୍କୁ କଷ୍ଟଦେଇ ଲାଭ ନାହିଁ । କିଛି ସମୟ ନୀରବ ରହି କହିଲା ଯେ ଉପରେ ଗୋଟିଏ ମାତ୍ର ଗେଷ୍ଟ ରୁମ୍ , ଗୋଟିଏ ଗାଧୁଆ ଘର, ତା'ପରେ ନିରାମିଷ ଲୋକ ଆସିଲେ ତ ଛଅ ମାସ ରହିବେ । ବୋଉ ଆସିକରି ଥରେ ବୁଲିଯା'ନ୍ତୁ । ଭିସା ବଢେଇଲେ ଆଉ ଛଅ ମାସ ରହିବା କଥାଟି ବିକାଶଙ୍କ ପାଟିରୁ ବାହାରି ପାରିଲା ନାହିଁ ।

